| 1 | Hospital Assistant. | 50 p. m. |
| 1 | Compounder | 10 p. m. |

None but passed and competent men need apply. Applications to be sent to undersigned on or before April 30th. After which date none will be received.

Baripada. H. WYLLY, Manager.

# ନୂତନ ପୁସ୍ତକ ।

## ବନବାଳା ନାଟକ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତି ଖଣ୍ଡକୁ ଟ ୦ ୵ ବାରଅଣା ମାତ୍ର । ମୋଫସଲ ସ୍ଥାନରେ ଡାକମାସୁଲ ଟ ୦୧ ୬ ଲାଗିବ ।

ଯେହେତୁ ଦୁଇଜଣ ପୁରୁଷ ଲୋକ ଯେଉଁମାନଙ୍କର ହୁଲିଆ ନିମ୍ନରେ ବର୍ଣ୍ଣନା କରାଗଲା ସେମାନେ କଟକଠାରୁ ୧୫ ମାଇଲ ଦୂର ଗଞ୍ଜାମକ୍ଷୁଦ୍ରାର ପାର୍ଶ୍ୱରେ ମୃତ ପଡିଥିବାର ସନ ୧୮୯୧ ସାଲ ମାର୍ଚ୍ଚମାସର ତା ୨୭ ଇଖ ପ୍ରାତଃକାଳରେ ଦେଖା ହୋଇଅଛି । ବୋଧ ହୁଏ ସେମାନେ ବଙ୍ଗାଳ ସୁଗମୋକାମକୁ ଯାତ୍ରୀଙ୍କ ସ୍ୱରୂପେ କମ୍ପାଇଷ୍ଟକୋଷ୍ଟ ରେଲ ଏଲାକାର କଣ୍ଟ୍ରାକ୍ଟରର ନେବା ଇଚ୍ଛାରେ ଯାଉଥିଲେ, ଯଦି କେହି ବ୍ୟକ୍ତି ସେମାନଙ୍କର ବିବରଣ ଜାଣନ୍ତି ଓ ଜଣେଇବାକୁ ଇଚ୍ଛା କରନ୍ତି ତେବେ ପୁରୀଜିଲାର ଡିଷ୍ଟ୍ରିକ୍ଟ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଅଥବା ଖୋର୍ଦ୍ଧା ମୋକାମ ସବଡିଭିଜନ ଅଫିସର ସାହେବଙ୍କ ନିକଟରେ ଜଣେଇ ପାରିବେ ।

୧ । ବୃଦ୍ଧଲୋକ ଜଣେ ନାମ ଧାମ ଓ ପିତାର ନାମ ଜଣା ନାହିଁ ଗହମବର୍ଣ୍ଣ ବୟସ ବ ୫୦ ବର୍ଷ ମୁଣ୍ଡରେ ଖୁଣ୍ଟିବାଳ ଛହିଁ ମଧ୍ୟରୁ କେତେକ ପାଚି ଅଛି ଓ ସାମନା ତରଫ ଗୋଲକର ଦକାମତ ହୋଇ ଅଛି ମଧ୍ୟମ ଆକୃତି ପତଳା ଶରୀର ଦାଢ଼ୀ ମୁଁଡ ଦକାମତ ହୁଏ, ବେକରେ ତିନି ଲହର କାଠର ମାଳ ଅଛି । ଉପରୁ ପାଟିର ଦାନ୍ତ ଦୁଇ ଭିନଗୋଟା ପଡିଯାଇ ଅଛି, ଆନଫଡ଼ା ଧୋତି ପିନ୍ଧି ଅଧେ ଅଣ୍ଟାରେ ବାନ୍ଧି ଅଛି, ଦୁଇ କାନ ଫୋଡ଼ା ଚେହେରା ବଙ୍ଗଳାର ଲୋକ ପରି, ନିକଟରେ ଗୋଟିଏ ଖୋଟ ହୁକା ଓ ଗୋଟିଏ ବଙ୍ଗଲାଦେଶର ଚିଲମ ।—

୨ । ଜୁବା ପୁରୁଷ ଜଣେ ନାମ ଧାମ ଓ ପିତାର ନାମ ଜଣା ନାହିଁ । ବୟସ ଅନ୍ଦାଜ ବ ୩୦ ବର୍ଷ କଳାବର୍ଣ୍ଣ ମୁଣ୍ଡରେ ଖୁଣ୍ଟିବାଳ ଆଉ ସାମନାରେ ଗୋଲକର ଦକାମତ ହୋଇ ଅଛି ନାକ ପତଳା ମୁଁଡ ଅଛି ଦାଢ଼ି ଦକାମତ ହୁଏ ବେକରେ ତିନି ଲହର କାଠର ମାଳ ଖଣ୍ଡେ ଆନଫଡ଼ା ଧୋତି ପିନ୍ଧି ଅଧେ ଅଣ୍ଟାରେ ବାନ୍ଧିଅଛି, ପତଳା ଶରୀର ମଧ୍ୟମ ଆକୃତି, ଦା ୧୦ ହାତ ଅନ୍ତରରେ ଗୋଟିଏ ଖୋଟ ହୁକା ଓ ବଙ୍ଗଳାଦେଶର ଚିଲମ ଥିଲା, ୩୦ ହିଁ ମାର୍ଚ୍ଚ ସ ୧୮୯୧ ମସିହା ।

Khorda The 1st April 1891 } F. W. DUKE Sub-Divisional Magistrate Khorda.

## ମହାଭାରତ ।

### ମୂଳଗ୍ରନ୍ଥରୁ ଅନୁବାଦିତ ସଟୀକ ।

ପ୍ରଥମଭାଗ ଆଦି ପର୍ବ ଛପା ହୋଇଅଛି । ଆକାର ରଏଲ ୮ ପେଜି ପୃ ୨୦୩ ଖୁ । ମୂଲ୍ୟ ଟ ୧୵ ଅଣା ଅଗ୍ରୀମ ଗ୍ରାହକଙ୍କ ନିମନ୍ତେ ଟ ୦୵ ବର୍ତ୍ତମାନ ଠାରୁ ଏ ବୈଶାଖ ଶେଷ ପର୍ଯ୍ୟନ୍ତ ଟ ୧ ଙ୍କାରେ ଦିଆଯିବ ।

ଡାକ ଦ୍ୱାରି ଟ ୦୵୬ ଅର୍ଦ୍ଧ ପଡ଼ିବ

ଅବଶିଷ୍ଟ ପର୍ବମାନ ଦୁଇ ଭାଗରେ ବାହାରିବ, ବିଶେଷ ବିବରଣ ବହି ନେଲେ ଛହିଁ ରୁ ଜାଣି ଆମ୍ଭ ନିକଟକୁ ପତ୍ର ଲେଖିଲେ ଜାଣି ପାରିବେ । ଆମ୍ଭ ନିକଟରେ ଓ ପୁସ୍ତକ ବୋକାନମାନଙ୍କରେ ବହି ମିଳିବ ।

୩।୪।୯୧ } ଶ୍ରୀଗୁଣନିଧି ଦାସ ତିଗରିପଡ଼ା କଟକ

ଏହି ଉତ୍କଳଦୀପିକା ସ୍ୱତନ୍ତ୍ର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୨ ଶ / ସ ୧୮ ଖ୍ୟା } ତା ୨ ରଖ ମାହେ ମଇ ସନ ୧୮୯୧ ଇଂରାଜୀ । ମୁ । ବୈଶାଖ ବ ୨୧ ଦିନ ୧୨୯୮ ସାଲ ସନକାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩, / ପଶ୍ଚାଦେୟ ଟ ୪,

ଶ୍ରୀ ଜଗନ୍ନାଥ-ସନାତନଧର୍ମରକ୍ଷଣୀ ସଭାର ଏକ ଅଧିବେଶନର ବିବରଣରୁ ଜଣାଯାଏ ଯେ ଶ୍ରୀମନ୍ଦିରର ଛତିଶନିଯୋଗ ସେବକମାନେ ସେ-ବକସମ୍ମିଳନୀନାମରେ ଏକସଭା କରିଅଛନ୍ତି ଏବଂ ପ୍ରଧାନ ୨ ବ୍ୟକ୍ତିମାନେ ତହିଁର ସଭାପତି ଓ ସମ୍ପାଦକ ହୋଇଅଛନ୍ତି । ଏ ସଭାର ଉଦ୍ଦେଶ୍ୟ ଏହା ପ୍ରକାଶିତ ହୋଇ ନାହିଁ ।

---

କଲିକତା ନଗରରେ ବାସ କରୁଥିବା ଇ-ଉରୋପୀୟ ଏବଂ ଇଉରେସୀୟ ଅର୍ଥାତ ଫିରିଙ୍ଗିଙ୍କ ମଧ୍ୟରେ ଦରିଦ୍ରତା ବୃଦ୍ଧି ହେଉଅଛି କି ନାହିଁ ଏବଂ ବୃଦ୍ଧି ହେଉଥିଲେ କିପରିମାଣରେ ହେଉ-ଅଛି ଏଥିର ତଦନ୍ତ ନିମନ୍ତେ ମାନ୍ୟବର ଗ୍ରେଟ ଲାଟ ଗୋଟିଏ କମିଟୀ ନିଯୁକ୍ତ କରିଅଛନ୍ତି ରେବିନ୍ୟୁବୋର୍ଡ଼ର ମେମ୍ବର ଶ୍ରୀଯୁକ୍ତ ମାନ୍ୟବର ହାରିସନ ସାହେବ ଏ କମିଟୀର ସଭାପତି ଏବଂ ଗୋମେସ ସାହେବ ସମ୍ପାଦକ ହୋଇ ଅଛନ୍ତି । ଆଗାମି ନବମ୍ବର ମାସ ତା ୧ ରିଖରେ ରିପୋର୍ଟ କରିବା ନିମନ୍ତେ କମିଟୀପ୍ରତି ଆଦେଶ ହୋଇ-ଅଛି ।

---

ମହୀସୂରପ୍ରଦେଶସ୍ଥ ସାମୁଗାଜିଲ୍ଲାର ଅମିଲଦାର ଶ୍ରୀ ବିଠଳ ନଗେଶ ସ୍ୱର୍ଣ୍ଣ ଜର୍ମାନୀ ଦେଶରୁ ଆବଶ୍ୟକୀୟ କଳ ଇତ୍ୟାଦି ଆଣାଇ ଆପଣା ତାଲୁକରେ ଚରବିବତୀ ଓ ସାବୁନ ପ୍ରସ୍ତୁତ କରିବାର ବ୍ୟବସାୟ ଦୁଇବର୍ଷ ହେଲା ଆରମ୍ଭ କରିଅଛନ୍ତି । ତାହାଙ୍କ କାରଖାନାରେ ପ୍ରତିଦିନ ୪୦୦୦ ବତୀ ପ୍ରସ୍ତୁତ ହୁଅଇ । ବଡ଼ ଆନନ୍ଦର ବିଷୟ ଯେ ଏଥିମଧ୍ୟରେ ତାହାଙ୍କର ଏହି କାରଖାନା ଲାଭଜନକ ହୋଇଅଛି । କର ଜା-ଣିଲେ ଅଳ୍ପମୂଳଧନରେ କେମନ୍ତ ଲାଭକର ବ୍ୟବସାୟ ହୋଇ ପାରେ ଏ କାରଖାନା ତହିଁର ଗୋଟିଏ ଦୃଷ୍ଟାନ୍ତ ଅଟଇ ।

—o❋⁂❋o—

ପଶ୍ଚିମରୁ ଜ ୨୨ ଣ ଯାବଜ୍ଜୀବନ ଦ୍ୱୀପାନ୍ତର-ଦଣ୍ଡ ପାଇଥିବା କଇଦୀ ରେଲଗାଡ଼ିରେ କଲି-କତାକୁ ଆସୁଥିଲେ । ଏମାନଙ୍କ ସଙ୍ଗେ ପହରା ଦେବାକାରଣ ଜ ୨୦ ଣ କନେଷ୍ଟବଲ ଦୁଇ-ଜଣ ହେଡ଼କନେଷ୍ଟବଲ ଓ ଜଣେ ସରଜଣ୍ଟ ଥିଲେ । ଚୁନାରଷ୍ଟେସନ ନିକଟରେ କଇଦୀମା-ନେ ଗାଡ଼ି ଚଳୁଥିବା ସମୟରେ ମେଳ କରି ପହରାବାଲାଙ୍କୁ ପ୍ରହାର କରି ଜ ୧୬ ଣ କଇଦୀ ଗାଡ଼ିରୁ ଡେଇଁ ପଡ଼ିଲେ । ତିନିଜଣ ତଳେ ପଡ଼ି ମରିଗଲେ ମାତ୍ର ଅବଶିଷ୍ଟ ପଳାୟନ କଲେ । ଏଥିମଧ୍ୟରୁ କେତେଜଣ ଧରାପଡ଼ିଅଛନ୍ତି ବାକି କଇଦୀଙ୍କ ଠିକଣା ମିଳି ନାହିଁ । ଜଣେ କନେଷ୍ଟ-ବଲ ଏମାନଙ୍କ ପଛରେ ଗାଡ଼ିରୁ ଡେଇଁପଡ଼ି-ଥିଲା ମାତ୍ର କିଛି କରିପାରିଲା ନାହିଁ ପଶ୍ଚିମା ବଦମାସ୍ୟମାନଙ୍କର ସାହାସ ସାମାନ୍ୟ ନୁହେ ।

---

ତାରସମ୍ବାଦରୁ ଜଣାଯାଏ ଯେ ସିରଙ୍ଗାଇଙ୍କ ସହିତ ଇଂରାଜସେନାର ଯୁଦ୍ଧ ଲାଗିଅଛି । ଇଂରାଜସେନା ଠାବେ ୨ ଯୁଦ୍ଧ କରି କ୍ରମାଗତ ଅଗ୍ରସର ହେଉଅଛନ୍ତି ଏଥିରେ ଇଂରାଜଙ୍କର ଦୁଇ ଏକଜଣ ସରଦାର ଏବଂ କେତେକ ସିପାହୀ ହତ ହୋଇଅଛନ୍ତି ମାତ୍ର ଶତ୍ରୁପକ୍ଷର ଅନେକଲୋକ ମରାପଡ଼ିଅଛନ୍ତି । ଏପରି ଗ୍ରାମ ବାସିଙ୍କର ବିସ୍ତର କ୍ଷତି ହୋଇଅଛି କାରଣ ଇଂରାଜସେନା ଏକ ୨ ଗ୍ରାମ ପୋଡ଼ି ଦେଉ-ଅଛନ୍ତି । ଇଂରାଜ ଗବର୍ଣ୍ଣମେଣ୍ଟ ମିରଜାଇଙ୍କ ଦେଶବାଟେ କାବୁଲକୁ ସଡ଼କ ପ୍ରସ୍ତୁତ କରୁଥି-ବାରୁ ସେମାନେ ଏଯୁଦ୍ଧରେ ପ୍ରବୃତ୍ତ ହୋଇ-ଅଛନ୍ତି କାରଣ ସେମାନେ କୌଣସିମତେ ଆପ-ଣା ରାଜ୍ୟକୁ ଇଂରାଜଙ୍କୁ ଛାଡ଼ିଦେବାକୁ ଇଚ୍ଛା କରନ୍ତି ନାହିଁ । ସେମାନଙ୍କର ବିଶ୍ୱାସ ଯେ ଇଂରାଜ ସେମାନଙ୍କ ରାଜ୍ୟମଧ୍ୟରେ ପ୍ରବେଶ କଲେ ଭାରି ଅନିଷ୍ଟ ହେବ ।

---

ଗତ ବୁଧବାର ରାତ୍ରି ଘ ୭ ଟା ସମୟରେ ଏନଗର ପ୍ରିଣ୍ଟିଂକମ୍ପାନୀଙ୍କ କୋଠାରେ ନୂତନ ସ୍ଥାପିତ ଓଡ଼ିଶା ଭୂମ୍ୟଧିକାରିସଭାର ଏକ ପୂର୍ଣ୍ଣ ଅଧିବେଶନ ହୋଇଥିଲା । ପ୍ରାୟ ୫୦-୬୦ ସଭ୍ୟ ଉପସ୍ଥିତ ହୋଇଥିଲେ । ମୋଫସଲରୁ ଅନେକ ଜମିଦାର ପ୍ରତିନିଧି ପଠାଇ ସଭାରେ ଯୋଗ ଦେଇଥିଲେ । ସଭାପତି ଶ୍ରୀ ଚୌଧୁରି କୃତ୍ତିବାସ ଦାସ କାର୍ଯ୍ୟାରମ୍ଭ କଲାରୁ କେତେକ ତର୍କବିତର୍କ ଉତ୍ତାରୁ ସ୍ଥିର ହେଲା ଯେ କାର୍ଯ୍ୟନିର୍ବାହକ କମିଟୀ ସଭାର ଉଦ୍ଦେଶ୍ୟସାଧନ ନିମିତ୍ତ ପ୍ରୟୋଜନୀୟ

Digitized by srujanika@gmail.com

Split by PDF Splitter



ସକଳକାର୍ଯ୍ୟ ନିର୍ବାହ କରବେ ଏବଂ ଉହିଁର ବ୍ୟୟ ନିର୍ବାହାର୍ଥ ସାଧାରଣ ସଭାର ପୂର୍ବନିର୍ଦ୍ଧାରଣ ଅନୁସାରେ ନିଶ୍ଚିତ ହୋଇଥିବା ସୀମାମଧ୍ୟରେ ଆବଶ୍ୟକୀୟ ଚାନ୍ଦା ଉସୁଲ କରବେ । ଉପସ୍ଥିତ ଥିବା ଜମିଦାର ଓ ପ୍ରତିନିଧିମାନେ ଏକବାକ୍ୟରେ ଚାନ୍ଦା ଦେବାକୁ ସମ୍ମତ ପ୍ରକାଶ କଲେ ଓ ସଭାପତିଙ୍କି ଧନ୍ୟବାଦ ଦିଆଯାଇ ରାତ୍ର ଘ ୯ଘଣ୍ଟା ସମୟରେ ସଭା ଭଙ୍ଗ ହେଲା ।

---

ଶ୍ରୀ କ୍ଷେତ୍ରର ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର-ସଂସ୍କାର ନିମିତ୍ତ ଅର୍ଥ ସଂଗ୍ରହ କରିବା ଉଦ୍ଦେଶରେ ଗତମାସ ତା ୧୬ ରିଖରେ ବାଲେଶ୍ୱରରେ ଗୋଟିଏ ସଭା ହୋଇଥିଲା । ରାଜା ବୈକୁଣ୍ଠନାଥ ଦେ ବାହାଦୁର ସଭାପତି ହୋଇଥିଲେ । ଜଗନ୍ନାଥମନ୍ଦିରସଂସ୍କାରଣୀ ଶାଖାସଭା ନାମରେ ଗୋଟିଏ ସଭା ବାଲେଶ୍ୱରରେ ଗଠିତ ହେଲା ଓ ଉହିଁର ସଭ୍ୟବୃନ୍ଦ ମନୋନୀତ ହେଲେ । ଏ ସଭା ପୁରୀ ଓ କଟକର ସଭାସଙ୍ଗେ ଏକଯୋଗ ହୋଇ କାର୍ଯ୍ୟ କରବେ । ରାଜା ବୈକୁଣ୍ଠନାଥ ଦେ ବାହାଦୁର ଏ ସଭାର ସଭାପତି ଏବଂ ବାବୁ ସତ୍ୟେନ୍ଦ୍ରନାଥ ଦେ ସମ୍ପାଦକ ଓ କୋଷାଧ୍ୟକ୍ଷ ହେଲେ । ଏ ସଭାର ନିର୍ବାଚିତମଧ୍ୟରେ ଯୋଡ଼ିଏ ଅଭିନବ କଥା ଦେଖିଲୁଁ । ଗୋଟିଏ ଏହିକି ବାବୁ ରାଜନାରାୟଣ ଦାସ ଶାଖାସଭାର ସଭ୍ୟ ହେବାକୁ ଅନିଚ୍ଛୁକ ହେଲେ ବୋଲି ସଭା ଦୁଃଖ ପ୍ରକାଶ କରଅଛନ୍ତି । ଦ୍ୱିତୀୟଟି ଏହି ଯେ ଖଜୁରୀଭେଦା ଅଦାୟ ନିମିତ୍ତ ଖଜଣାଖାନା ସମ୍ମୁଖରେ ଏବଂ ନୂତନ କଚେରୀ ଘରଠାରେ ଗୋଟିଏ ଲେଖାଏଁ ବାକସ ରଖିବାକୁ ଅନୁମତି ଦେବା କାରଣ ମାଜିଷ୍ଟ୍ରେଟ ଓ ମୁନସଫଙ୍କୁ ଅନୁରୋଧ ହୋଇଅଛି ।

---

ମଣିପୁର ।

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଘୋଷଣା ପ୍ରଚାର କରଅଛନ୍ତି କି ମଣିପୁର ରାଜ୍ୟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କଠାରେ ବିଦ୍ରୋହୀ ହେବାରୁ ସେଠାର ରାଜପ୍ରତିନିଧିଙ୍କର କ୍ଷମତା ବିଲୁପ୍ତ ହେଲା ଏବଂ ସେ ରାଜ୍ୟର ସର୍ବକର୍ତ୍ତୃତ୍ୱ ସେନାପତି ଗ୍ରେହାମ ସାହେବଙ୍କୁ ସମର୍ପିତ ହେଲା । ମଣିପୁରର ରାଜଧାନୀରେ ଅବସ୍ଥିତ କରିବା କାରଣ, ବ୍ରିଟିସ ପ୍ରଜାମାନଙ୍କ ହତ୍ୟାକାରିମାନଙ୍କର ଦଣ୍ଡବିଧାନାର୍ଥ ଏବଂ ବିଦ୍ରୋହିମାନଙ୍କ ଦମନାର୍ଥ ସମ୍ପ୍ରତି ଯେଉଁ ବ୍ରିଟିସସୈନ୍ୟ ମଣିପୁରରାଜ୍ୟରେ ପ୍ରବେଶ କରବାକୁ ଉଦ୍ୟତ ହୋଇଅଛନ୍ତି କେହି ଯେମନ୍ତ ଉହିଁର ପ୍ରତିରୋଧ ଚେଷ୍ଟା ନ କରବେ । ଏହି ଘୋଷଣା ପତ୍ରପ୍ରଚାର କରୁ ବ୍ରିଟିସସୈନ୍ୟ ମଣିପୁର ରାଜ୍ୟକୁ ଯାତ୍ରା କରଅଛନ୍ତି ।

ଏହି ଘୋଷଣାପତ୍ରରୁ ପାଠକମାନେ ଜାଣିବେ ଯେ ମଣିପୁରର ରାଜପ୍ରତିନିଧି ପଦଚ୍ୟୁତ ହୋଇଅଛନ୍ତି ଏବଂ ଉକ୍ତରାଜ୍ୟ ବ୍ରିଟିସଗବର୍ଣ୍ଣମେଣ୍ଟଙ୍କର ସୈନିକ ଶାସନାଧୀନ ହୋଇ ସେନାପତି ଗ୍ରେହାମସାହେବ ସର୍ବ କର୍ତ୍ତୃତ୍ୱଭାର ପାଇଅଛନ୍ତି । ଉତ୍ତରରେ କୋହିମା, ପଶ୍ଚିମରେ ସିଲଚର ଏବଂ ପୂର୍ବରେ ବ୍ରହ୍ମଦେଶାନ୍ତର୍ଗତ ତାମୁ ଏହି ତିନିସ୍ଥାନରୁ ତିନିଦଳ ବ୍ରିଟିସସୈନ୍ୟ ମଣିପୁରକୁ ଯାତ୍ରା କରଅଛନ୍ତି । କୋହିମାଠାରୁ ୧୦୪୦ ଗୁର୍ଖା ସିପାହୀ, ଏକଶତ ବଙ୍ଗୀୟ ପଦାତିକ ଏବଂ ୨୦୦ ନାଗା ପୁଲିସ, ୪ ଗୋଟା ତୋପ ସହିତ ଯାତ୍ରା କରଅଛନ୍ତି । ଜେନରଲ କଲେଟ ଏହି ସେନାର ଅଧିନାୟକ ହୋଇ ଅଛନ୍ତି । ସିଲଚରଠାରୁ ଲେଫ୍ଟନଣ୍ଟ ଝାଉନ ସ୍ୱ ସୈନ୍ୟ ଯାତ୍ରା କରଅଛନ୍ତି ଏବଂ ତାମୁଠାରୁ ସ୍ୱୟଂ ଜେନରଲ ଗ୍ରେହାମ ସୈନ୍ୟ ଘେନି ଚଢ଼ାଉ କରଅଛନ୍ତି ଏହି ତିନିଦଳରୁ ଯେତେ ସୈନ୍ୟ ଯିବାର ଆଦେଶ ହୋଇଅଛି ତହିଁର ସଂଖ୍ୟା ପ୍ରାୟ ୬୦୦୦ ହେବ । ଏହା ଛଡ଼ା ୧୬ ଟା ତୋପ ଏବଂ ଏକଶତ ଅଶ୍ୱାରୋହୀ ସୈନ୍ୟ ପ୍ରେରିତ ହୋଇ ଅଛନ୍ତି । ଏଥି ମଧ୍ୟରେ ଯେ ସମ୍ବାଦମାନ ଆସିଅଛି ତହିଁରୁ ଜଣାଯାଏ ମଣିପୁରିୟମାନେ ତିନି ଦଗର ଘାଟି ମାନଙ୍କରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛନ୍ତି । ଥୋକାଏ ଇଂରାଜ ସୈନ୍ୟ ମଣିପୁର ରାଜ୍ୟ ମଧ୍ୟରେ ପହଞ୍ଚି ରାଜଧାନୀ ଦଗକୁ ଅଗ୍ରସର ହେଉ ଅଛନ୍ତି ଏବଂ ବାଟରେ ମଣିପୁରିୟଙ୍କ ସଙ୍ଗେ ଭେଟ ହୋଇ ଅଛି ମାତ୍ର ଅଦ୍ୟାପି ପ୍ରକୃତଯୁଦ୍ଧ କମ୍ବା ଦୃଢ଼ରୂପେ ବାଟ ଓଗାଳିବାର ଚେଷ୍ଟା ହୋଇ ନାହିଁ । କ୍ରମାଗତ ଦି ଅାଠ ଦିନ ବୃଷ୍ଟି ହେବାରୁ ଗତାୟତ ବନ୍ଦ ହୋଇ ଥିଲା ଏବଂ ନଦୀ ପାରି ହେବାର ମଧ୍ୟ ବଡ଼ ଅସୁବିଧା ହୋଇ ଥିଲା କିନ୍ତୁ ସୁଖର ବିଷୟ ଯେ ସୈନ୍ୟଙ୍କ ସ୍ୱାସ୍ଥ୍ୟପ୍ରତି କୌଣସି ବ୍ୟାଘାତ ହୋଇ ନାହିଁ । ସେମାନେ ଅନନ୍ତରେ ଅଗ୍ରସର ହେଉ ଅଛନ୍ତି ।

---

କୁମ୍ଭ-ମେଳା ।

ହରିଦ୍ୱାରର କୁମ୍ଭମେଳା ଶେଷ ହୋଇଅଛି ଏବଂ ଏଥିର ଯେଉଁ ବିବରଣ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି ତହିଁରୁ ଜଣାଯାଏ ଯେ ଏହା ଗୋଟିଏ ଅନୁପମ ମେଳା ଅଟଇ । ମେଳାର ଉଦ୍ଦେଶ୍ୟ ଗଙ୍ଗାନଦୀସ୍ଥିତ ବ୍ରହ୍ମକୁଣ୍ଡରେ ପଣାସଂକ୍ରାନ୍ତିଦିନ ସ୍ନାନ କରି ପବିତ୍ର ହେବା । ଏଥିପାଇଁ ଯାତ୍ରିମାନେ ଏକମାସରୁ କ୍ରମାଗତ ଉକ୍ତ ସ୍ଥାନକୁ ଆସୁଥିଲେ । ଯାତ୍ରିଙ୍କ ସଂଖ୍ୟା ଅନୁମାନ ଏକକୋଟି ଅଥବା ଷାଠିଏଲକ୍ଷରୁ ଊଣା ନୁହଇ । ଏତେ ଯାତ୍ରି ଏକସ୍ଥାନରେ ଠୁଳହେବା ସାଧାରଣ କଥା ନୁହଇ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଓ ଧନ ପ୍ରାଣରକ୍ଷାର ବନ୍ଦୋବସ୍ତ କରିବା କିଭଳି କଠିନ କଥା ମାତ୍ର ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ କର୍ତ୍ତୃପକ୍ଷମାନେ ଏବିଷୟରେ ଏମନ୍ତ ଚମତ୍କାର ବନ୍ଦୋବସ୍ତ କରଥିଲେ ଯେ କୌଣସି ଅନିଷ୍ଟ ହୋଇ ନାହିଁ । ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ୭୦୦୦ ମେହନ୍ତର ନିଯୁକ୍ତ ହୋଇ ଦିବାରାତ୍ର ଖଟୁଥିଲେ । କୌଣସିସ୍ଥାନରେ ଗୋଟିଏ ଶୁଖିଲାପତ୍ର ପଡ଼ିଲେ ତତ୍କ୍ଷଣାତ୍ ଉଠାଇ ନେଉଥିଲେ । ଚିକିତ୍ସା ନିମିତ୍ତ ପାଞ୍ଚଗୋଟା ଚିକିତ୍ସାଳୟ ସ୍ଥାପିତ ହୋଇ ଡାକ୍ତର କମ୍ପାଉଣ୍ଡର ଇତ୍ୟାଦି ନିଯୁକ୍ତ ହୋଇଥିଲେ ମାତ୍ର ଏମାନଙ୍କୁ ବିଶେଷକାର୍ଯ୍ୟ କରିବାକୁ ହୋଇ ନାହିଁ । ଶାନ୍ତିରକ୍ଷା ନିମିତ୍ତ ହେଉଦଳର ପୁଲିସ ଏବଂ ଏକପଲଟନ ସିପାହି ନିଯୁକ୍ତ ହୋଇଥିଲେ ଏବଂ କମିଶନର ମାଜିଷ୍ଟ୍ରେଟ ପୁଲିସସୁପ୍ରିଣ୍ଟ ଓ ଅନ୍ୟାନ୍ୟ କର୍ମଚାରିମାନେ ଅଶ୍ୱାରୋହଣପୂର୍ବକ କ୍ରମାଗତ ଭ୍ରମଣ କରୁଥିଲେ । ଯାତ୍ରିମାନଙ୍କ ରହିବା କାରଣ ଅସଂଖ୍ୟ ପର୍ଣ୍ଣକୁଟୀର ନିର୍ମାଣ ଓ ଶତ ୨ ଘରଟି ଟଣା ହୋଇଥିଲା ଏବଂ ମଠବାଡ଼ି ଯେତେ ଅଛି ତହିଁରେ ମଧ୍ୟ ସ୍ଥାନ ଖାଲି ହୋଇଥିଲା ତଥାଚ ଅନେକ ଲୋକ ପଦାରେ ପଡ଼ି ରହିଥିଲେ । ପ୍ରତିଦିନ ଖ ୭୦ ଶ ଅତିରିକ୍ତ ରେଲଗାଡ଼ିଶ୍ରେଣୀ ଯାତ୍ରି ବହିବାରେ ନିଯୁକ୍ତ ଥିଲା ଏବଂ ପ୍ରତିଘଣ୍ଟାରେ ଏକ ୨ ଥର ଗାଡ଼ିମାନ ଯାତାୟାତ କରୁଥିଲା ।

ଯାତ୍ରିଙ୍କ ମଧ୍ୟରେ ଏକା ସନ୍ନ୍ୟାସିଙ୍କ ସଂଖ୍ୟା ୬୦ଲକ୍ଷରୁ ଅଧିକ ଥିଲା ଏବଂ ନାନାସମ୍ପ୍ରଦାୟର ସାଧୁ ସମବେତ ହୋଇଥିଲେ । ଯଥା;—ବ୍ରହ୍ମଗୃହୀ, ଦଣ୍ଡୀ, ପରମହଂସ, ଅବଧୂତ, ଦଶନାମୀ ସନ୍ନ୍ୟାସୀ, ନାଗା, ଅଲେଖିଆ, ବୈରାଗୀ, ନାନକପନ୍ଥିଉଦାସୀନ, ଉଦାସ ଓ ନିର୍ମଳା, ଦାଦୂପନ୍ଥୀ, କବୀରପନ୍ଥୀ, ଶବରଦାସୀ, ରେଡ଼ାନୃପାଳକ, ଚୈତିକବଣ୍ଡେରିକ, ଗୋରକ୍ଷନାମୀ,

Digitized by srujanika@gmail.com

ଯୋଗୀ, ଅଘୋରୀ, ବୈଷ୍ଣବ ଓ ଅବଧୂତ। କେଉଁଠାରେ ବେଦପାଠ, କେଉଁଠାରେ ଭଜନ, କେଉଁଠାରେ ଗୀତାପାଠ, କେଉଁଠାରେ ସାନ୍ଧ୍ୟବେଦ ଗାୟନରେ ଏମାନଙ୍କ ମତ୍ତ ହେବାର ଦେଖି ଦର୍ଶକଙ୍କ ମନ ଆନନ୍ଦରେ ପରିପୂର୍ଣ୍ଣ ହେଉଥିଲା।

ସ୍ନାନଦିନ ଶେଷରାତ୍ର ୩ ଘଣ୍ଟା ସମୟରୁ ବେଳ ୧୦ ଘଣ୍ଟା ପର୍ଯ୍ୟନ୍ତ ଶୃଙ୍ଖଳାମାନଙ୍କର ସ୍ନାନ ଦେଖା ଯାଇଥିଲା। ସାଧୁମାନେ ଏକାଠି ଦଳ ବାନ୍ଧି ଯାଉଥିଲେ। ଏମାନଙ୍କମଧ୍ୟରେ ନାଗା ଓ ନାନକପନ୍ଥୀଙ୍କ ଦୃଶ୍ୟ ଅତି ମନୋହର ହୋଇଥିଲା। ଏମାନେ ହସ୍ତୀ ଘୋଡ଼ା ଓଟ ଅଶାସୋଟା ଛଡ଼ି ନିଶାଣ ଡଙ୍କା ଇତ୍ୟାଦି ସଙ୍ଗେ ନେଇ ବଡ଼ ସମାରୋହରେ ସ୍ନାନକରିବାକୁ ଯାଉଥିଲେ। ସେଠା ଦୁଇପ୍ରହର ହେବାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ଏମାନଙ୍କ ସ୍ନାନବଳିଲା ଏବଂ ତହିଁ ଉତ୍ତାରୁ ଅପରଲୋକଙ୍କ ସ୍ନାନ ପ୍ରାୟ ସନ୍ଧ୍ୟାପର୍ଯ୍ୟନ୍ତ ଲାଗିଥିଲା। ସ୍ନାନଦିନ ଆରମ୍ଭଠାରୁ ଶେଷପର୍ଯ୍ୟନ୍ତ ଶଙ୍ଖ ଓ ନାନାବାଦ୍ୟ ଧ୍ୱନିରେ ଦଶଦିଗ ପରିପୂର୍ଣ୍ଣ ହେଉଥିଲା ଓ ଏତେଲୋକ ଏମନ୍ତ ଅପରସୀମ ଆନନ୍ଦରେ ମଗ୍ନ ଥିଲେ ଯେ ସ୍ଥାନଟି ସ୍ୱର୍ଗବତ୍ ଜ୍ଞାତ ଥିଲା। ମେଳାସ୍ଥାନଟି ପ୍ରସ୍ତୁତ କରିବା ଏବଂ ସେଠାରେ ସ୍ୱାସ୍ଥ୍ୟ ଓ ଶାନ୍ତିରକ୍ଷାର ବ୍ୟୟ ନିର୍ବାହାର୍ଥେ ଯାତ୍ରୀମାନଙ୍କଠାରୁ ଜଣପ୍ରତି ଏକଅଣା ଲେଖାଏଁ ଟିକସ ନେବାର ବନ୍ଦୋବସ୍ତ ହୋଇଥିଲା। ଏପରି ସାମାନ୍ୟ ଟିକସଦ୍ୱାରା ଏମନ୍ତ ବାହୁଲ୍ୟ ଆୟୋଜନର ବ୍ୟୟ ନିର୍ବାହ ହେବା ସାମାନ୍ୟ ବ୍ୟାପାର ନୁହଇ କେବଳ ଯାତ୍ରୀସଂଖ୍ୟା ଅଧିକ ହେବାରୁ ଏପରି ହୋଇଥିଲା। ଯାତ୍ରୀଙ୍କମଧ୍ୟରେ ବ୍ରହ୍ମା ଅଞ୍ଚଳ ଓ ନେପାଳ ରାଜ୍ୟର ପ୍ରଜାଙ୍କର ସ୍ତ୍ରୀମାନେ ମଧ୍ୟ ଆସିଥିଲେ। ବଙ୍ଗାଳିଙ୍କ ସଂଖ୍ୟା ଅତ୍ୟଳ୍ପ ଥିଲା।

---

## ଛାତ୍ରବଧ।

ଏଠା ରେଭେନସା କଲେଜରୁ ଗତବର୍ଷ ବହିଷ୍କୃତ ହୋଇଥିବା ଦୁଇଜଣ ଛାତ୍ରଙ୍କମଧ୍ୟରୁ ଏକଜଣର ଅପିଲ୍ ଶ୍ରୀଯୁକ୍ତ ଡାଇରେକ୍ଟର ସାହେବ ଗତ ନଭେମ୍ବର ମାସରେ ନିଷ୍ପତ୍ତି କରିଥିବାର ପାଠକମାନଙ୍କୁ ଜଣାଇଅଛୁଁ। ଅପର ଛାତ୍ର ଶ୍ରୀକୃଷ୍ଣ ମହାପାତ୍ର ସେହିସମୟରେ ଅପିଲ କରିଥିଲେହେଁ ତାହାର ଦରଖାସ୍ତ ଯଥାସମୟରେ ପହଞ୍ଚି ନାହିଁ। ଦରଖାସ୍ତଖାନି କଲିକତାକୁ ଯାଉ ଫେରାଇ ଆସିବାରେ ଡାଇରେକ୍ଟରଙ୍କ ତାଙ୍କଦ୍ୱାରା ମତେ କଲେଜର ଅଧ୍ୟକ୍ଷ ରିପୋର୍ଟ ପଠାଇବାରେ ପ୍ରାୟ ଏକମାସ ହେଲା ସେ ମାମଲା ନିଷ୍ପତ୍ତି ହେଲା। ଡାଇରେକ୍ଟରଙ୍କ ନିଷ୍ପତ୍ତି ଆମ୍ଭେମାନେ ଦେଖି ନ ଥିବାରୁ ତହିଁର ମର୍ମ ପାଠକମାନଙ୍କୁ ଜଣାଇ ପାରୁ ନାହୁଁ। ଅନ୍ୟ ଛାତ୍ରସମ୍ବନ୍ଧରେ କଲେଜର ଅଧ୍ୟକ୍ଷ ମହାଶୟ ସାଧାରଣଙ୍କ ଗୋଚରାର୍ଥେ ଯେମନ୍ତ ସଦୟ ହୋଇ ଡାଇରେକ୍ଟରଙ୍କ ନିଷ୍ପତ୍ତିର ପ୍ରତିଲିପି ଆମ୍ଭମାନଙ୍କୁ ଦେଇଥିଲେ ଏଥର ତାହା କରି ନାହାନ୍ତି। ସମ୍ଭବତଃ ପୂର୍ବଥରର ସମାଲୋଚନା ପ୍ରୀତିକର ନ ହେବାରୁ ଏପରି ହୋଇଥିବ। ଯାହା ହେଉ ଡାଇରେକ୍ଟରଙ୍କ ଶେଷ ନିଷ୍ପତ୍ତି ଏହି କି ସେ କଲେଜର ଅଧ୍ୟକ୍ଷଙ୍କ ରିପୋର୍ଟ ଉପରେ ନିର୍ଭର କରି କୌଣସି ଅନୁସନ୍ଧାନ ବିନା ତାହାଙ୍କ ଆଦେଶ ସ୍ଥିର ରଖିଲେ ମାତ୍ର ଶ୍ରୀକୃଷ୍ଣ ମହାପାତ୍ର ଆପଣା ସଚ୍ଚରିତ୍ରତାର ଅନେକ ପ୍ରଶଂସାପତ୍ର ଦେଖାଇବାରୁ ତାହାକୁ ରେଭେନସାକଲେଜ ଛଡ଼ା ଅନ୍ୟ ବିଦ୍ୟାଳୟରେ ପଢ଼ିବାକାରଣ ଡାଇରେକ୍ଟର ସାହେବ ଅନୁମତିପତ୍ର ଦେଲେ। ତଦନୁସାରେ ସେ କଲିକତାର ଜେନେରଲ ଆସେମ୍ବ୍ଲି କଲେଜରେ ଭରତି ହୋଇ ଅଛି। ଶ୍ରୀକୃଷ୍ଣ ଯେ ସମସ୍ତ ପ୍ରଶଂସାପତ୍ର ଡାଇରେକ୍ଟରଙ୍କୁ ଦର୍ଶାଇଥିଲା ତାହା ଏ ନଗରର ଅନେକ ଗଣ୍ୟ ମାନ୍ୟ ବ୍ୟକ୍ତିଙ୍କର ପ୍ରଦତ୍ତ ଅଟଇ। ଏ ସବୁରେ ଅଧ୍ୟକ୍ଷ ମହାଶୟ ଆଦୌ ଆସ୍ଥା ନ କରି ବରଂ ଶୁଣିବାରେ ତହିଁ ବିରୁଦ୍ଧରେ ଶ୍ରୀକୃଷ୍ଣର ଦୁଶ୍ଚରିତ୍ରତାର କେତେକଖଣ୍ଡ ନିଦର୍ଶନପତ୍ର ଡାଇରେକ୍ଟରଙ୍କ ନିକଟକୁ ପଠାଇ ଥିଲେ ମାତ୍ର ଡାଇରେକ୍ଟର ମହାଶୟ ଅନ୍ୟତ୍ରରେ ପଢ଼ିବାର ଅନୁମତି ଦେବାରୁ ସ୍ପଷ୍ଟ ଜଣାଯାଉଅଛି ଯେ ସେ ସବୁ କାର୍ଯ୍ୟରେ ଆସିଲା ନାହିଁ। ଅନ୍ୟଥା ତାହାର ଦୁଶ୍ଚରିତ୍ର ପ୍ରତି ବିଶ୍ୱାସ କରିଥିଲେ ସେପରି ଅନୁମତି ଦେଇ ନ ଥାନ୍ତେ। ଫଳତଃ ଡାଇରେକ୍ଟରଙ୍କ ବିଚାର "ସାପ ନ ମରୁ ବାଡ଼ି ନ ଭାଙ୍ଗୁ" ପ୍ରକାର ହୋଇଅଛି। ସେ ଅଧ୍ୟକ୍ଷଙ୍କ ଟେକ ରକ୍ଷିବାକାରଣ ତାହାଙ୍କ ଆଦେଶ ସ୍ଥିର ରଖିଲେ ଅଥଚ ଛାତ୍ରପ୍ରତି ଅନ୍ୟାୟ ହୋଇଥିବାର ଜାଣି ତହିଁର ପ୍ରତୀକାର ପ୍ରଦାନ କଲେ। ଏପରି ନିଷ୍ପତ୍ତି ଅବଶ୍ୟ ଦୁର୍ବଳତାସୂଚକ ଅଟଇ ଏବଂ କୌଣସିମତେ ସୁନୀତିର ପୋଷକ ନ ଥାଇ ବରଂ ଘୋର ଅନିଷ୍ଟ କରି ଅଟଇ। କାରଣ ପିଲାମାନଙ୍କ ନୀତିଶିକ୍ଷା ଅଧ୍ୟକ୍ଷ ଏବଂ ଅଧ୍ୟାପକମାନଙ୍କ ସୁନୀତି ଓ ସ୍ୱଭାବର ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରଇ। ଏଥିପାଇଁ ଏମାନଙ୍କ ଚରିତ୍ରପ୍ରତି ଅତି ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ ମାତ୍ର ଯେବେ କେହି ଅଧ୍ୟକ୍ଷ—ବିରୁଦ୍ଧରେ କେହି ଛାତ୍ର ଗୁହାରି କଲେ ତାହା ନ୍ୟାଯ୍ୟ ହେଉ ବା ଅନ୍ୟାଯ୍ୟ ହେଉ ଅଧ୍ୟକ୍ଷର ଦୋଷ ଧରା ଯିବ ନାହିଁ ବରଂ ଗୁହାରି କଲାବୋଲି ଛାତ୍ର ଦୋଷୀ ହେବ ତେବେ ତହିଁର ଫଳ ଏତିକି ହେବ ଯେ ଅନ୍ୟାୟକାରୀ ଶିକ୍ଷକ ଅଧିକ ଅନ୍ୟାୟ କରିବାକୁ ଉତ୍ସାହିତ ହେବେ ଏବଂ ଛାତ୍ରମାନେ ହତାଶ ହୋଇ ମନେ ମନେ ଶିକ୍ଷକଙ୍କୁ ଘୃଣା କରିବେ ଓ ଭକ୍ତି ଶ୍ରଦ୍ଧାସହିତ ତାହାଙ୍କ ଶିକ୍ଷା ଓ ଆଦର୍ଶ ଗ୍ରହଣ କରିବେ ନାହିଁ।

ଏ ସମ୍ବନ୍ଧରେ ଆମ୍ଭେମାନେ ଆହୁରି ଶୁଣିଅଛୁ ଯେ ଗତ ଜୁନ ମାସରେ ଛାତ୍ରଦ୍ୱୟଙ୍କୁ ବହିଷ୍କୃତ କରି କଲେଜର ଅଧ୍ୟକ୍ଷ ମହାଶୟ ସେ ଆଦେଶର ପ୍ରତିଲିପି ଜଏଣ୍ଟ ଇନସ୍ପେକ୍ଟରଙ୍କ ନିକଟକୁ ପଠାଇ ଦେଲେ ଓ ଜଏଣ୍ଟ ଇନସ୍ପେକ୍ଟର ତାହା ଏକ ସର୍କ୍ୟୁଲର ଦ୍ୱାରା ଆପଣା ଏଲାକାର ଇଂରାଜୀ ବିଦ୍ୟାଳୟକୁ ଜଣାଇ ଦେଲେ। ଏକବିଦ୍ୟାଳୟର ଛାତ୍ର ଅନ୍ୟବିଦ୍ୟାଳୟରେ ପଢ଼ିବା ସମ୍ବନ୍ଧୀୟ ନିୟମାବଳୀ ଜାରି ହୋଇଥିବା ଓ ତଦନୁସାରେ ବିନା ସାର୍ଟିଫିକେଟରେ ଏକ ବିଦ୍ୟାଳୟର ଛାତ୍ର ଅନ୍ୟ ବିଦ୍ୟାଳୟରେ ଭରତିହେବାର ନିଷେଧ ଥିବା ପ୍ରତ୍ୟକ୍ଷେ ଏପରି ସର୍କ୍ୟୁଲରର କୌଣସି ଆବଶ୍ୟକତା ନ ଥିଲା। ଏପରି କାର୍ଯ୍ୟର ଉଦ୍ଦେଶ୍ୟ ପାଠକମାନେ ଆପେ ଅନୁମାନ କରିପାରନ୍ତି। ବାସ୍ତବରେ ଓଡ଼ିଶା ଶିକ୍ଷାବିଭାଗର ଏତେ କାଣ୍ଡ ଅତ୍ୟନ୍ତ ଶୋଚନୀୟ। ଦୁଃଖର ବିଷୟ ଯେ ଏଥିର କୌଣସି ପ୍ରତୀକାର ହେଉ ନାହିଁ।

---

## ଭାରତବର୍ଷର ବଜେଟ।

ଭାରତବର୍ଷର ଆୟବ୍ୟୟର ହିସାବ ଗତ ମାର୍ଚ୍ଚମାସ ତା ୨୧ ରିଖର ସରକାରୀ ଗେଜେଟରେ ବାହାରି ଅଛି ମାତ୍ର ଅନ୍ୟାନ୍ୟ ପ୍ରସଙ୍ଗ ଲୋକଙ୍କ ମନକୁ ଅଧିକ ଆକର୍ଷଣ କରିଥିବାରୁ ଏପର୍ଯ୍ୟନ୍ତ ତହିଁର ବିବରଣ ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ ହୋଇ ଅଦ୍ୟ ପ୍ରକାଶ କରୁଅଛୁଁ। ଏଥର ବଜେଟସମ୍ପର୍କରେ କୌଣସି ନୂତନକଥା ବା ନୂତନ ବ୍ୟବସ୍ଥା ନାହିଁ। କେବଳ ଏତିକି ସୁଖର ବିଷୟ ବୋଲିବାକୁ ହେବ ଯେ ଅଭ୍ର ନିଜ ଟିକସବୃଦ୍ଧିର ପ୍ରସ୍ତାବନା

ହୋଇ ନାହିଁ ଏବଂ ବର୍ତ୍ତମାନ ନରପଦରେ ବୃଦ୍ଧିପାଇବାର ଆଶା ଅଛି ।

ବର୍ତ୍ତମାନ ଯେଉଁ ବଜେଟ ପ୍ରକାଶିତ ହୋଇ ଅଛି ତହିଁର ସଂକ୍ଷେପ ବିବରଣ ଏହି ଅଟଇ । ଯଥା ।

ସନ ୧୮୮୯।୯୦ ସାଲର ଆୟ ଟ ୮୪୬୩୬୩୦୦୦, ବ୍ୟୟ ଟ ୮୨୮୨୬୭୦୦୦ ଓ ସ୍ଥିତ ଟ ୧୮୦୯୬୦୦୦ ହେବବୋଲି ଗତବର୍ଷ ଅନୁମାନ ହୋଇ ଥିଲା କିନ୍ତୁ ଏବର୍ଷ ହିସାବ ସ୍ଥିର ହେବାରୁ ଉକ୍ତବର୍ଷର ଆୟ ଟ ୮୫୦୮୫୨୦୩୦, ବ୍ୟୟ ଟ ୮୨୪୬୩୧୬୦୦ ଓ ସ୍ଥିତ ୨,୬୧,୨୦,୩୦୦ ସ୍ଥିର ହେଲା । ଆୟ ବୃଦ୍ଧିର କାରଣ ପ୍ରଥମତଃ ରାଜସ୍ୱ ବୃଦ୍ଧି ଓ ଭୂମିରାଜସ୍ୱ ଅଧିକ ପରିମାଣରେ ଅଦାୟ ହେବା ଅଟଇ । ବ୍ୟୟ ଊଣା ହେବାର କାରଣ ବଳାଇ କଟାଗଲ ଊଣା ହେବା ଅଟଇ । ସୈନିକ ବ୍ୟୟ ମଧ୍ୟ ଊଣା ପଡ଼ିଅଛି ।

ସନ ୧୮୯୦।୯୧ ସାଲର ଯେଉଁ ବଜେଟ ଗତବର୍ଷ ବାହାରିଥିଲା ତହିଁରେ ଉକ୍ତବର୍ଷର ଆୟ ୮୪,୯୩,୨୧,୦୦୦, ବ୍ୟୟ ଟ ୮୪୬୬୨୭୦୦୦ ଓ ସ୍ଥିତ ୨୭,୦୪,୦୦୦ ହେବବୋଲି ଅନୁମିତ ହୋଇଥିଲା । ବର୍ତ୍ତମାନ ଉକ୍ତ ବର୍ଷର ନେଭେନମାସର ଫଳ ଦେଖି ଯେଉଁ ସଂଶୋଧିତ ହିସାବ ପ୍ରସ୍ତୁତ ହୋଇଅଛି ତଦନୁସାରେ ଉକ୍ତବର୍ଷର ଆୟ ଟ ୮୬୩୩୩୫୦୦୦, ବ୍ୟୟ ଟ ୮୨୦୬୭୪୦୦୦ ଏବଂ ସ୍ଥିତ ଟ ୨,୬୬,୬୧,୦୦୦ ଧାର୍ଯ୍ୟ ହୋଇଅଛି । ଏଥିରୁ ଦେଖାଯାଏ ଗତବର୍ଷାପେକ୍ଷା ଏବର୍ଷର ଆନୁମାନିକ ଆୟବୃଦ୍ଧି ୫୦ ଲକ୍ଷ ଟଙ୍କାରୁ ଅଧିକ ନୁହଇ ମାତ୍ର ବ୍ୟୟ ଦୁଇକୋଟିରୁ ଅଧିକ ଊଣା ହୋଇଅଛି । ସୁତରାଂ କେବଳ ବନ୍ଦୋବସ୍ତର ଗୁଡ଼ ଚଢ଼ା ହେବା ଏ ଉନ୍ନତିର କାରଣ ଅଟଇ । ଗତବର୍ଷ ଭୂମିରାଜସ୍ୱ ଅଧିକ ହୋଇଥିଲା ଏବର୍ଷ ଲବଣରାଜସ୍ୱ ବିଶେଷ ହୋଇଅଛି 'ଷ୍ଟାମ୍ପ' ଅବକାରୀ, କଷ୍ଟମ ଏବଂ ଇରିଗେସନର ଆୟ ବଢ଼ିଅଛି ।

ଚଳନ୍ତ ଅର୍ଥାତ ସନ ୧୮୯୧।୯୨ ସାଲର ଆୟ ଟ ୮୬୦୨,୪୩,୦୦୦ ବ୍ୟୟ ଟ ୮୫୯୦୯୬୦୦୦ ଓ ସ୍ଥିତ ଟ ୧୧,୪୭,୦୦୦ ଅନୁମାନ ହୋଇଅଛି । ୮୬ କୋଟି ଟଙ୍କାର ଆୟ ବ୍ୟୟସ୍ଥଳେ ୧୧ ଲକ୍ଷ ଟଙ୍କା ଉଦ୍ଧୃତ୍ତ ହେବା ଅଦୌ ଧର୍ତ୍ତବ୍ୟ ନୁହଇ । ସୁତରାଂ ଆୟ-ବ୍ୟୟ ସମାନ ହୋଇଅଛି ବୋଲିବାକୁ ହେବ । ପୂର୍ବବର୍ଷଅପେକ୍ଷା ଆୟ ଏକକୋଟିରୁ କିଛି ଅଧିକ ଉନ୍ନତ ହେବାର ଆଶା ଅଛି ମାତ୍ର ଗତବର୍ଷର ବ୍ୟୟଠାରୁ ଏବର୍ଷର ବ୍ୟୟ ଏକକୋଟି ୨୫ ଲକ୍ଷ ଅଧିକ ଧରାଯାଇ ଅଛି । ଆୟ ସମସ୍ତପ୍ରକାର ରାଜସ୍ୱ ବୃଦ୍ଧି ହେବାର ସମ୍ଭାବନା ଅଛି କେବଳ ଅଫିମ ରେଲବାଟ ଓ ଟେଲିଗ୍ରାଫର ଆୟ ଊଣା ହେବାର ସନ୍ଦେହ ଅଛି ଏବଂ ବିନିମୟ ଦରମଧ୍ୟ ଊଣାପଡ଼ିବାର ଶଙ୍କା ଅଛି ଫଳତଃ ଗତ ଦୁଇବର୍ଷର ଫଳ ଯେପରି ଦେଖାଯାଇଅଛି ଅର୍ଥାତ ଅନୁମାନ ଅପେକ୍ଷା ଆୟ ଅଧିକ ଓ ବ୍ୟୟ ଊଣା ହୋଇଅଛି ଏବର୍ଷ କୌଣସି ଦୁର୍ଘଟନା ଯଥା ଦୁର୍ଭିକ୍ଷ ବା ଯୁଦ୍ଧ ନ ହେଲେ ସେହିପରି ଘଟିବ ଏବଂ କିଛି ଟଙ୍କା ଉଦ୍ଧୃତ୍ତ ରହିବ ପ୍ରଥମରୁ ତାହା ଆଶା କରି ନ ଥିବାରୁ ଅର୍ଥସଚିବଙ୍କର ଦୋଷ ଦେଇ ନ ପାରୁଁ କାରଣ ଆୟବ୍ୟୟ ବିଷୟରେ ଅତ୍ୟନ୍ତ ଜଗଁ ଶୃଙ୍ଖଳା ଉଚିତ ଏଥିରେ ଶେଷକୁ ଉଦ୍ଧୃତ୍ତ ଟଙ୍କା ରହିଲେ ତାହା ଉଚିତମତେ ବ୍ୟୟ କରିବାର ଅନେକ ବାଟ ଦିଶିବ ।

ଗତ ଦୁଇବର୍ଷର ହିସାବରେ ସର୍ବସୁଦ୍ଧା ପ୍ରାୟ ୫ କୋଟି ଟଙ୍କା ବଳପଡ଼ିବାରୁ ସେସମସ୍ତ ଦୁର୍ଭିକ୍ଷ ସାହାଯ୍ୟପାଣ୍ଠିରେ ଜମା ହୋଇ ପ୍ରତିବର୍ଷ ଯେପରି ଦେଢ଼କୋଟି ଟଙ୍କା ଏହି କାର୍ଯ୍ୟରେ ବ୍ୟୟିତ ହେବାର ପୂର୍ବେ କଳ୍ପନା ହୋଇଥିଲା ଏବର୍ଷକୁ ତାହା କାର୍ଯ୍ୟତଃରୂପେ ହେବ । ଏହିଟଙ୍କା ରେଲବାଟ ଏବଂ ଜଳସେଚନ କାର୍ଯ୍ୟ ନିର୍ମାଣରେ ବ୍ୟୟ ହେବ । ଏହିସବୁ କାର୍ଯ୍ୟରେ ସନ ୧୮୯୦।୯୧ ସାଲରେ ସାଢ଼େ ତିନିକୋଟି ଏବଂ ସନ ୧୮୯୧।୯୨ ସାଲରେ ସାଢ଼େ ତିନିକୋଟି ଟଙ୍କା ବ୍ୟୟିତ ହେବ । ଏ ଟଙ୍କାରେ ଯେଉଁ ୨ ରେଲବାଟ ଏବଂ ଯେଉଁ ୨ ଜଳସେଚନକାର୍ଯ୍ୟ ହେବ ତହିଁର ବିସ୍ତାରିତ ବିବରଣର ଏକ ତାଲିକା ଦିଆଯାଇଅଛି ଏବଂ ତହିଁରେ ଦେଖାଯାଏ ଯେ ଇଷ୍ଟକୋଷ୍ଟ ରେଲବାଟରେ ଏବର୍ଷ ଶେଷପର୍ଯ୍ୟନ୍ତ ଦେଢ଼କୋଟି ଟଙ୍କା ବ୍ୟୟ ହେବାର ମଞ୍ଜୁର ଯାଇଛି । ଉଦ୍ଧୃତ୍ତ ଟଙ୍କା ଋଣପରିଶୋଧ କରିବାରେ ବ୍ୟୟ ନ କରି ଦୁର୍ଭିକ୍ଷରୁ ଦେଶ ରକ୍ଷା କରିବା କାର୍ଯ୍ୟରେ ଲଗାଇବାର ବଙ୍ଗ୍ରର ମତ ନୁହଇ ଏବଂ ଯେସ୍ଥଳେ ରେଲବାଟରେ ଏତେଟଙ୍କା ଖର୍ଚ୍ଚ ହେବ ସେସ୍ଥଳେ ଆଶା ହେଉଅଛି ଯେ ଓଡ଼ିଶା ରେଲବାଟସକାଶେ ଯଥେଷ୍ଟ ଟଙ୍କା ମଞ୍ଜୁର ହୋଇଅଛି ।

ଭାରତବର୍ଷର ବ୍ୟୟନିମିତ୍ତ ଆୟ ଯଥେଷ୍ଟ ଥିବାରୁ ଏବଂ ଦୁର୍ଭିକ୍ଷ ପାଣ୍ଠିଦ୍ୱାରା ରେଲବାଟଇତ୍ୟାଦି ନିର୍ମାଣ କାର୍ଯ୍ୟର ପ୍ରୟୋଜନୀୟ ଅର୍ଥର ସଦ୍ଭାବ ଥିବାରୁ ଏବର୍ଷ ଭାରତବର୍ଷରେ କିଛି ଟଙ୍କା ଋଣ ହେବ ନାହିଁ । କିନ୍ତୁ ଏହା ବୋଲି ସରକାର ଏପରି ଅଙ୍ଗୀକାର କରୁନାହାନ୍ତି ଯେ ଏବର୍ଷ କଦାଚ ଋଣ କରିବେ ନାହିଁ ଅକସ୍ମାତ ପ୍ରୟୋଜନ ପଡ଼ିଲେ ତାହା କରାଯିବାକୁ ହେବ । କେବଳ ପୂର୍ବର ଋଣ ପରିଶୋଧନାର୍ଥେ ବିଲାତରେ ଏବର୍ଷ ୨କୋଟି ୭୦ ଲକ୍ଷ ଟଙ୍କା ଋଣ ହେବ ।

ଚଳିତବର୍ଷ ଓ ଆଗାମିବର୍ଷର ଆର୍ଥିକ ଅବସ୍ଥା କେବଳ ବିନିମୟ ଭାଉ ଏବଂ ସୈନିକ ବ୍ୟୟଉପରେ ନିର୍ଭର କରଇ । ବିଦେଶୀୟ ଆକ୍ରମଣରୁ ଦେଶ ରକ୍ଷାକରିବା କାରଣ ଯେ ପରିମାଣରେ ଗତ ଦୁଇବର୍ଷ ଅର୍ଥ ବ୍ୟୟକରିବାର କଳ୍ପନା ଥିଲା ଏବର୍ଷ ତହିଁରୁ ଊଣାଟଙ୍କା ବ୍ୟୟ ହୋଇଅଛି କାରଣ ଅନୁଭବଦ୍ୱାରା ଦେଖାଯାଇଅଛି ଯେ ଯେତେଟଙ୍କା ବାର୍ଷିକ ମଞ୍ଜୁର ହୋଇଥିଲା ସେତେଟଙ୍କା ବ୍ୟୟ ହୋଇପାରଇ ନାହିଁ ।

ଉପରଲିଖିତ ବିବରଣରୁ ପାଠକମାନେ ଦେଖିବେ ଯେ ଗବର୍ଣ୍ଣମେଣ୍ଟଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଦେଖି ଲୋକମାନେ ଲବଣକର ଊଣା କରିବା ଏବଂ ଇନକମ୍ ଟିକସ ଉଠାଇ ଦେବା ବିଷୟରେ ଯେଉଁ ଆବେଦନ କରିଥିଲେ ତାହା କିଛି ଫଳପ୍ରଦ ହେଲା ନାହିଁ କିନ୍ତୁ ଯେବେ ଗତ ଦୁଇବର୍ଷ ପରି ଏବର୍ଷର ଆୟ ବୃଦ୍ଧି ହେବ ତେବେ ଆଗାମିବର୍ଷ କରଭାର ଊଣାକରିବାର କୌଣସି ବନ୍ଦୋବସ୍ତ ହୋଇପାରେ । କାରଣ ଦୁର୍ଭିକ୍ଷସାହାଯ୍ୟ ପାଣ୍ଠି ପୁନଃ ସ୍ଥାପିତ ହେଲାବେଳୁ ଆଉ କିଛି ସାଧାରଣବ୍ୟୟ ହେବାର କଥା ନାହିଁ ।

---

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଦୁଇଥର ମେଘ ହୋଇଅଛି ମାତ୍ର ବୃଷ୍ଟି ହୋଇ ନାହିଁ ।

ଗତକାଲଠାରୁ [illegible] ବୋଧ ହେଉଅଛି ।

[illegible] ଜଣାଯାଉଅଛି ଯେ ଏ ସ୍ଥାନର [illegible] ୧୦। ୧୨ [illegible] ବୁଢ଼ାବାଧ [illegible] ଅନେକ ବନ୍ଧୁବାନ୍ଧବଙ୍କୁ [illegible] ଏ ସଂସାରକୁ ପ୍ରସ୍ଥାନ କଲେ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଏହି ପତ୍ରିକାରେ ପ୍ରକଟିତ କରାଇ ପରମାନନ୍ଦିତ କରାଇବେ । ଇତି ।

### ନିବେଦନ

ସମ୍ପାଦକ ଶରଣେଷୁ

ମହାଶୟ !

ଓଡ଼ିଶା ବ୍ରାହ୍ମଣ ଜମିଦାରଙ୍କ ମଧ୍ୟରେ ନୂତନ କଥା, ଅର୍ଥାତ୍ ଯାହା କେବେ ଶୁଣା ବା ଦେଖା ନ ଥିଲା ତାହା ହୋଇଥିବାର ଦେଖି ସର୍ବସାଧାରଣରେ ତାହା ପ୍ରକଟ କରାଇବାର ଉଚିତ ଜାଣି ଆପଣଙ୍କ ସୁବିଖ୍ୟାତ ଉତ୍କଳ ଦୀପିକାରେ ପ୍ରକାଶ କରିବାକାରଣ ନିବେଦନ କରୁଅଛୁ ।

କଟକ ଜିଲ୍ଲା ସୁଙ୍ଗୁଡ଼ା ପ୍ରଗଣା ଭେଡ଼ା ମୌଜା ନିବାସୀ ବିଖ୍ୟାତ ଜମିଦାର ଭୋଳାନାଥ ଚୌଧୁରୀଙ୍କର ପରଲୋକାନ୍ତର ଗତ ହୁଅନ୍ତେ ତାହାଙ୍କ ସୁପୁତ୍ର ଚୌଧୁରୀ ଶ୍ରୀ ବୈଦ୍ୟନାଥ ରାୟଗୁରୁ ମହାପାତ୍ର ଆପଣାର ଭାଇ ଚୌଧୁରୀ ଶ୍ରୀ ସୋମନାଥ ପ୍ରହରାଜ ଓ ରଘୁନାଥ ପଟ୍ଟଯୋଶୀଙ୍କ ସହିତ ପିତୃଙ୍କର ଶ୍ରାଦ୍ଧ କ୍ରିୟାକୁ ଅତି ସମାରୋହରେ ମୁକ୍ତହସ୍ତ ହୋଇ ସମାଧାନ କରିବାର ଦେଖାଗଲା । ଅର୍ଥାତ୍ ସେହି ପିତୃକ୍ରିୟାରେ ଛତ୍ରପୁରରୁ ମହାପାତ୍ର ମହାଶୟ ବଙ୍ଗଦେଶର ଶ୍ରୀଭଟ୍ଟପଲ୍ଲୀ ପଣ୍ଡିତ ଓ ପାଠଶାଳିଆ ପ୍ରାୟ ୩୦।୪୦ ଜଣ ପର୍ଯ୍ୟନ୍ତ ପତ୍ରଦ୍ୱାରା ନିମନ୍ତ୍ରଣ କରାଇ ଆଣି ସେମାନଙ୍କୁ ଯଥାବିହିତ ସମ୍ମାନପୂର୍ବକ ଦୁଇତିନିଦିନପର୍ଯ୍ୟନ୍ତ ରଖାଇ ଉତ୍ତମ ଚର୍ଚ୍ଚା କରି ଯଥାଯୋଗ୍ୟ ବିବେଚନାରେ ବିଦାୟ କଲେ । ଏପରି ଅନ୍ୟାନ୍ୟ ଦିନମାନଙ୍କରେ ଅନେକ ବ୍ରାହ୍ମଣ ଓ ଅଭ୍ୟାଗତ ଦୁଃଖି ରଙ୍କିମାନଙ୍କୁ ସୁଭୋଜନଦ୍ୱାରା ସନ୍ତୁଷ୍ଟ କରାଇ ଥିବାର ଶୁଣାଯାଉଅଛି କେବଳ ଏକାଦଶ ଦିନ ପ୍ରାୟ ବ୍ରାହ୍ମଣ ଓ ଅଭ୍ୟାଗତ ଅନ୍ନାର୍ଥୀ କଙ୍ଗାଳଙ୍କସହିତ ପ୍ରାୟ ଛଅ ବା ସାତହଜାର ପର୍ଯ୍ୟନ୍ତ ହୋଇଥିଲେ ଯେ ସେମାନଙ୍କୁ ଦେଶୀୟ ଧାରାରେ ଚୂଡ଼ା ଦହି ଗୁଡ଼ ଓ ନାନା ମିଷ୍ଟାନ୍ନ ପ୍ରଦାନ କରି ଏପରି ସରଳାନ୍ତଃକରଣରେ ଭୋଜନ କରାଇଲେ ଯେ କେହି ତହିଁରେ ଅସନ୍ତୁଷ୍ଟ ନ ହୋଇ ବରଂ ସମସ୍ତେ ଭୂୟସୀ ପ୍ରଶଂସା କରିବାରେ ତ୍ରୁଟି କରି ନାହାନ୍ତି । ଏପରି ବ୍ରାହ୍ମଣମାନଙ୍କୁ ଭୋଜନ ଦକ୍ଷିଣା ଯେ ଦେଶେହିରୁ ଅସିଥିଲେ ତାହା ବସ୍ତ୍ର ଅଣାକଠାରୁ ଦୁଇଅଣାପର୍ଯ୍ୟନ୍ତ ବିଦାୟ ପ୍ରଦାନ କରି ସମସ୍ତଙ୍କୁ ବିଦାୟ ଦେଲେ, ଏପରି ଅନ୍ୟାନ୍ୟ ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ ଆପଣା କୁଳମର୍ଯ୍ୟାଦାନୁସାରେ ଭୋଜନ ଓ ମର୍ଯ୍ୟାଦାବ୍ୟବହାରରେ ସନ୍ତୁଷ୍ଟ କରାଇବାରେ ତଦ୍ଦେଶୀୟ ସାଧାରଣ ଭଦ୍ରମଣ୍ଡଳୀରେ ବିଶେଷ ଧନ୍ୟବାଦ ଲାଭ କରି ଅଛନ୍ତି । ଓଡ଼ିଶା ବ୍ରାହ୍ମଣ ଜମିଦାର ଓ ଧନୀମାନଙ୍କ ମଧ୍ୟରେ ବ୍ରାହ୍ମଣପଣ୍ଡିତ ନିମନ୍ତ୍ରଣ କରାଇ କ୍ରିୟାସମାଧାନ କରିବାର ଏହି ନୂତନ ଦେଖାଗଲା, ଅତଏବ ଈଶ୍ୱର ଉକ୍ତ ଶ୍ରୀ ଚୌଧୁରୀ ବୈଦ୍ୟନାଥରାୟଗୁରୁ ମହାପାତ୍ରଙ୍କର ଏହି ସଦ୍ଭାବକୁ ଉତ୍ତରୋତ୍ତର ଉନ୍ନତ କରନ୍ତୁ ଆଉ ଓଡ଼ିଶା ଧନୀ ଓ ଜମିଦାର ବ୍ରାହ୍ମଣମାନଙ୍କ ମଧ୍ୟରେ ଆଦର୍ଶ ସ୍ୱରୂପେ ଲୋକରେ ବିଖ୍ୟାତ କରନ୍ତୁ । ଇତି ।—

। ନ । ଜଣେ ଦର୍ଶକ

---

### ଦୋଳଯାତ୍ରା ବା ହୋଲିପର୍ବ ।

ଏ ଦେଶରେ ହୋଲିପର୍ବ ବହୁକାଳରୁ ଯେପରିଭାବରେ ପାଳିତ ହୁଏ ତାହା ପ୍ରାୟ ଅଧିକାଂଶଲୋକଙ୍କୁ ଅବିଦିତ ନାହିଁ କିନ୍ତୁ ଏହି ପର୍ବ ଉତ୍ପତ୍ତି କେଉଁ କାରଣରୁ ଓ କେଉଁ ସମୟରୁ ହୋଇଅଛି ତାହା ସର୍ବସାଧାରଣଙ୍କୁ ଅବଗତ ନାହିଁ । କଥିତ ଅଛି ଯେ ଅତିପୂର୍ବକାଳରେ ପୃଥିବୀମଣ୍ଡଳ ଜଳଉପରେ ସ୍ଥାୟୀତ୍ୱପ୍ରାପ୍ତ ହୋଇ ନ ଥିବା ସମୟରେ ହିରଣ୍ୟାକ୍ଷ ନାମକ ଏକ ଦାନବ ଉକ୍ତ ମଣ୍ଡଳକୁ ଅପହରଣ କଲା । ଏହେତୁ ମହାପୁରୁଷମାନଙ୍କ ପ୍ରାର୍ଥନାନୁସାରେ ଶ୍ରୀବିଷ୍ଣୁ ଯଜ୍ଞବରାହରୂପରେ ଅବତୀର୍ଣ୍ଣ ହୋଇ ସେହି ଦାନବକୁ ବଧକରଣାନନ୍ତର ପୃଥିବୀମଣ୍ଡଳକୁ ତାହା ହସ୍ତରୁ ମୁକ୍ତ କଲେ । ହିରଣ୍ୟାକ୍ଷର ହିରଣ୍ୟକଶ୍ୟପ ନାମରେ ଗୋଟିଏ ଅନୁଜ ଥିଲା ଶାସ୍ତ୍ରପୁରାଣରେ ଉଲ୍ଲେଖ ଅଛି ଯେ ହିରଣ୍ୟକଶିପୁ ଅନେକଦିନସାବଧି ଘୋରତପସ୍ୟାଦ୍ୱାରା ବ୍ରହ୍ମାଙ୍କୁ ପ୍ରୀତ କରାଇ ଅଭିମତ ପ୍ରାର୍ଥନାନୁସାରେ ଅଜୀବ ଅଭିନବ ବର ପ୍ରାପ୍ତ ହୋଇଥିଲା କି ଯହିଁରେ ବିଧାତାର ସୃଷ୍ଟ କୌଣସି ପ୍ରାଣିର ହସ୍ତରେ ଅସ୍ତ୍ର ଓ ଶସ୍ତ୍ରଦ୍ୱାରା ଆପଣାର ମୃତ୍ୟୁ ହେବ ନାହିଁ । ଅପର ଅଭ୍ୟନ୍ତରରେ ଅବା ବହିର୍ଭାଗରେ ଦିବସ ବା ରାତ୍ରିରେ ଭୂମି କିମ୍ବା ଅନ୍ତରୀକ୍ଷଦେଶରେ ବ୍ରହ୍ମସୃଷ୍ଟ ଭିନ୍ନ ଅନ୍ୟ କେହି ତଥା ଅପ୍ରାଣ ବା ସପ୍ରାଣ କିମ୍ବା ମୃଗ ଦେବ ବା ଅସୁର ଅଥବା ମହୋରଗପ୍ରଭୃତି କେହି ଅନିଷ୍ଟକାରୀ ହୋଇ ନ ପାରିବେ । ଏପରି ବରହେତୁ ହିରଣ୍ୟକଶିପୁ ଦୁର୍ଦ୍ଦମ ହୋଇ ତ୍ରିଲୋକରେ ଆଧିପତ୍ୟସ୍ଥାପନ କରିଥିଲା । ହିରଣ୍ୟକଶିପୁର ପ୍ରହ୍ଲାଦ ନାମକ ଏକ ପୁତ୍ର ଥିଲା । ସେ ଜଣେ ବିଷ୍ଣୁଭକ୍ତ । ହରିଦ୍ୱେଷୀ ହିରଣ୍ୟକଶିପୁ ବିଷ୍ଣୁଭକ୍ତିର ବାଧାକଲମୀ ଅନେକ ସମୟାନୁସାରେ ପ୍ରହ୍ଲାଦକୁ ପଥିକ ନ ହେବା ଦେଖି ତାହାପ୍ରତି ମତ୍ତହସ୍ତୀ ଓ ମହାସର୍ପାଦିଦ୍ୱାରା ପ୍ରାଣଦଣ୍ଡାଦି ନାନାପ୍ରକାର ଯାତନାମାନ ବିଧାନ କଲା ତଥାପି ପ୍ରହ୍ଲାଦର କିଛି ବାଧା ଅବା ହରିଭକ୍ତିର ହ୍ରାସ ହେଲା ନାହିଁ । ପରିଶେଷରେ ହିରଣ୍ୟକଶିପୁର ହୋଲିକା ନାମରେ ଗୋଟିଏ ଭଗିନୀ ଥିଲା । ସେ ନାନାବିଧ ଅଗ୍ନିଶୀଳତା ଜାଣେ । ଉକ୍ତ ରାକ୍ଷସୀ ଭ୍ରାତାର ମତାନୁସାରେ ଗୋଟିଏ ଦଗ୍ଧର ନିଷ୍ଠାତ ପ୍ରସ୍ତୁତ କରି ତହିଁରେ ଭୂରି ଭୂରି କାଷ୍ଠ ସଞ୍ଚୟନପୂର୍ବକ ତହିଁରେ ଅଗ୍ନି ରଚନା କଲା ପରେ କୌଣସି କୈତବରେ ପ୍ରହ୍ଲାଦକୁ ନେଇ ସେହିଚିତାମଧ୍ୟରେ ପ୍ରବେଶ କରିବାରେ ଦେଖାଗଲା ଯେ ଭସ୍ମାବଶିଷ୍ଟ କଳେବରରେ ରହିଅଛି ମହାତ୍ମା ପ୍ରହ୍ଲାଦର ଶରୀର ପ୍ରତପ୍ତକାଞ୍ଚନ ତୁଲ୍ୟ ଦେଦୀପ୍ୟମାନ ହେଉଅଛି । ହିରଣ୍ୟକଶିପୁ ସକଳମତରେ ହତୋଦ୍ୟମ ହୋଇ ଅବଶେଷରେ ପ୍ରହ୍ଲାଦକୁ ସଭାପ୍ରତି ଆହ୍ୱାନ କରି ଖଡ୍ଗାଦିଦ୍ୱାରା ଭୟ ଓ ତର୍ଜନ ଦେଖାଇ ଜିଜ୍ଞାସା କଲା କି ତୋହର ଉପାସ୍ୟଦେବ କିଏ ଓ କାହାନ୍ତି । ପ୍ରହ୍ଲାଦ ନିଃଶଙ୍କଭାବରେ କହିଲା ଯେ ସର୍ବବ୍ୟାପକ ବିଷ୍ଣୁ ଆମ୍ଭର ଉପାସ୍ୟ ସମସ୍ତସ୍ଥଳରେ ଅଛନ୍ତି । ଅସହିଷ୍ଣୁ ଦୈତ୍ୟ ଶୀଘ୍ର ଆପଣା ବଳର ପ୍ରତିଜ୍ଞାବଚନ ଯେପରି ପ୍ରତିପାଳିତ ହେବ ମଧ୍ୟ ବ୍ରହ୍ମାଙ୍କ ବର ସପ୍ରାଣ ହେବ ସେହିପରି ଘଟନାବିଧାନରେ ସନ୍ଧ୍ୟାସମୟରେ ଦାରୁକର ସ୍ତମ୍ଭମଧ୍ୟର ଏକସ୍ତମ୍ଭରୁ ନରସିଂହ ମୂର୍ତ୍ତିରେ ଭଗବାନ୍ ହୋଇ ଅବତୀର୍ଣ୍ଣ ହେବା ମାତ୍ର ସ୍ୱୀୟ ନଖାଗ୍ରଦ୍ୱାରା ହିରଣ୍ୟକଶିପୁର ବକ୍ଷସ୍ଥଳ ବିଦାରଣପୂର୍ବକ ତାହାର ଅନ୍ତ୍ରମାଳାମାନ ଆପଣାର କଣ୍ଠଦେଶରେ ମାଳାରୂପରେ ଦୋଳାୟମାନ କରାଇଲେ ଏହି ଲୀଳାର ସ୍ମରଣନିମିତ୍ତ ଏବଂ ଧର୍ମର ବିଜୟର ଧର୍ମରେ ଜୟସୂଚନାର୍ଥ ମହାପୁରୁଷମାନେ ହୋଲିପର୍ବ ଆରମ୍ଭ କରିଥିବା ଇତିବୃତ୍ତ ପ୍ରକାଶମାନ ହେଉଅଛି । ଦେଖନ୍ତୁ କଥିତ ଇତିବୃତ୍ତରେ ହୋଲିକା ଦାନବୀ ଯେଉଁ ଚିତାଗ୍ନି ରଚନା କରିଥିଲା ତାହା ଉକ୍ତ ପର୍ବରେ ହୋଲିକାଚିତାଗ୍ନିରୂପରେ ସଙ୍କେତସ୍ୱରୂପ ବ୍ୟବହୃତ ହେଉଅଛି ।

ଉକ୍ତ ଲିଖିତବିଷୟ ଶାସ୍ତ୍ରସଙ୍ଗତ ତ କା ଯଦି ହୋଇ ନ ପାରେ ତେବେ ହୋଲିପର୍ବକୁ ଅନ୍ତ

Digitized by srujanika@gmail.com

Split by PDF Splitter



ଅନ୍ୟ କ କାରଣରୁ କେବେ ଦେଖ ଏହା ଆପଣଙ୍କ ଜଗଦ୍ବ୍ୟାପୀ ପତ୍ରିକାର ପାଠକବୃନ୍ଦଙ୍କ ମଧ୍ୟରୁ କେହି ଅନୁଗ୍ରହପୂର୍ବକ ଅବବୋଧ କରାଇଲେ ଚରିତାର୍ଥ ହେବୁଁ । ଇତି ।

୧୦।୪।୯୧ } ଆପଣଙ୍କର ବଶମ୍ବଦ ଶ୍ରୀଉପେନ୍ଦ୍ରାଗ୍ରଜ୍ୟ ଶର୍ମା

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଏ ନାଗନାଥବନ୍ତ୍ରୁ | କଟକ | ଟ ୬।୯ |
| ରାଜା କଙ୍କେ | ଲଢଣମପୁର | ଟ ୩।୯ |
| ମୁନ୍ସି ଅବଦୁଲ ମଜିଦଖାଁ | ଜାଜପୁର | ଟ ୧।୯ |
| ବାବୁ ଉମେଶଚନ୍ଦ୍ର ମଣ୍ଡଳ | ବାଲେଶ୍ବର | ଟ ୩।୯ |
| ଚୌଧୁରୀ ବୈଦ୍ୟନାଥ ସ୍ୱସ୍ତିକ ମହାପାତ୍ର ରେଢ଼ା | | ଟ ୩।୯ |
| ବାବୁ ମାଧବଚନ୍ଦ୍ର କର | ଦରଗଡ଼ | ଟ ୩।୯ |
| ବାବୁ ସିଦ୍ଧାର୍ଥ ପ୍ରସାଦ ଦାସ | ବାଲେଶ୍ବର | ଟ ୩।୯ |
| ଶ୍ରୀ ଚକ୍ରଧର ବାବୁ | ଉଦାଳପୁର | ଟ ୩।୯ |

## ବିଜ୍ଞାପନ ।

### NOTIFICATION No. 234.

Some vacancies having occurred and more being likely to occur soon in the Civil Courts of the Cuttack, Puri and Balasore districts, a competitive examination will be held in the Court premises of the District Judge at 7 A. M. of Friday and Saturday the 15th and 16th May next of all candidates for employment in Civil Courts as Clerks and Muhurirs, the initial pay of the posts being 20 per mensem. The following qualifications will be required. )

A fair knowledge of English and Ooryah.

Neat and good hand writing in both those languages.

Good character ( for which certificates signed by two gentlemen of position must be produced.

Must be of 25 years of age. Date of birth should be stated in the application.

If the candidate has passed any University or public examination the fact should be mentioned in the application.

Candidates who may have passed the First Arts Examination will be given preference and selected without any examination provided they possess a sufficient knowledge of Uriya and their hand writing is good.

No outsider will be appointed Clerk or Muhurirs as above or as Copyist so long as a selected candidate under the age of 25 remains available. A list of the selected candidates will be published shortly after the examination, and appointments will be given in order of that list as vacancies occur.

Cuttack Judge's office } B. L. GUPTA,
The 26th April, 1891. } *District Judge.*

### NOTICE.

Wanted a Graduate Head Master for the Jajpur Entrance School on Rs. 55 a month. Apply to the undersigned on or before the 15th of May next.

JAJPUR } RAJANI NATH GHOSE
15—4—91 } Munsif of Jajpur and Vice-President of the School, the District of Cuttack.

Wanted a Head Clerk for the Road Cess Collection Office, Pooree, on a salary of Rs. 40 rising to Rs. 50 by biennial increment of Rs. 2 and also a 2nd Clerk at Rs. 30 for the said office.

Candidates are invited to send in their applications with copies of testimonials to the undersigned up to the 8th proximo. None need apply who is not well up in accounts and who does not possess a competent knowledge of English and Road Cess Office work.

Pooree 21st. April 1891. } D. B. ALLEN
Collector.

ଅଳ୍ପ ମୂଲ୍ୟ ।

## ଥିଏଟରସଂଗୀତ
## ବା
## ନାଟକଗୀତ ।

ଏହି ପୁସ୍ତିକାରେ ସୁଲଳିତ ଉତ୍କଳସ୍ୱରର ଓ ଅଧିକାଂଶ ବଙ୍ଗଳା ଓ ହିନ୍ଦୁସ୍ଥାନୀସ୍ୱରର ଅନୁକରଣରେ ରଚିତ ନୂତନ ପ୍ରକାର ସଙ୍ଗୀତମାନ ସନ୍ନିବିଷ୍ଟ ହୋଇଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ମୂଲ୍ୟ ଟ ୦ ୬ ଦୁଇଅଣା ମାତ୍ର ।

କଟକ ୨୮।୧।୯୧ } ଶ୍ରୀ ଗୌରୀଶଙ୍କର ରାୟ ସମ୍ପାଦକ ।

## ନୂତନ ପୁସ୍ତକ ।

### ଚନ୍ଦ୍ରାବଳୀ ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଟ ୦ ୮ ଆଠଅଣା ମାତ୍ର । ମୋଫସଲ ସକାଶେ ଡାକମାସୁଲ ଟ ୦୧ ୬ ଲାଗିବ ।

## ମେହରୋଗ ।

ଗ୬୦ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାରୁ ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଜୀବାର୍ଦ୍ଧ ଯୌବନରୂପ ସମ୍ପଦ ନାହିଁ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରିଛନ୍ତି ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଷଣ୍ଢାର ଉପ୍ତଦଂଶରେ ପରିଣତ ନ ହେଲେ ଅଲ୍ପ ଦିନ ଭିତରେ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅବେରଟୋଲା ନମ୍ବର ଭବନରେ ଏ, କେ, ଦାସ ଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୭୫ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

Watches! Clocks! Time pieces!
Repaired by an efficient workman the premises of the Cuttack Printing Company. Charge moderate.

## ଘଡ଼ିମରାମତି ।

କାଲାପ୍ରକାର ଘଣ୍ଟା ବଡ଼ ମୂଲ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରାଇଅଛୁଁ । ଯାହାଙ୍କର ଦରକାର

Digitized by srujanika@gmail.com

Split by PDF Splitter



ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରବେ ।

ସେଉର ଅବସ୍ଥା ଅନୁଯାୟୀ ୭ମାସଠାରୁ ପୂର୍ଣ୍ଣ ବର୍ଷ ପର୍ଯ୍ୟନ୍ତ ଶେରେସ୍ତି ଦଅଯିବ ଅର୍ଥାତ୍ ମର୍ମନ୍ତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେତ ନ ଖୁଲଲେ ପୁନର୍ବାର ଦୁରସ୍ତ କରଦଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦ୍ଧ, ପୁଲିସ୍ ଷ୍ଟେଉନଫୋକୁର ଓ ଭଲଣ୍ଟେହ୍ରର୍କର କମର ବନ୍ଧବାଲ ଓଗେର ସାଜ, (ଇମ୍ପାର ଓ ପିତ୍ତଳର ନାନାବିଧ ଅଳଙ୍କାରବ ରୂପା ଅବା ସୁନାରେ; ରୂପାର ମୁଦ୍ଧ ଓଗେର ଅଳଙ୍କାର ସୁନାରେ) ଗିଲ୍‌ଟ କର ଦଆଯିବ ।

କଟକ
୧୬।୧୨।୮୯ } ଶ୍ରୀ ଗୌରୀଶଙ୍କର ରାୟ

---

ଅଯୁର୍ବେଦୋକ୍ତ
ନୂତନ

## ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରଦ୍ରମାନଙ୍କୁ ବନା ମୂଲ୍ୟରେ ମଧ୍ୟ ଦଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରବେ ଯତ୍ନ ପୂର୍ବକ ସେମାନଙ୍କର ଚକିତ୍ସା କରବାକୁ ପ୍ରସ୍ତୁତ ଅଛୁଁ । ମଫସ୍ୱଲବାସୀମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

## ବାଲିକାଗଜ ।

ଉଲଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଛାପାଖାନା ନକଟେ ବାବୁ ଅର୍ଜ୍ଜୁନଚନ୍ଦ୍ର ଦାସ ନମ୍ଭାନଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ ଓଟି | ଭାଇ | ୦ ୧୬ ୫ ୨୭/ | ୦ ୧୬ ୫ ୨୯/୦ |
| ୧୦ ଓଟି | „ | „ ୫ ୨୫ | „ ୫ ୦ ୬/୦ |
| ୧୨ ଓଟି | „ | „ ୫ ୨୧ | „ ୫ ୦ ୬/ |
| ୧୨ ଓଟି | ଡବଲଫୁଲସ୍କେପ୍ „ | ୫ ୩/ | „ ୫ ୦ ୬/୦ |

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ଉକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତନ୍ଦରକୋଣା ଓ ବଲଗ ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ ବନ୍ଦୁକ ଇମାଖ ସରଗତର ବିକ୍ରୟ ହେଉ ଅଛି ତାହା ସମସ୍ତ ସାଦକଳର୍ଣ୍ଣଙ୍କ ପକ୍ଷରେ ବଦତ ଅଛି । ଉଦଉକ ଅଛି କେତେକ ଫେସନ ଜନସାହ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଅବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମଲ୍ୟରେ ପ୍ରାପ୍ତ ହୋଇ ପାଉବେ । ଏତଦ୍ଭିନ୍ନ ଅମ୍ଭେମାନେ ବଙ୍ଗର ଖାତ୍ର ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରଯିବ । ସବ ଉକ୍ତ ଖାତ୍ରମାନ ବିକ୍ରୟ ହେବା ପର୍ଯ୍ୟ ଅପଣା ମଫସଲସ ସକାଶେ ଦରକାର ହେବେ ଏବ ଗ୍ରାହକ ଏ ତଙ୍କା ୫୦/୬ ହସାବରେ ଜମା ଦେଲେ ପାଇ ପାରବେ । ମାତ୍ର ତାହାର ସେତ ଖରିଦଦାର ଭାର ତାଙ୍କ ଉପରେ ଥିବ । ସେତ ହେଲେ ଖାତ୍ରର ପୁନ ମଲ୍ୟ ତାଙ୍କୁ ଦେବାକୁ ହେବ ।

ତପସିଲ ।

ମନରଞ୍ଜନୀ କେଉଣ ୦, ଗନ୍ଧରେ ଘୃତ ଜେଉଲ ଯୁକ୍ତ ।
ସ୍ମେଲିଂସ୍ଲଟ
ଲେଭେଣ୍ଡର୍ ତେଲ ଜଳକା ଲେଜ ସ୍ୱାଦ ଓ ରୋଗ ସ୍ତନ୍ଧନ ।
ନବୋଂ ଅର୍ଥାତ ଜଳଖା କାଗଜ ପେନସିଲ ଓ କଲମ ।
ପେନ୍‌ସିଲ ଖାଣ୍ଟିଲା ଯନ୍ତ୍ର ।
ନାନା ପ୍ରକାରର ବଟେଲ କାଗଜ ଓ ଲଫାଫା
ଚିଠି ଖେ
ଫେଉ ଭଷ ।
ବିଜଣ ଗ୍ରାହକ ।
ବାକାଲ ସ୍ୱାଭାବ ଖର୍ଚ୍ଚ ଲେ ଲୁଗା ପରସ୍କାର ହୁଏ ।
ଷକେଟ କ୍ଲେତ—ଅର୍ଥାତ୍ ସୁଗନ୍ଧୀ ଚୂର୍ଣ୍ଣ ।
ଶଏଲ ଚୁଣ ।
ଓସ୍ତରଭ ସୁଦ ଛୁରୀ ।
କର୍ପୁର୍ବ ଡକ ।
ହୋଷ୍ଟେଭାଇନ ।
କାଚ ବୋତଲ ଓ ଥଡ ରଙ୍ଗିତ ଓ ସାଦା ସାଢ଼ୀ
ଉନର୍ଶ କୁରଫାଗ୍ରକୁଳ ଏକଫଲ ତୁଲ
କେଉଡ଼ ପତ୍ରୋଳ ଆମ ଜେଲକରି ଥଏଲ
ଏ. ବୋତଲ ଅନ୍ୟତେଲ କାମିଜ ଓ କୁର୍ତ୍ତା ।
ଛଲଗ ଅଲଷ୍ଟୋଟ ଏକଳ କାଉନ ।
ଅଉଷେଧ ପେନ୍‌ସିଲ ଯାହ ଏ ପେନ୍‌ସିଲରେ ଲେଖି ଜଳଦ ଦେଇ ଓଷାଲ ଲେଖ ପେନ୍‌ସିଲ ଲେଖା ସ ଷରେ ତେଉ ତପାଲ ଟେଲିଗ୍ରାଫ ଭଳ ଲ ଗଇଲେ
ପୋଷାକ ଓ ଚିତ୍ରର କେଶର ମେଳ ଓ ଲଇଲ ଭଲେ ଛରେ
ଟୁପି ଜାତ ପରେ ଲିଖ କେଦିଗାକେଲେ ଝଡ ଓ ଶୁଙ୍ଗିଲେ ଭଳା ଦେବ ।
ଅଳକା ତଲ୍ଲା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ „
ମୋଜା ଓ ମୋଜାବନ୍ଧ
ଉତ୍ତମ ଧଳା ଜଳଦାଣି
ଷଲଗ୍‌ସାଲିକ ଜଳା ଓ ସ୍ୱକଡ଼ା
ଭେମେଣ୍ଟରେଲ ॥
ନଳ ଓ ପାଉଡରଦୌଡ଼ ରୋଷ ।
କଲମ୍ବିଜ ଟୋଇଲେଟ ଓଡ ଭାଜଜାଉ ଥାଳ
ମସଲାମା
ରେଭ ନ ଫେନ୍ସିଂ କାଚଲ୍ଲା ଗାଡ଼ି ଓ ରୋଗ ଓ ଛତ୍ର
ମନସ୍ଭାବକ ଓ ବନ୍ଦିଆ ପାଠ ଗାଇବୋଇ ଓ ଶାଢ଼ୀ ।
ଟ୍ରିଙ୍କ ଜାତ
ଏଷିନୋସ ଅଥିତ ଇଷ୍ଟ କଠ ଲଘାଲ ଅଷର ଉତ୍ପତ ଚୋଳ ଜାଣିବ ଦରକାର ହୁଏ ।

## ପିଚଗାର ।

ଏ ଗାଉଲୁ କେଉଣସି ପାତ୍ରରେ ରଖି ଭଅଁରେ ଉଲଲାଇ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ପରଣ ମଞ୍ଚ ଅଲେ ଲେପିଦେଲେ ମଜବୁତ ହେବ ଓ ଭଙ୍ଗ ଧରବ ନାହିଁ ।

ବଙ୍ଗିଭ ଚମଡ଼ା ଓ ସାଢ଼ରେ ଲଗାଇବାର ଲାଗି ମଧ୍ୟ ଅଛି ।

ଅରବିନ୍ଦ ଦାସ କମ୍ପାନ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ଉଲଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦୬ |
| ଅର୍ଦ୍ଧସ୍ତମ୍ଭ | ୨୫ ୪୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩୧ |

ମାତ୍ର କୌଣସି ବିଜ୍ଞାପନ ସେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ୫ ୦୪ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଙ୍କ ପଠାଇବାକୁ ହେବ ।

---

ଏ ଏହ ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନ ଛାପାଖାନାରେ ଶ୍ରୀ ... ଦ୍ୱାରା ମୁଦ୍ରିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୬ ଶ
ସଂ ୧୯ ଶ।
ତା ୯ ରଙ୍ଗ ମାହେ ମଇ ସନ ୧୮୯୧ [illegible] ମୂ ବୈଶାଖ ଶୁ ୨୮ ନ ୪୯ ୧୨୯୮ ସାଲ [illegible]
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୪।

ଅସ୍ମମାନଙ୍କର ବର୍ତ୍ତମାନ ବଡ଼ଲାଟ ଲର୍ଡ଼ ଲାନ୍ସ ଡାଉନ ବାହାଦୁର ପୂର୍ଣ୍ଣ ପାଞ୍ଚବର୍ଷ କାଳ ଏଠାରେ ନ ରହି ଶୀଘ୍ର ବାହାର ଯିବେ ବୋଲି କେତେଥର ଜନରବ ଉଠି ଅଛି । ସମ୍ପ୍ରତିଃ ସେ ଜନରବ ସତ୍ୟ ହେବାପରି ଜଣା-ଯାଉଅଛି କାରଣ ସିମଲାରୁ ଏକବ୍ୟକ୍ତି ଲେଖି-ଅଛନ୍ତି କି ଏହିବର୍ଷ ଶେଷ ନ ହେଉଣୁ ସେ ଏଠାରୁ ବାହାର ଯିବେ । ଶାରୀରିକ ଅସୁସ୍ଥତା ଏଥିର କାରଣ ବୋଲି କଥିତ ହୁଅଇ ।

ବଙ୍ଗଦେଶର ଲେଫ୍‌ଟେନାଣ୍ଟ ସର୍ ଚାର୍ଲସ ଇଲି-ଅଟ ବାହାଦୁର ସହିତ ବହାର ସମ୍ବନ୍ଧରେ ଉତ୍ତମ ଆଦର୍ଶ ଦେଖାଇ ଅଛନ୍ତି । ସେ ଅନ୍ୟାନ୍ୟ ଲେଫ୍‌ଟେନାଣ୍ଟଙ୍କ ପରି ଦୀର୍ଘକାଳ ଦାର୍ଜିଲିଂରେ ବାସ ନ କରି ଏହିମାସ ଆରମ୍ଭରେ ସେଠାରୁ ଯାତ୍ରା କଲେ ଏବଂ ଦୁଇ ମାସରେ ଲେଉଟି ଆସି ଶୀଘ୍ରରେ ବାହାରିବେ । ଏହାଙ୍କର କର୍ତ୍ତବ୍ୟ ନିଷ୍ଠା ଅତ୍ୟନ୍ତ ପ୍ରଶଂସନୀୟ ଅଟଇ । ଅନ୍ୟାନ୍ୟ ଶାସନକର୍ତ୍ତାମାନେ ଶୈଳବାସ ବାଳଷ୍ଟା ଏହି-ପରି କ୍ଷୀଣ କଲେ ବଡ଼ ସୁଖର ବିଷୟ ହେବ ।

ଗତ ସୋମବାର ଅପରାହ୍ନ କାଳରେ ଏ-ନଗରରେ ଖୁବ ଧୂଳିଆପବନ ହୋଇଥିଲା ଏବଂ ମେଘ ଉଠାଇ ସନ୍ଧ୍ୟାପର୍ଯ୍ୟନ୍ତ ଭୟଙ୍କର ଗର୍ଜନ ତର୍ଜନ ହୋଇଥିଲା ମାତ୍ର ସାମାନ୍ୟ ବର୍ଷାପା-ତରେ ଶେଷ ହେଲା । ଶୁଣିଲୁଁ ଏହିଦିନ ଯାଜ-ପୁର ମୁନସଫି କଚେରୀରେ ବଜ୍ରପାତ ହୋଇ ବାଉଦାରୁ ଖଣ୍ଡେ ଯୋଡ଼ିଗଲା ଭାଗ୍ୟକୁ କାଗ-ଜପତ୍ର କିଛି ନଷ୍ଟ ହୋଇ ନାହିଁ କେବଳ ବଗିଚାସଙ୍ଗି ଅନେକ ଗଛ ଉଲଟପାଲଟ ହୋଇଗଲା ।

ମିରଜ୍ଞାଇଆଡ଼ୁ ଯେ ସମ୍ବାଦ ଆସୁଅଛି ତହିଁରୁ ପ୍ରକାଶ ଯେ ଇଂରାଜମାନଙ୍କ ସହିତ ଶତ୍ରୁପକ୍ଷୀୟ ପ୍ରାୟ ୬୮୦୦ ଶ ସେନାଙ୍କର ଆଉ ଏକ ଲଢ଼ାଇ ହୋଇଥିଲା । କେତେକ୍ଷଣ ଯୁଦ୍ଧ ଉତ୍ତାରୁ ଶତ୍ରୁପକ୍ଷ ହାରି ପଳାୟନ କଲେ । ସେ-ମାନଙ୍କର ଅନେକଲୋକ ନଷ୍ଟ ହୋଇ ଅଛନ୍ତି । ଇଂରାଜଙ୍କ ପକ୍ଷରୁ ଗୋଟିଏ ହତ ଓ ଗୋଟିଏ ଆହତ ହୋଇଥିବାର କଥିତ ହୁଏ । ପଙ୍କରୁ ଓହ୍ଲାଇ ଶତ୍ରୁପକ୍ଷ ଉପତ୍ୟକାକୁ ଯାଆନ୍ତେ ସେ-ଠାରୁ ମଧ୍ୟ ତୋପଯୋଗେ ତାଙ୍କୁ ତଡ଼ି ଦିଆ-ଗଲା । ଏଥିରେ ସେମାନଙ୍କର ଆଉ କେତେକ ଲୋକ ନଷ୍ଟ ହେଲେ । ବର୍ତ୍ତମାନ ଇଂରାଜମା-ନେ ଏ ଅଞ୍ଚଳର ସର୍ବତ୍ର ଜୟଲାଭ କରୁ ଅଛନ୍ତି ।

ପୁରୀରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଶ୍ରୀମନ୍ଦିରର ମରାମତି କାର୍ଯ୍ୟ ସକାଶେ ବେଢ଼ା-ମଧ୍ୟରେ ନାନାସ୍ଥାନରେ ପଥର କାଠ ଇତ୍ୟାଦି ଜମା ହେଉଅଛି ଓ ତହିଁରେ ଅନ୍ଧାରରାତ୍ରରେ ଝୁଣ୍ଟିପଡ଼ି କେତେଯାତ୍ରି ଆଘାତ ପାଉଅଛନ୍ତି । ଏପରି ବାଣ୍ଟାବଟ ମୁକ୍ତିମଣ୍ଡପ ପ୍ରଭୃତି ସ୍ଥାନରେ ଅନ୍ଧାରରାତ୍ରରେ ଲୋକଙ୍କ ଇତ୍ୟାଦି ହେବାର ଏବଂ ସର୍ପାଦି ବୁଲିବାର ଦେଖାଯାଏ । ଏଥିପାଇଁ ସେ ମନ୍ଦିରର ମ୍ୟାନେଜର ଏବଂ ସ୍ୱାମୀଙ୍କଡେବା-ନଙ୍କୁ ମନ୍ଦିରମଧ୍ୟରେ ଆଲୋକ ଦେବାର ବନ୍ଦୋବସ୍ତ କରିବା କାରଣ ଅନୁରୋଧ କରଅଛନ୍ତି । ଏ ପ୍ରସ୍ତାବ ଯୁକ୍ତିସଙ୍ଗତ ବୋଧ ହେଉଅଛି । ଭରସା କରୁଁ ମନ୍ଦିରର ଭାରପ୍ରାପ୍ତ କର୍ମଚାରିମାନେ ଏ ବିଷୟରେ ମନୋଯୋଗୀ ହେବେ ।

ସନ ୧୮୯୦।୯୧ ସାଲର ଖରିଫ ଅର୍ଥାତ୍ ବର୍ଷାକାଳର ଫସଲ ସକାଶେ ସରକାରୀ ନାଲ-ଜଳ କି ପରିମାଣ ବ୍ୟବହାର ହୋଇଥିଲା ତହିଁର ତାଲିକା ଦୃଷ୍ଟିରେ ମାନ୍ୟବର ଲେଫ୍‌ଟେ-ନାଣ୍ଟ ପ୍ରକାଶ କରଅଛନ୍ତି କି ଏଥି ପୂର୍ବବର୍ଷ ମା ୫,୦୫,୬୦୨ ଣ ସ୍ଥଳେ ଏବର୍ଷ ମା ୪୮୫-୮୭୫ ଣ ଭୂମିରେ ନାଲଜଳ ମାଡ଼ିଥିଲା । ଅର୍ଥାତ୍ ଏବ ଶତକରା ପ୍ରାୟ ମା ୪ ଣ ଊଣା ପଡ଼ିଅଛି । ସୋନନାଲମାନଙ୍କରେ ମୋଟରେ ମା ୬୯୭୯ଣ ଏବଂ ଓଡ଼ିଶାନାଲମାନଙ୍କରେ ମା ୧୦୩୦ ଣ ଊଣା ପଡ଼ିଅଛି । ଏ ଉଭୟସ୍ଥଳରେ ଊଣା ପଡ଼ି-ବାର କାରଣ ଗତବର୍ଷଠାରୁ ଅଧିକବୃଷ୍ଟି ଅଟଇ । ମେଦନାପୁର ଅଞ୍ଚଳରେ ବୃଷ୍ଟି ଊଣା ଥିବାରୁ ମା ୧୧୦୭୨ଣ ବୃଦ୍ଧି ହୋଇଅଛି । ପାଶ୍ଚ-ବର୍ଷୀୟା କବୁଲିୟତର ନିୟମ ନ ଥିଲେ ଓଡ଼ି-ଶାରେ ଆହୁରି ଅନେକ ଊଣା ହୋଇଥାନ୍ତା ।

—୦✻୦—

Split by PDF Splitter
Digitized by srujanika@gmail.com

Split by PDF Splitter



କଲିକତା ନିକଟବାଲ ମିଉନିସିପାଲଟୀରେ ଏକବ୍ୟକ୍ତିର ଘରଟିକସ ଅତ୍ୟନ୍ତ ବୋଧ ହେବାରୁ ତାହା ତଦାରକ କରାଇବା ଅଭିପ୍ରାୟରେ ମିଉନିସିପାଲଟୀର ଚେଅରମାନ ଏବଂ ଟିକସ ବନ୍ଦୋବସ୍ତ କରିବା କମିଟୀର ଦୁଇ ୨ ସଭ୍ୟଙ୍କ ଘରସଙ୍ଗେ ଆପଣା ଘରର ଧାର୍ଯ୍ୟ ହୋଇଥିବା ମୂଲ୍ୟ ତୁଳନା କରି ଦେଖିଲ ଯେ ବାସ୍ତବରେ ତାହା ଘରରମୂଲ୍ୟ ଅଧିକ ଧରା ହୋଇଅଛି । ଏଥିପାଇଁ ସେ ଆଇନଅନୁସାରେ ଚେଅରମାନଙ୍କଠାରେ ଦରଖାସ୍ତ କରିଅଛି କି ଉପରଲିଖିତ ଘରମାନଙ୍କର ମୂଲ୍ୟ ନିରୂପଣ କରିବାକାରଣ ଜଣେ ପାସକରିଥିବା ଇଞ୍ଜିନୀୟର ନିଯୁକ୍ତ ହେଉ ଏବଂ ଦରଖାସ୍ତକାରୀ ତାହାଙ୍କ ଫିସଦେବାକୁ ପ୍ରସ୍ତୁତ ଅଛି । ଏ ଉପାୟଟି ଅଭିନବ ହେଲେ ହେଁ ବହୁତ ଅଟଇ । ଭରସା ହୁଏଇ ଟିକସବନ୍ଦୋବସ୍ତକାରମାନେ ଏଥିରେ ଉପଯୁକ୍ତ ଶିକ୍ଷା ପାଇବେ ।

---

ପୁରୀର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ସଂସ୍କାର ବିଷୟରେ ଯେଉଁ ଉଦ୍ୟମ ଏଠାରେ ଲାଗିଅଛି ତହିଁରେ ବଙ୍ଗପ୍ରଦେଶର ପ୍ରାୟ ସମସ୍ତ ସମ୍ବାଦପତ୍ରର ସହାନୁଭୂତି ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଯେଉଁମାନେ ହିନ୍ଦୁ ନୁହନ୍ତି ସେମାନଙ୍କ ମଧ୍ୟରୁ ଅନେକ ଲୋକ ଭାରତବର୍ଷର ଏହି ସୁନ୍ଦର ପ୍ରାଚୀନ କୀର୍ତ୍ତିକୁ ରକ୍ଷାକରିବା କାରଣ ସମସ୍ତଙ୍କୁ ଯତ୍ନବାନ୍ ହେବାପାଇଁ ଅନୁରୋଧ କରୁଅଛନ୍ତି । ଏକଖଣ୍ଡ ଦେଶୀୟ ଇଂରାଜୀ ସମ୍ବାଦପତ୍ରରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ବର୍ତ୍ତମାନ ଯେଉଁ ଜୀର୍ଣ୍ଣସଂସ୍କାରର ଚେଷ୍ଟା ହେଉଅଛି ଏହା କାର୍ଯ୍ୟରେ ପରିଣତ ହେବାକାଳରେ ମନ୍ଦିରରେ ଥିବା ଅଶ୍ଳୀଳ ମୂର୍ତ୍ତିମାନ ଉଠାଇଦେବାର ଉଚିତ । ଏଥିସଙ୍ଗେ ଧର୍ମର କୌଣସି ସମ୍ପର୍କ ନାହିଁ ଅଥଚ ଏହାସବୁ ଦେଖିବାବଡ଼ ଲଜ୍ଜାକର ବିଷୟ ଅଟଇ । ଏ ପ୍ରସ୍ତାବଟି ଅବଶ୍ୟ ସୁସଙ୍ଗତ ଅଟଇ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତହେଲୁଁ ଯେ ବଙ୍ଗୀୟ ନୂତନ ଲେଫ୍ଟେନାଣ୍ଟ ସର ଇଲୀୟଟ ବାହାଦୁର କଲିକତାର ଏକ ସରକାରୀ ବିଦ୍ୟାଳୟରେ ଛାତ୍ରମାନଙ୍କୁ ପରେଟ ଶିକ୍ଷାଦେବାର ଆଦେଶ ଦେଇଅଛନ୍ତି । ଭରସା କରୁଁ ସବୁ ସରକାରୀ ସ୍କୁଲରେ ଏହି ନିୟମ ଜାରି କରିବାର ଆଦେଶ ଦେବେ । ଏହାଦ୍ୱାରା ଛାତ୍ରମାନଙ୍କର ଅନେକ ଉପକାର ହେବାର ମଧ୍ୟପ୍ରଦେଶରେ ଏ ନିୟମ ଅନେକଦିନରୁ ଜାରି ହୋଇଅଛି ଏବଂ ସେ ପ୍ରଦେଶରେ ବଗିଚାକାର୍ଯ୍ୟ କରିବାର ଆଉ ଗୋଟିଏ ସୁନ୍ଦର ନିୟମ ପ୍ରଚଳିତ ଅଛି । ମୋଫସଲର ବିଦ୍ୟାଳୟର ଛାତ୍ରମାନଙ୍କୁ ପରେଟ ବଦଳରେ ବଗିଚା କାର୍ଯ୍ୟରେ ନିଯୁକ୍ତ କରିବ ଅଧିକ ହିତକର ଅଟଇ । କାରଣ ଏହାଦ୍ୱାରା ଶରୀର ଚାଳନାର ସଙ୍ଗେ ୨ ମାଟିକାର୍ଯ୍ୟର ଅଭ୍ୟାସ ହେବ ଏବଂ ଭବିଷ୍ୟତରେ ଛାତ୍ରମାନେ ନିତାନ୍ତ ବାବୁ ହୋଇ ମାଟିକାର୍ଯ୍ୟ କରିବାକୁ ଘୃଣା କରିବେ ନାହିଁ ।

---

ଚୂନାର ନିକଟରେ ରେଲଗାଡ଼ିରୁ ଯେଉଁ ଷୋଳଜଣ କଏଦୀ ଡେଇଁ ପଳାଇ ଥିଲେ ତହିଁମଧ୍ୟରୁ ସାତଜଣ ଧରା ପଡ଼ି ନ ଥିବାର ଏଥିପୂର୍ବେ ଲେଖିଥିଲୁଁ । ଏମାନେ ସମସ୍ତେ ଧରା ପଡ଼ିଅଛନ୍ତି । ଏମାନେ ରେଲଗାଡ଼ିରୁ ପଳାଇ ମିର୍ଜାପୁର ଜଙ୍ଗଲରେ ପଶି କେବଳ ରାତ୍ରରେ ବାହାରୁଥିଲେ ମାତ୍ର ଗ୍ରାମବାସିଙ୍କଠାରୁ କିଛି ସାହାଯ୍ୟ ନ ପାଇ ଖାଇବା କଷ୍ଟରେ ନିତାନ୍ତ ଅସମର୍ଥ ହେଲେ । ପୋଲିସ ଏମାନଙ୍କୁ ଖୋଜି ୨ ଗିରପ୍ତାର କଲା ଏବଂ ଏହାଦ୍ୱାରା ପୁଲିସର ପ୍ରଥମ ତ୍ରୁଟିର କିଛି ପ୍ରାୟଶ୍ଚିତ୍ତ ହେଲା । ଏମାନେ ଦାଏମିଲ କଏଦୀ ଅଟନ୍ତି ସୁତରାଂ ପଳାଇବା ଅପରାଧ ସକାଶେ ଆଉ କିଛି ଦଣ୍ଡ ଏମାନଙ୍କପ୍ରତି ହୋଇ ନ ପାରେ ବୋଲି ନିର୍ଭୟରେ ଅଛନ୍ତି । ଏମାନେ ଏକ ବିଖ୍ୟାତ ଡକାଏତ ଦଳର ଲୋକ ଅଟନ୍ତି । ଏମାନଙ୍କୁ ଆଣ୍ଡାମାନଦ୍ୱୀପକୁ ଶୀଘ୍ର ପଠାଇବାର ବନ୍ଦୋବସ୍ତ ହେଉଅଛି ।

---

ଷ୍ଟାମ୍ପବିକ୍ରେତାଙ୍କଦ୍ୱାରା ସରକାର ଯେଉଁ ପଇସାକିଆ କାର୍ଟିସକାଗଜ ବିକ୍ରୟ କରୁଅଛନ୍ତି ତାହା ଛଡ଼ା ଅନ୍ୟ କୌଣସି କାଗଜରେ ଦରଖାସ୍ତ ଇତ୍ୟାଦି ଅଦାଲତରେ ଦାଖଲ କରିବାର ପ୍ରଥା ନାହିଁ ବୋଲି ଏକ ଜଣ ଖଣ୍ଡେ ଫୁଲସ୍କାପ କାଗଜରେ ଦରଖାସ୍ତ ଲେଖି ଦାଖଲ କରିବାରୁ ଶ୍ରୀରାମପୁରର ମୁନସଫ ତାହା ଅଗ୍ରାହ୍ୟ କଲେ । ଦରଖାସ୍ତକାରୀ ଅପିଲ କରିବାରେ ହୁଗଲିର ଜଜ ନିଷ୍ପତ୍ତି କଲେ କି କାର୍ଟିସ କାଗଜ ଭିନ୍ନ ଅନ୍ୟ କୌଣସି କାଗଜରେ ଦରଖାସ୍ତ ଲେଖା ହେଲେ ତାହା ନଅସିଦ୍ଧ ନାହିଁ ଏପରି କିଛି ଆଇନ ନାହିଁ । ଅତଏବ ମୁନସଫଙ୍କ ହୁକୁମ ରଦ କଲେ । ଏ ନିଷ୍ପତ୍ତିରେ ମାମଲତକାରଙ୍କର ଟିକିଏ ସୁବିଧା ହେବ । କିନ୍ତୁ ହାଇକୋର୍ଟର ଆଦେଶ ଭିନ୍ନ ସକଳ ହାକିମ ତାହା ମାନିବେ କି ? ବାସ୍ତବରେ କୌଣସି ପ୍ରକାର ଭଲ ଓ ଟାଣ କାଗଜ ବ୍ୟବହାର ହେଲେ ଯଥେଷ୍ଟ ହେବ ବୋଲି ହୁଗଲିର ଜଜ ଯାହା କହିଅଛନ୍ତି ତାହା ଯଥାର୍ଥ ଅଟଇ ଏବଂ ସେପରି କାଗଜ ଏକପଇସାରେ ଦୁଇଖଣ୍ଡ ମିଳି ପାରେ ।

—୦—

କାଶୀରେ ରାମଚନ୍ଦ୍ରଙ୍କମନ୍ଦିର ଭଙ୍ଗା ହେବା ବ୍ୟାପାର ସେନେ ଯେଉଁ ଗୋଲମାଲ ଉପସ୍ଥିତ ହୋଇଥିଲା ତାହା ଶାନ୍ତ ହୋଇଅଛି । ମିଉନିସିପଲ କମିଶ୍ନରମାନେ ମନ୍ଦିର ଭାଙ୍ଗିବାର ପ୍ରସ୍ତାବ ରହିତ କରିଅଛନ୍ତି । ଯେବେ ପ୍ରଥମରୁ ଏହି କଥା ହୋଇଥାନ୍ତା ତେବେ ଲୋକେ ଏପରି ଅତ୍ୟାଚାରରେ ମାତି ନ ଥାନ୍ତେ । ଏ ସମ୍ପର୍କରେ ଲୋକଙ୍କଠାରୁ ପୁଲିସର ଅତ୍ୟାଚାର ଅଧିକ ହେବାର ଶୁଣାଯାଏ । ହଙ୍ଗାମା କରିବାବ୍ୟକ୍ତିଙ୍କି ଧରିବାଛଳରେ ପୁଲିସ ଅନେକ ନିର୍ଦ୍ଦୋଷୀ ଲୋକଙ୍କୁ ଗଞ୍ଜନ କଲେ ଏବଂ ଅନେକ ନିର୍ଦ୍ଦୋଷୀ ଲୋକଙ୍କୁ ଗଞ୍ଜନ କରିବା ଭୟ ଦେଖାଇ ଅଚ୍ଛା ପଣେ ରୋଜଗାର କଲେ । ସର୍ବସୁଦ୍ଧା ୧୬୧୪ ଜଣ ଲୋକ ଗଞ୍ଜନ ହୋଇଥିଲେ ମାତ୍ର ମୋକଦ୍ଦମା ବିଚାର ସମୟରେ ଛନ୍ଦିତ ନ ହେବାରୁ ଅଧିକାଂଶ ଲୋକ ଖଲାସ ପାଇଅଛନ୍ତି ଏବଂ ଅଧିକ ଖଲାସ ପାଇବାର କଥା ଶେଷ କେତେଜଣ ଦଣ୍ଡିତ ହେବେ ଦେଖିବାରେ ଆସିବ । ମାତ୍ର ପୁଲିସ ଯେଉଁ ଅତ୍ୟାଚାର କରିଅଛି ତହିଁର ଯଥୋଚିତ ଶାସ୍ତି ହେବ ଏହା ଆମ୍ଭେମାନେ ଦେଖିବାକୁ ଆଶା କରୁଁ । ଭରସା କରୁଁ କର୍ତ୍ତୃପକ୍ଷମାନେ ଦୃଢ଼ରୂପେ ଆପଣାର କର୍ତ୍ତବ୍ୟ ପାଳନ କରିବେ ।

---

ଆଗାମିକାଲି ରବିବାର ସକାଳେ ଆକାଶରେ ଗୋଟିଏ ଅପୂର୍ବ ଘଟଣା ହେବ ଅର୍ଥାତ୍ ବୁଧ ମହାଗ୍ରହ ସୂର୍ଯ୍ୟମଣ୍ଡଳର ଉପର ଦେଇ ଗ୍ରାସିବେ । ଏହାକୁ ବୁଧାଦିତ୍ୟବେଧଯୋଗ ବୋଲାଯାଏ । ଏହା ଏକପ୍ରକାର ସୂର୍ଯ୍ୟଗ୍ରହଣ ପ୍ରାୟ ଅଟଇ ମାତ୍ର ସୂର୍ଯ୍ୟଚନ୍ଦ୍ର ଛଡ଼ା ଅପର ଗ୍ରହମାନଙ୍କର ପରସ୍ପର ବାରବଯୋଗରେ ସମାଦର ବ୍ୟବସ୍ଥା ନ ଥିବା ଏବଂ ଯନ୍ତ୍ର ସାହାଯ୍ୟ ବିନା ଦୃଷ୍ଟିଗୋଚର ନ ହେବାରୁ ସାଧାରଣ

Digitized by srujanika@gmail.com

Split by PDF Splitter



ଲୋକେ ଏହାକୁ ବଡ଼ ଦେଖନ୍ତି ନାହିଁ । କିନ୍ତୁ ଜ୍ୟୋତିର୍ବିଦ୍ ପଣ୍ଡିତମାନେ ଏହାକୁ ଅବଲୋକନ କରି ତଦ୍ଵାରା ବିଷୟକ ଅନେକ କଥା ଅବଗତ କରିବାକୁ ସମର୍ଥ ହୁଅନ୍ତି । ଗତ ସନ ୧୮୮୧ ସାଲରେ ଏହି ଯୋଗ କଲିକତାରେ ସୂର୍ଯ୍ୟୋଦୟର କିଛି ପୂର୍ବେ ଘଟିଥିଲା । ଏଥର ସୂର୍ଯ୍ୟୋଦୟର ୨୦ ମିନିଟ ପରେ ଅର୍ଥାତ୍ ଘଂ ୬।୨ ସମୟରେ ସ୍ପର୍ଶ ହେବ ଏବଂ ୫ ଘଣ୍ଟା ପରେ ଅର୍ଥାତ୍ ଦିବା ଘଂ ୦।୪୫ ଠାରେ ମୋକ୍ଷ ହେବ । ଦୂରବୀକ୍ଷଣ ସାହାଯ୍ୟରେ ଦେଖିଲେ ଗୋଟିଏ କୃଷ୍ଣବର୍ଣ୍ଣ ଗୋଲାକାର ବସ୍ତୁ ସୂର୍ଯ୍ୟମଣ୍ଡଳର ଏକପ୍ରାନ୍ତରୁ ଅନ୍ୟପ୍ରାନ୍ତକୁ କ୍ରମାଗତ ଚାଲିଯିବାର ଦେଖାଯିବ । ଏଥିଉତ୍ତାରୁ ସନ ୧୯୨୪ ସାଲ ମଇମାସ ପର୍ଯ୍ୟନ୍ତ ଏପରି ଘଟନା ଭାରତବର୍ଷରେ ଆଉ ଦେଖାଯିବ ନାହିଁ ।

---

ଗତସପ୍ତାହରେ ପ୍ରକାଶିତ ବିଜ୍ଞାପନରୁ ପାଠକମାନେ ଜାଣିଅଛନ୍ତି ଯେ ଏଠା ଜଜ ଅଦାଲତ ଏବଂ ତହିଁ ଅଧୀନସ୍ଥ ମୁନସଫି ମହକୁମାମାନଙ୍କରେ କେତେଗୁଡ଼ିଏ ମୋହରରୀ କାର୍ଯ୍ୟ ଖାଲି ଥିବାରୁ ତହିଁପାଇଁ ଯୋଗ୍ୟ କର୍ମପ୍ରାର୍ଥୀ ମନୋନୀତ କରିବାସକାଶେ ଆଗାମି ଶୁକ୍ରବାର ଓ ଶନିବାର ଏବଂ ତହିଁପରଦିନ ପରୀକ୍ଷା ଗୃହୀତ ହେବ । ସୋମବାରଦିନ ଫିଅଦାକର୍ମର ପରୀକ୍ଷା ହେବ । ଏପରି ରୀତିରେ କର୍ମପ୍ରାର୍ଥୀ ନିଯୁକ୍ତ ହେବା ଅନେକକାଳରୁ ଦେଖାଯାଇ ନ ଥିଲା । ଏଥିରୁ ଜଣାଯାଉଅଛି ଯେ ଆମ୍ଭମାନଙ୍କର ନୂତନ ଜଜ ଶ୍ରୀଯୁକ୍ତ ଗୁପ୍ତ ସାହେବ ଅଦାଲତମହକୁମାମାନଙ୍କରେ ଯୋଗ୍ୟ ଲୋକଙ୍କୁ ଭରତି କରିବାକୁ ବିଶେଷ ଯତ୍ନବାନ୍ ହୋଇଅଛନ୍ତି । ନିମ୍ନ ଅଦାଲତମାନଙ୍କର ପରିଦର୍ଶନ ବିଷୟରେ ମଧ୍ୟ ସାହେବ ପ୍ରଶଂସିତ ଅତ୍ୟନ୍ତ ମନୋଯୋଗୀ ଅଟନ୍ତି । ଦୁଇମାସ ପୂର୍ବେ ସେ କେନ୍ଦ୍ରାପଡ଼ା ମୁନସଫି ତଦାରଖ କରିଥିଲେ । ଗତ ଶନିବାର ଏବଂ ସୋମବାର ଏନଗରସ୍ଥ ମୁନସଫି ବାହୁଲ୍ୟରୂପେ ତଦନ୍ତ କରିଅଛନ୍ତି । ଉପଯୁକ୍ତ କର୍ମପ୍ରାର୍ଥୀ ନିଯୋଗ ଏବଂ ସମୟେ ସମୟେ ପରିଦର୍ଶନ ବିନା କୌଣସି ମହକୁମାର କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହେବାର ଆଶା କରାଯାଇ ନ ପାରେ । ଉପଯୁକ୍ତ ଜଜ ସାହେବ ଏସବୁ ବିଷୟରେ ତତ୍ପର ହେବାରୁ ଅନେକ ସୁଫଳର ଆଶା ହେଉଅଛି ।

---

ଗତ ଲାଟବନ୍ଦୀ କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହୋଇଅଛି । ଏଥର ପ୍ରାୟ ଦେଢ଼ ହଜାର ମନିଅର୍ଡ଼ରଦ୍ଵାରା ମୋଫସଲରୁ ରାଜସ୍ଵ ପ୍ରେରିତ ହୋଇ ଅଛି । ଗତ ନବମ୍ବର ଲାଟବନ୍ଦୀରେ ତିନିହଜାରରୁ ଊର୍ଦ୍ଧ୍ଵ ସଂଖ୍ୟକ ମନିଅର୍ଡ଼ର ହୋଇଥିଲା । ଏଥର ମନିଅର୍ଡ଼ର ସଂଖ୍ୟା ଊଣା ପଡ଼ିବାର କାରଣ ଏହି କି ଗତ ଲାଟବନ୍ଦୀରେ ନିର୍ଦ୍ଧାରିତ ଦିନ ଉତ୍ତାରୁ ପ୍ରାୟ ଅନେକ ମନିଅର୍ଡ଼ର ଦାଖଲ ହେବାରୁ ବୋର୍ଡ଼ଙ୍କ ନିୟମାନୁସାରେ ସେ ମହାଲମାନ ନିଲାମରେ ଆସିଲା ଓ ପଶ୍ଚାତ୍ ଖାରଜ ହେବା ସକାଶେ ଟ ୧। ଖର୍ଚ୍ଚ ପଡ଼ିଲା । ବୋର୍ଡ଼ ଯେବେ ଜମିଦାରଙ୍କପ୍ରତି ଅନୁଗ୍ରହପୂର୍ବକ ସେମାନଙ୍କ ସୁବିଧା ସକାଶେ ମନିଅର୍ଡ଼ର ପ୍ରଥା କଲେ ତେବେ ଅଳ୍ପକେ ସେମାନଙ୍କୁ ହରକରରେ ପକାଇବାର ଉଚିତ ନୁହଇ । ଏବିଷୟର ପୁନର୍ବିଚାର ସକାଶେ ଆମ୍ଭେମାନେ ପୁନଃ ପୁନଃ ପ୍ରାର୍ଥନା କରି ଆସୁଅଛୁଁ ମାତ୍ର ତହିଁରେ କେହି କର୍ଣ୍ଣପାତ କରୁ ନାହାନ୍ତି ।

ବର୍ତ୍ତମାନ ଆମ୍ଭମାନଙ୍କ ଭାଗ୍ୟକୁ ଶ୍ରୀଯୁତ ଟଏନବି ସାହେବ ଓଡ଼ିଶାର କମିଶନର ହୋଇ ଅଛନ୍ତି ଏବଂ ଓଡ଼ିଶା ପକ୍ଷରେ ବିଶେଷ ବିଚାରର ଆବଶ୍ୟକ କାରଣ ଏ ପ୍ରଦେଶରେ କ୍ଷୁଦ୍ରଜମିଦାରୀ ସଂଖ୍ୟା ଅତ୍ୟନ୍ତ ଅଧିକ ଅଟଇ ଓ ସେ ଜମିଦାରମାନେ ଅତି ଦରିଦ୍ର ଥିବାରୁ ବାଧ୍ୟ ହୋଇ ଅଗତ୍ୟା ଓସୁଲ କରିଆନ୍ତି । ଏଣୁକରି ଲାଟବନ୍ଦର ତିନି ଚାରିଦିନପୂର୍ବେ ରାଜସ୍ଵର ମନିଅର୍ଡ଼ର କରାଇବା ସେମାନଙ୍କ ପକ୍ଷରେ ବଡ଼ କଷ୍ଟକର । ନବମ୍ବର ଲାଟବନ୍ଦରେ ଏତେ ଜମିଦାର ହରବର ହୋଇଥିଲେହେଁ ଓ କଲେକ୍ଟର ସାହେବ ବୋର୍ଡ଼ଙ୍କର ଉପଦେଶ ମତେ ବିଧି ଜାନୁଅରୀରୁ ଓ ମୋଫସଲ ଡାକ ଅମଲଙ୍କଦ୍ଵାରା ଜମିଦାରମାନଙ୍କୁ ବୁଝାଇ ଦେଇଥିଲେହେଁ ଏଥର ଦେଢ଼ଶହରୁ ଅଧିକ ମନିଅର୍ଡ଼ର ଲାଟବନ୍ଦର ଦୁଇ ତିନିଦିନ ଉତ୍ତାରେ ଖଜଣାଖାନାରେ ପହୁଞ୍ଚି ଅଛି । ପୂର୍ବପ୍ରଥା ଏହା ସନ୍ତୋଷଜନକ ଅଟେ ମାତ୍ର ଜମିଦାରଙ୍କ ପ୍ରତି କଷ୍ଟକର । ଖଜଣାଖାନା ଯେପରି ସରକାରଙ୍କର ସେହିପରି ଡାକଘରମାନ ମଧ୍ୟ ସରକାରଙ୍କର ଅଟେ ଓ ଲାଟବନ୍ଦର ଦୁଇ ଏକଦିନ ଉତ୍ତାରେ ଖଜଣାଖାନାରେ ମନିଅର୍ଡ଼ର ପହୁଞ୍ଚିଲେ କିଛି କ୍ଷତି ଘଟଇ ନାହିଁ । ଏସ୍ଥଳେ ଦରିଦ୍ର କ୍ଷୁଦ୍ରଜମିଦାରଙ୍କପ୍ରତି ଅନୁଗ୍ରହ ପ୍ରକାଶ କରିବାର ଉଚିତ ବୋଧ ହେଉଅଛି । ଭରସା କରୁ ଆମ୍ଭମାନଙ୍କର ଟଏନବି ସାହେବ ବୋର୍ଡ଼ଙ୍କୁ ଜଣାଇ ଉକ୍ତ ବିଧିକୁ ରହିତ କରାନ୍ତୁ ।

---

## ମଣିପୁର ଯୁଦ୍ଧ ।

ମଣିପୁର ଯୁଦ୍ଧ ଶେଷ ହେଲା । ଗତମାସ ତା ୨୭ ରଖ ପ୍ରାତଃକାଳରେ କୋହିମା, ସିଲଚର ଓ ତାମୁ ଏହି ତିନିନଗରରୁ ଯେଉଁ ତିନିଦଳ ବ୍ରିଟିସ ସୈନ୍ୟ ପ୍ରେରିତ ହୋଇ ଥିଲେ ସେମାନେ ମଣିପୁରଠାରେ ଏକତ୍ରିତ ହୋଇ ଦେଖିଲେ ଯେ କେଲ୍ଲା ଓ ରାଜପ୍ରାସାଦ ଶୂନ୍ୟ ପଡ଼ିଅଛି ଏବଂ ଦ୍ରବ୍ୟାଦି ଏପରି ବିଶୃଙ୍ଖଳାରେ ପଡ଼ି ରହିଅଛି ଯେମନ୍ତ କି ଅତି ତରତରରେ ସେସବୁ ଛାଡ଼ି ମହାରାଜା ପଳାଇ ଅଛନ୍ତି । ଇଂରାଜ ସୈନ୍ୟ ଅବାଧରେ ରାଜଧାନୀ ଅଧିକାର କଲେ । ମହାରାଜା ତାହାଙ୍କର ଭାଇ ଯୁବରାଜ ଅର୍ଥାତ୍ ସେନାପତି ଏବଂ ଅନ୍ୟ ଦୁଇଭାଇ ତହିଁ ପୂର୍ବ ଦିନ ଅର୍ଥାତ୍ ତା ୨୬ ରଖରେ ଉତ୍ତରପୂର୍ବଦିଗକୁ ପଳାଇବାର ପ୍ରକାଶ ପାଇଲା । ମହାରାଜାଙ୍କ ପୁତ୍ର ଶୂରଚନ୍ଦ୍ରସିଂହ ଓ ମୃତ ପୋଲିଟିକଲ ଏଜେଣ୍ଟଙ୍କ ହେଡ଼ କିରାଣି ଏ ଦୁହେଁ ଏ ସମ୍ବାଦ କ୍ଵିଣ୍ଟନ ସାହେବଙ୍କ ନିକଟକୁ ପଠାଇ ଥିଲେ ଏହାପରେ କିନା ଯୁଦ୍ଧରେ ମଣିପୁର ଇଂରାଜଙ୍କର ହସ୍ତଗତ ହେଲା । ମାତ୍ର ଏ ଯାହାରେ ଆଉ କୌଣସି ଯୁଦ୍ଧ ହୋଇ ନାହିଁ ଏମନ୍ତ ନୁହେ । ବାଟରେ ଦୁଇସ୍ଥାନରେ ଯୁଦ୍ଧ ହୋଇ ଥିଲା । ଯେଉଁ ତିନିଦିଗରୁ ବ୍ରିଟିସସୈନ୍ୟ ଯାତ୍ରା କରି ଥିଲେ ତହିଁ ମଧ୍ୟରେ କୋହିମା ବାଟ ପଡ଼ିଥିବାରୁ ସେ ବାଟକୁ ଛାଡ଼ିଦେଇ ଅପର ଦୁଇବାଟ ଅର୍ଥାତ୍ ସିଲଚର ଓ ତାମୁ ବାଟମାନଙ୍କରେ ଘାଟି ଥିବାରୁ ସେଠାରେ ମଣିପୁରୀମାନେ ବାଧା ଦେବା ପ୍ରସ୍ତୁତ କରି ଜଗିଥିଲେ । ସିଲଚର ସୈନ୍ୟ ତା ୨୫ ରଖରେ ବିସନପୁରରୁ ଶ୍ରୀଘମାଇଲ ଅନ୍ତର ନାଗସୁଣାମାନରେ ପ୍ରବେଶ ହେବା ମାତ୍ରକେ ମଣିପୁରୀମାନେ ଅଗ୍ନିବୃଷ୍ଟି କଲେ । ତହିଁର ଉତ୍ତରରେ ଇଂରାଜସୈନ୍ୟ ଅବଲମ୍ବେ ତୋପ ସଙ୍ଗାତ ଗୁଳି ବୃଷ୍ଟି କରିବାରେ ମଣିପୁରୀମାନେ କେଲ୍ଲା ଛାଡ଼ି ପଳାଇଲେ । ଗୁରଖାମାନେ ତାହାଙ୍କ ପଛରେ ଧାବିତ ହୋଇ ସେମାନଙ୍କୁ ଘାଟିରୁ ଅନ୍ତରକରି ଦେଲେ । ସକାଳ ଘ ୯ ଘଣ୍ଟା ଠାରୁ ଅପରାହ୍ନ ଘ ୩ ଘଣ୍ଟା ପର୍ଯ୍ୟନ୍ତ ଯୁଦ୍ଧ ହୋଇଥିଲା । ଏଥିରେ ଅନେକ ମଣିପୁରୀ ସିପାହି ମରିପଡ଼ିଲେ ଏବଂ ସେମାନଙ୍କର ଅଧିକାଂଶ ବନ୍ଦୀ ହେଲେ । ଇଂରାଜଙ୍କ ପକ୍ଷରୁ କେହି ମରି ପଡ଼ି ନାହିଁ ।

Digitized by srujanika@gmail.com

ଥାମ୍ବାଟେ ଜେନରଲ ଗ୍ରେହାମ ଯେଉଁ ସୈନ୍ୟଦଳ ଘେନ ଯାଇଥିଲେ ଏମାନଙ୍କ ସହିତ ତଦପେକ୍ଷା ଭାରି ଲଢ଼ାଇ ହୋଇଥିଲା । ତା୨୭ ରିଖରେ ଜେନରଲ ଗ୍ରେହାମ ସମ୍ବାଦ ପାଇଲେ ଯେ ଶତ୍ରୁପକ୍ଷ ଘାଟି ଜଗି ବସି ଅଛନ୍ତି । ତହୁଁ ସେ ଶତ୍ରୁର ବଳାବଳ କଳନା କରିବାର ଆଦେଶ ଦେବାରୁ କପ୍ତାନ ଗ୍ରୁଅଷ୍ଟ [illegible] ଜଣ ଗୁରଖା ସିପାହି ଘେନି ପାଟେଲ ନାମକ ସ୍ଥାନରେ ଶତ୍ରୁଙ୍କୁ ଭେଟି ଯୁଦ୍ଧ ଆରମ୍ଭ କରିବାର ଆଦେଶ ପ୍ରାର୍ଥନା କଲେ । ସେଠାରେ ବହୁ-ସଂଖ୍ୟକ ମଣିପୁରୀ ରୁଣ୍ଡ ହୋଇ ଥିଲେ ଜେନରଲ ଗ୍ରେହାମ ଯୋଡ଼ାଏ ତୋପ ବସାଇବା ଏବଂ ତହିଁ ସାହାଯ୍ୟରେ ୨୦୦ ବନ୍ଧୁକ ନିଯୁକ୍ତ ହେବାର ଆଦେଶ ଦେଲେ । ୧୦୦୦ ଗଜ ଦୂରରୁ ତୋପ ଫାଏର ହେବାର ଆରମ୍ଭ ହେଲା ଏବଂ କପ୍ତାନ ଗ୍ରୁଅଷ୍ଟ ଓ କପ୍ତାନ କାରଲେଲ ଉତ୍ତର ଓ ଦକ୍ଷିଣ ଦୁଇ ଦଗରୁ ଅଗ୍ରସର ହୋଇ ଶତ୍ରୁ ମଧ୍ୟରେ ଯାଇ ପଡ଼ିଲେ ଏବଂ ତହୁଁ ଉଭୟରୁ ସମ୍ମୁଖ ଯୁଦ୍ଧ ଲାଗିଗଲା । ଶତ୍ରୁପକ୍ଷର ପ୍ରାୟ ସମସ୍ତ ସୈନ୍ୟ ହାଣ ଖାଇଲେ ଓ ଯେଉଁମାନେ ପଳାଇଲେ ସେମାନେ ଘୋଡ଼ସୁଆରଙ୍କ ହାତରେ ମରିପଡ଼ିଲେ । ଶତ୍ରୁର ଦୁଇଜଣ ସରଦାର ହତ ହେଲେ ଏବଂ ଘୋଡ଼ସୁଆରଙ୍କ ହାତରେ ଏଣେ ତେଣେ ଯେତେ ମଲେ ତାହାଛଡ଼ା ୧୨୮ ସିପାହି ମରିପଡ଼ିଥିବାର ଗଣାଗଲା । ଇଂରାଜଙ୍କ ପକ୍ଷରୁ କପ୍ତାନ ଗ୍ରୁଅଷ୍ଟ କପ୍ତାନ କାରଲେଲ ଓ ଲେଫ୍ଟନାଣ୍ଟ କକ୍ସ ଗୁରୁତର ଆଘାତ ପାଇ ଅଛନ୍ତି ଏବଂ ଲେଫ୍ଟନାଣ୍ଟ ଗ୍ରାଣ୍ଟ ମଧ୍ୟ ଆହତ ହୋଇ ଅଛନ୍ତି । ମାତ୍ର ଏମାନେ ସମସ୍ତେ ଭଲ ଅଛନ୍ତି । ଜମାଦାର ବସ୍ତରାମ ଏବଂ ଜଣେ ସିପାହି ହତ ହୋଇ ଅଛନ୍ତି ଏବଂ ସୁବେଦାର ମେଜର ଜଲପତ ଗୁରୁଙ୍ଗ ଜମାଦାର ହରବଲ ନଗର କାଠୀ ଜଣେ ହାବିଲଦାର ଏବଂ ଛଅଜଣ ସିପାହି ଆହତ ହୋଇ ଅଛନ୍ତି ।

ସମ୍ଭବତଃ ଏହି ଯୁଦ୍ଧରେ ହାରିବାର ସମ୍ବାଦ ପାଇ ମଣିପୁର ରାଜା ଜୟଲାଭର ଆଶା ନ ଦେଖି ପଳାୟନ କଲେ ।

—*—

## ମାଇନର ଇତ୍ୟାଦି ପରୀକ୍ଷାର ଫଳ ।

ମାଇନର ପରୀକ୍ଷା—ଗତବର୍ଷ ଜ ୯୯ ଣ ପରୀକ୍ଷାର୍ଥୀଙ୍କମଧ୍ୟରୁ ପ୍ରଥମଶ୍ରେଣୀରେ ଜ ୭ ଣ, ୨ୟରେ ଜ ୧୭ ଣ ଏବଂ ୩ୟରେ ଜ ୩୬ଣ ଗାଏ ଜ ୬୦ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏ ବର୍ଷ ଜ ୧୦୬ ଣ ପରୀକ୍ଷାର୍ଥୀଙ୍କମଧ୍ୟରୁ ୧ମ-ଶ୍ରେଣୀରେ ଜ ୧୨ ଣ, ୨ୟରେ ଜ ୨୫ ଣ, ଏବଂ ୩ୟରେ ଜ ୩୦ ଣ ଗାଏ ଜ ୬୭ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସୁତରାଂ ସଂଖ୍ୟା ଓ ପାରଦର୍ଶିତାନୁସାରେ ଗତବର୍ଷଠାରୁ ଏ ବର୍ଷର ଫଳ ଉତ୍ତମ ହୋଇଅଛି । ଗତବର୍ଷ ମୟୂରଭଞ୍ଜ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିଲା ଏ ବର୍ଷ କଟକର ମଡେଲସ୍କୁଲର ଜଣେ ମୁସଲମାନ[illegible] ପ୍ରଥମ ହୋଇଅଛି । ଗତବର୍ଷ ପୁରୀ ଜିଲ୍ଲାର ଖୋରଧା ୨ୟ ହୋଇଥିଲା ଏ ବର୍ଷ ବାଲେଶ୍ୱରର [illegible]ସ୍କୁଲ ୨ୟ ହୋଇଅଛି । ପ୍ରଥମଶ୍ରେଣୀରେ ପାଶ କରିଥିବା ଜ ୧୨ ଣ କଟକ, ପୁରୀ, ବାଲେଶ୍ୱର ଓ ଗଡ଼ଜାତରେ ସମାନ ଅଂଶରେ ବାଣ୍ଟି ଯାଇଅଛନ୍ତି । ଏ ବିଷୟରେ ମୋଗଲବନ୍ଦି ସଙ୍ଗେ ଗଡ଼ଜାତ ସର ହେବାରୁ ଗଡ଼ଜାତର ଟେକ ଅଧିକ ହେଉଅଛି । ସର୍ବସୁଦ୍ଧା ଯେଉଁ ଜ ୬୦ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ତହିଁ-ମଧ୍ୟରୁ କଟକ ଜିଲ୍ଲାର ଜ ୩୭ ପୁରୀର ଜ୮ଣ ବାଲେଶ୍ୱରର ଜ ୧୪ ଣ ଏବଂ ଗଡ଼ଜାତର ଜ ୧୧ଣ ଅଛନ୍ତି । ଗଡ଼ଜାତମଧ୍ୟରେ ଢେଙ୍କାନାଳ ପ୍ରଥମ ହୋଇଅଛି । ଲୋକସଂଖ୍ୟା ତୁଳନାରେ ପୁରୀର ଫଳ ଏ ବର୍ଷ ନିକୃଷ୍ଟ ବୋଲିବାକୁ ହେବ ।

ଗତବର୍ଷ ଏ ପରୀକ୍ଷାରେ ଗୋଟିଏ ବାଳିକା ଉତ୍ତୀର୍ଣ୍ଣ ହୋଇଥିଲା ଏଥର ତାହା ହୋଇ ନାହିଁ ।

ଭର୍ଣ୍ଣାକ୍ୟୁଲର ପରୀକ୍ଷା—ଗତବର୍ଷ ଜ ୨୧୫ ଣ ପରୀକ୍ଷାର୍ଥୀଙ୍କମଧ୍ୟରୁ ପ୍ରଥମଶ୍ରେଣୀରେ ଜ ୧୯ଣ, ଣ ୨ୟରେ ଜ ୫୩ ଣ ଏବଂ ୩ୟରେ ଜ୭୯ଣ, ଣ ଗାଏ ଜ ୧୫୧ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ଏ ବର୍ଷ ଜ ୨୬୧ ଣ ପରୀକ୍ଷାର୍ଥୀଙ୍କମଧ୍ୟରୁ ୧ମ, ଶ୍ରେଣୀରେ ଜ ୩୭ ଣ, ୨ୟରେ ଜ ୬୭ ଣ ଏବଂ ୩ୟରେ ଜ ୬୪ ଣ ଗାଏ ଜ ୧୬୮ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଥିରୁ ଦେଖାଯାଏ ଯେ ସଂଖ୍ୟା ଅନୁପାତରେ ଉଭୟ ବର୍ଷର ଫଳ ପ୍ରାୟ ସମାନ ହେଲେହେଁ ଯୋଗ୍ୟତାରେ ଏ ବର୍ଷର ଫଳ ଉତ୍ତମ ହୋଇଅଛି ଏବଂ ଗତବର୍ଷଠାରୁ ଏ ବର୍ଷ ପରୀକ୍ଷାର୍ଥୀଙ୍କ ଓ ଉତ୍ତୀର୍ଣ୍ଣଗଣଙ୍କ ସଂଖ୍ୟା ଅଧିକ ହେବାରୁ ଏ ବର୍ଷର ଫଳକୁ ପ୍ରୀତିକର ବୋଲିବାକୁ ହେବ ।

ମୋଟରେ ଉତ୍ତୀର୍ଣ୍ଣ ହେବା ଜ ୧୬ ଣଙ୍କ ମଧ୍ୟରୁ କଟକଜିଲ୍ଲାର ଜ ୬୫ ଣ ପୁରୀର ଜ୩୮ ଣ ବାଲେଶ୍ୱରର ଜ ୪୧ ଣ ଏବଂ ଗଡ଼ଜାତର ଜ ୩୧ ଣ ଅଛନ୍ତି ଗତବର୍ଷ କଟକଜିଲ୍ଲାର ସୁବର୍ଣ୍ଣପୁର ପ୍ରଥମ ହୋଇଥିଲା ଏ ବର୍ଷ ସେହି ଜିଲ୍ଲାର ଫିମେଲ ଅର୍ଫାନେଜର ଜଣେ ଛାତ୍ରୀ ଅନ୍ନପୂର୍ଣ୍ଣା ଦାସ ପ୍ରଥମ ହୋଇଅଛି । ପୁରୀର ଟ୍ରେଣିଂସ୍କୁଲ ଏଥର ଦ୍ୱିତୀୟ ହୋଇଅଛି ଏବଂ ବାଲେଶ୍ୱର ଅନେକ ପଛକୁ ହଟି ଯାଇଅଛି ଅର୍ଥାତ୍ ୧ମଶ୍ରେଣୀର ଜ ୨୦ ମର ପୂର୍ବେ ଏ ଜିଲ୍ଲାର କାହାର ନାମ ନାହିଁ । ଗଡ଼ଜାତମଧ୍ୟରେ ନୀଳଗିରି ଏଥର ପ୍ରଥମ ହୋଇଅଛି ।

ଏଥର ପରୀକ୍ଷାର ଫଳରୁ ସ୍ତ୍ରୀଶିକ୍ଷାର ଉନ୍ନତି ବିଶେଷ ଜଣା ଯାଉଅଛି । ପ୍ରଥମଶ୍ରେଣୀରେ ପାସ କରିଥିବା ଜ ୩୭ ଣ ମଧ୍ୟରୁ ଜ ୭ ଣ ବାଳିକା ଅଛନ୍ତି । ବାଳିକାସ୍କୁଲମଧ୍ୟରେ ଏ ନଗରର ଫିମେଲ ଅର୍ଫାନେଜ ୧ମ [illegible] ୨ୟ ଏବଂ ରେବେନ୍ସା ବାଳିକାସ୍କୁଲ ୩ୟ ହୋଇଅଛି ।

ଉଚ୍ଚ ପ୍ରାଇମେରୀ ପରୀକ୍ଷା—ଗତବର୍ଷ ୧ମ ଶ୍ରେଣୀରେ ଜ ୭୪ ଣ, ୨ୟରେ ଜ ୧୩୮ ଣ ଏବଂ ୩ୟରେ ଜ ୧୨ ଣ ଗାଏ ଜ ୩୨୩ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏ ବର୍ଷ ଜ ୬୨୫ ଣ ପରୀକ୍ଷାର୍ଥୀଙ୍କମଧ୍ୟରୁ ୧ମ ଶ୍ରେଣୀରେ ଜ ୧୬୩ ଣ ୨ୟରେ ଜ ୧୭୨ ଣ ଏବଂ ୩ୟରେ ଜ ୧୨ ଣ ଜ ୪୦୨ ଣ ପାସ କରିଅଛନ୍ତି । ସୁତରାଂ ଏ ବର୍ଷର ଫଳ ଗତବର୍ଷଠାରୁ ଅନେକ ଉତ୍କୃଷ୍ଟ ହୋଇଅଛି ଗତବର୍ଷ ପ୍ରଥମ ଦୁଇସ୍ଥାନ ବାଳିକାମାନେ ଅଧିକାର କରିଥିଲେ ଏ ବର୍ଷ ପ୍ରଥମ ଦଶସ୍ଥାନ ବାଳିକାମାନଙ୍କର ଏବଂ ତହିଁମଧ୍ୟରେ ଏ ନଗରର ଗଙ୍ଗାନନ୍ଦର ପୁତ୍ର ସର୍ବୋଚ୍ଚ ହୋଇଅଛି । ଗତବର୍ଷ ମୋଟରେ ଜ ୩୧ ଣ ବାଳିକା ଏବଂ ତହିଁମଧ୍ୟରୁ ୧ମ ଶ୍ରେଣୀରେ ଜ ୨୩ ଣ ପାସ କରିଥିଲେ ଏ ବର୍ଷ ଏକା ୧ମ ଶ୍ରେଣୀରେ ଜ ୨୬ ଣ ଅଛନ୍ତି ।

---

୧୮୯୧ ସାଲ ନିମିତ୍ତ ଓଡ଼ିଶା ବିଭାଗରେ ବୃତ୍ତି ପାଇଥିବା ଛାତ୍ରମାନଙ୍କର ନାମ ।

ମାଇନର ବୃତ୍ତି ।

ଜିଲ୍ଲା କଟକ ।

୧ ନୈମୁଲ ହକ୍ — କଟକ ମଡେଲସ୍କୁଲ
୨ ମଧୁସୂଦନ ସ୍ୱାଇଁ — ବାପଟିଷ୍ଟ ଜେନେରଲ "
୩ ଧନୁର୍ଜୟ ବାନୁର୍ଜୀ ସଙ୍ଗତ

ଜିଲ୍ଲା ପୁରୀ ।

୧ ଭାଗବତ ମହାନ୍ତି — ଖୋରଧା

Split by PDF Splitter
Digitized by srujanika@gmail.com

Split by PDF Splitter



୨ ସଦାନନ୍ଦ ନନ୍ଦ ଜମାପଡ଼ା

ଜିଲ୍ଲା ବାଲେଶ୍ୱର ।

୧ ଗଙ୍ଗାନାରାୟଣ ଦତ୍ତ ବାରବାଟି

୨ ଭରତଚନ୍ଦ୍ର ସାହୁ ଭଦ୍ରକ ଯୁବିଲ ଭର୍ଣ୍ଣାକ୍ୟୁଲର ସ୍କୁଲ ।

ଜିଲ୍ଲା କଟକ ।

୧ ଅନ୍ନପୂର୍ଣ୍ଣା ଦାସ ଫିମେଲ୍ ଅର୍ଫାନେଜ

୨ ମଦନମୋହନ ପଟ୍ଟନାୟକ ଚଟିକା

୩ ପ୍ରିୟତମା ସାହୁ ଗ୍ରେନ୍ଦବୌଜ ବାଳକା-ବିଦ୍ୟାଳୟ

୪ ତ୍ରିଲୋଚନ କର ମହାର୍ଘିପୁର

ଜିଲ୍ଲା ପୁରୀ ।

୧ ବଳଭଦ୍ର ମିଶ୍ର ବଇନାଥପୁର

୨ ସତ୍ୟବାଦୀ ନାୟକ ଜମାପଡ଼ା

୩ ଗୋପାଳ ମହାପାତ୍ର ବୀରନରସିଂହପୁର

ଜିଲ୍ଲା ବାଲେଶ୍ୱର ।

୧ ନାରାୟଣ ପ୍ରସାଦ ଦାସ ବାଗୁଡ଼ି

୨ ଅନନ୍ତପ୍ରସାଦ ଦାସ ଗୁପ୍ତ ବାରବାଟି

୩ ଭାଗବତଚରଣ ଦାସ ବାଲେଶ୍ୱର ମିଶନ

ଗଡ଼ଜାତ ।

| ନମ୍ବର | ବାଳକର ନାମ | ସ୍କୁଲର ନାମ |
|---|---|---|
| ୧ | ନୀଳମଣି ସିଂହ | ନୀଳଗିରି |
| ୨ | ଜଗନ୍ନାଥ ଦାସ | ଦଶପଲ୍ଲା |
| ୩ | ହରି ତ୍ରିପାଠୀ | ନୟାଗଡ଼ |
| ୪ | ଶତ୍ରୁଘ୍ନ ସାହୁ | ବଣିଗଡ଼ା |
| ୫ | ଲୋକନାଥ ପଟ୍ଟନାୟକ | ବଡ଼ାମ୍ବା |

—※—

ଅପରପ୍ରାଇମେରୀ

ଜିଲ୍ଲା କଟକ ।

୧ ସରଳା ମହାନ୍ତି ଗଙ୍ଗାମଣ୍ଡର ବାଳକା-ବିଦ୍ୟାଳୟ

୨ ମୁକ୍ତା ଓଝା ଝୋଲାସାହି "

୩ ଆର୍ତ୍ତବନ୍ଧୁ ମହାନ୍ତି ଦେଉଳ

୪ କମଳାଦେବୀ ରେଭେନ୍ସା ବାଳକା-ବିଦ୍ୟାଳୟ

୫ ରଘୁନାଥ ମହାନ୍ତି ଦୋହଲୀ

୬ କୃପାସିନ୍ଧୁ ସ୍ୱାଇଁ ମାନସିଂହପାଟଣା

ଜିଲ୍ଲା ପୁରୀ ।

୧ ବୈଦ୍ୟନାଥ ନନ୍ଦ କପିଳପ୍ରସାଦ

୨ ବାନାମ୍ବର ମହାନ୍ତି ଗିରିଙ୍ଗା

୩ ଚୈତନ୍ୟଚରଣ ମହାନ୍ତି କଣାସ

୪ ଧର୍ମୁ ମହାନ୍ତି ମୁକୁନ୍ଦଦାସପୁର

ଜିଲ୍ଲା ବାଲେଶ୍ୱର ।

୧ ଚନ୍ଦ୍ରମଣି ବେହେରା ବାଲେଶ୍ୱର ମିଶନ-ବାଳକା ବିଦ୍ୟାଳୟ

୨ ସହଚରୀ ଦାସୀ ପଦ୍ମିଟିଘାଟ

୩ ବିପିନବେହାରୀ ଘୋଷ ନୂଆପାଟି

୪ ସେକ ନାଜର ଗଡ଼ଦରଡ଼ା

———

ଗଡ଼ଜାତ ।

୧ ମଣିଚରଣ ଦଣ୍ଡାଳ ଈଶ୍ୱରପୁର

୨ କୃଷ୍ଣଚରଣ ଦାସ ଶ୍ରୀଦପୁର

୩ ସର୍ବେଶ୍ୱର ସାସମଲ ସାସୋଲ

୪ ଫୁଲମଣି ପଧାନ ଢେଙ୍କାନାଳ-ବାଳକା ବିଦ୍ୟାଳୟ

୫ ସିରାଇ ବେହେରା ଗୋପାଳପ୍ରସାଦ

୬ ଚନ୍ଦ୍ରାମଣି ଦ୍ୱିବେଦୀ ପୋଖରୀଙ୍ଗା

୭ ତ୍ରିଲୋଚନ ପଣ୍ଡା ବୈଦପୁର

୮ ଲକ୍ଷ୍ମୀବିହାରୀ ନାୟକ ଗୋପୀନାଥପୁର

କଟକ ୨୮।୪।୯୧ } ଆର, ଏନ, ରାୟ ଓଡ଼ିଶାସ୍କୁଲ ସମୂହର ଜଏଣ୍ଟ ଇନସ୍ପେକ୍ଟର

———

ସନ ୧୮୯୧-୯୨ ଓ ୧୮୯୨-୯୩ ସାଲର

ମଧ୍ୟମ ଛାତ୍ରବୃତ୍ତି ପରୀକ୍ଷାର ପାଠ୍ୟପୁସ୍ତକ ।

ଓଡ଼ିଆ ଗଦ୍ୟ ।—ଏମ, ରାଓଙ୍କ ପ୍ରବନ୍ଧମାଳା (ପୁରୁଷଭାବ ଓ ନାରୀଭାବ, ସୌନ୍ଦର୍ଯ୍ୟ ଓ ରୁଚି ଏବଂ ମାନବ ଜାତିର ଉନ୍ନତି ଏହି ୬ ଶିର୍ଷାଙ୍କିତ ପାଠ ଛାଡ଼ି)।

ଓଡ଼ିଆ ପଦ୍ୟ ।—ଆର, ଏନ, ରାୟ ଓ ଏମ, ଏସ, ରାଓଙ୍କ କବିତାବଳୀ ୨ୟ ଭାଗ ।

ଓଡ଼ିଆ ବ୍ୟାକରଣ ।—ନିମାଇଚନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରଣୀତ ସର୍ବସାରବ୍ୟାକରଣ ତଦ୍ଧିତ ପର୍ଯ୍ୟନ୍ତ, (ଛୋଟ ଅକ୍ଷର ଛାଡ଼ି)

ଓଡ଼ିଆ ରଚନା ।—ଆର, ଏନ, ରାୟ ପ୍ରଣୀତ ଉତ୍କଳ ରଚନା ।

ଉର୍ଦ୍ଦୁ ଗଦ୍ୟ ଓ ପଦ୍ୟ ।—(କେବଳ ମୁସଲ-ମାନ ପରୀକ୍ଷାର୍ଥିମାନଙ୍କ ନିମନ୍ତେ, ଓଡ଼ିଆ ବଦ-ଳରେ) ଏମ, ହସେନ ଅଲିଙ୍କ ଲୁଆଟେ ଫଏ-ସଲ; ଏମ, ସର ମଲଙ୍କ ଇନ୍ତଖବ ନୟାବ ।

ଉର୍ଦ୍ଦୁ ବ୍ୟାକରଣ ।—କାଏଦା ଉର୍ଦ୍ଦୁ, ୨ୟ ଭାଗ

ଓଡ଼ିଆ ଇତିହାସ ।—ରାଲଟେର ସାହେବଙ୍କ ପ୍ରଣୀତ ସଂକ୍ଷିପ୍ତ ଭାରତଇତିହାସ ।

ଓଡ଼ିଆ ଭୂଗୋଳ ।—(ସାଧାରଣ) ଏସ, ଏନ, ରାୟଙ୍କ ଭୂଗୋଳପାଠ ।

ଏଜନ ।—(ପ୍ରାକୃତିକ) ରଘୁନାଥ-ସିଂହ ପ୍ରଣୀତ ପ୍ରାକୃତିକ ଭୂଗୋଳପାଠ ।

କ୍ଷେତ୍ରତତ୍ତ୍ୱ ।—ମଧ୍ୟମ ଶ୍ରେଣୀର ବିଦ୍ୟାଳୟର ପ୍ରଥମ ଶ୍ରେଣୀ ନିମନ୍ତେ ନିର୍ଦ୍ଦିଷ୍ଟ କୌଣସି କ୍ଷେତ୍ରତତ୍ତ୍ୱ ପ୍ରଥମକାଣ୍ଡ ଅତିରିକ୍ତ ସହିତ ।

ଗଣିତ ।—ଉମେଶଚନ୍ଦ୍ର ବସୁଙ୍କ ୧ମ ଓ ୨ୟଭାଗ ପାଟୀଗଣିତ ।

କ୍ଷେତ୍ରପରିମାଣ ।—ଉମେଶଚନ୍ଦ୍ର ବସୁଙ୍କ ପ୍ରଣୀତ ଉତ୍କଳ ପରିମିତି [ପ୍ରଥମ ନ ଅଧ୍ୟାୟ]

ସ୍ୱାସ୍ଥ୍ୟ ବିଷୟକ ।—ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ପ୍ରଣୀତ ସ୍ୱାସ୍ଥ୍ୟସାଧନ ।

ପଦାର୍ଥ ବିଜ୍ଞାନ ।—ଯୋଗେଶଚନ୍ଦ୍ର ରାୟଙ୍କ ସରଳ ପଦାର୍ଥ ବିଜ୍ଞାନ, ୨ୟ ସଂସ୍କରଣ, [ପ୍ରଥମ ଗ୍ରରଅଧ୍ୟାୟ]

ଭୂମିବିଦ୍ୟା ।—ଡାକ୍ତର ଷ୍ଟିବାର୍ଟସାହେବଙ୍କ ଭୂମିବିଦ୍ୟା ପ୍ରଥମଦଶଅଧ୍ୟାୟ

ବିଶେଷ ଦ୍ରଷ୍ଟବ୍ୟ ।—ପରୀକ୍ଷାର୍ଥିମାନେ ପଦାର୍ଥ-ବିଜ୍ଞାନ ବା ଭୂମିବିଦ୍ୟା ପରୀକ୍ଷା ନିମନ୍ତେ ବାଛି ନେଇ ପାରିବେ ।

କଲିକତା ୧୬।୪।୯୧ } ଏ, କ୍ରଫ୍ଟ, ସାଧାରଣ ଶିକ୍ଷାସଂକ୍ରାନ୍ତ ଡାଇରେକ୍ଟର ।

—୦※୦—

# ସାପ୍ତାହିକ ସମ୍ବାଦ ।

ଏବର୍ଷ ଅମ୍ବ ପାଚିବା ବଡ଼ ପଡ଼ିଲାଣି । ଏପର୍ଯ୍ୟନ୍ତ ସୁପକ୍ୱ ଅମ୍ବ ପ୍ରାପ୍ତ ହୋଇ ନାହିଁ । କୋଉଠରେ ଗଛେପାଚି ଅମ୍ବ କଅଁ ମିଳୁଛି ମାତ୍ର ସ୍ୱାଦ ନୁହେଁ ।

କଲିକତା-ଗେଜେଟ ।

ବାବୁ ଚଣ୍ଡୀଚରଣ ବାନାର୍ଜି କଟକର ହେଡ଼ମାଷ୍ଟର ପଦ୍ ଦେଇ ... ପଦରେ ନିଯୁକ୍ତ ହୋଇଅଛନ୍ତି ।

ନିମ୍ନଲିଖିତ ଛାତ୍ରତ୍ରୟ ପୁରୀ ସଂସ୍କୃତସ୍କୁଲରୁ ସଂସ୍କୃତ ଉପାଧି ପରୀକ୍ଷାରେ କାବ୍ୟ ବିଷୟରେ ଉତ୍ତୀର୍ଣ୍ଣ ହୋଇଥିବାରୁ କାବ୍ୟତୀର୍ଥ ଉପାଧି ପ୍ରାପ୍ତ ହୋଇଅଛନ୍ତି ଏମାନଙ୍କର ଶିକ୍ଷକ ଗୋପୀନାଥ ମିଶ୍ର ଅଟନ୍ତି ।

ଲୋକନାଥ ମହାପାତ୍ର ଶର୍ମା

ଜାନକୀନାଥ ଶର୍ମା

ଚକ୍ରେଶ୍ୱର ଶର୍ମା

Digitized by srujanika@gmail.com

ତ୍ରିଶ ଅଧିକୃତ ଗାଏନା ଦ୍ୱୀପରେ ଗୋଟିଏ ହୀରକ ଖଣି ଆବିଷ୍କୃତ ହୋଇଅଛି । ଏହି ଖଣିରୁ ୭୩୮ ଖଣ୍ଡ ପଥର ପରୀକ୍ଷା ସ୍ୱରୂପ ଅଣିଥିବାରୁ ତହିଁ ମାନ ବ୍ୟକ୍ତି ମାନେ ତହିଁମଧ୍ୟରୁ ୯ ୭୩୩ ଗୁ ବଣୁର ହୀର ଅଗାର କରି ଅଛନ୍ତି ।

ପାରୀସନଗରର ପ୍ରସିଦ୍ଧ ଏଫିଲିନ୍ଦର ନାମକ ଏକ ଶ୍ରୀକୁ ଗିରଜା ଜଳ ଅଛନ୍ତି । କଥିତ ହୁଅଇ ଏ ସ୍ତ୍ରୀ ୬୪୩ ଜଣ ପୁରୁଷଙ୍କୁ ବିବାହ ହୋଇ ଅଛି । ପ୍ରତିଥର ବିବାହର ଯୌତୁକ ମାଳ ସଞ୍ଚିତ ହୋଇଥିବାରୁ ସେ ଧନୁଦେଖ ହୁଅଇ ।

ପାରିସ୍ନଗରର ଧୋବାମାନେ ସାବୁନ ବଦଳରେ ଗୋଲଅଣ୍ଡ ଦିଶ ବ୍ୟବହାର କରି ଲୁଗା କାଚିବାର ଆରମ୍ଭ କରିଅଛନ୍ତି । ଏଥିରେ ଲୁଗା ବେଶ ପରିଷ୍କାର ହୁଅଇ । ଏଦେଶରେ ଏ ପ୍ରଥାରେ ଲୁଗା କଚାଯାଇ ପାରେ ।

ଫ୍ରାନ୍ସିସ୍‌କୋରେ ଏପରି ଏକପ୍ରକାର କାଚ ପ୍ରସ୍ତୁତ ହୋଇଅଛି ଯେ ତହିଁ ଉପରେ ଅନେକ ୯ ବଡ଼ାସ୍ତ ପାତାଯାଇ ବସାଯାଉ ପାରେ । ପାରିସର ପ୍ରଦର୍ଶନୀରେ ଏ କାଚ ପ୍ରଦର୍ଶିତ ହେଉଅଛି ।

ବୈଜ୍ଞାନିକମାନେ ବୋଲନ୍ତି ଯେ ସଙ୍ଗୀତ ଚର୍ଚ୍ଚାଦ୍ୱାରା ବାଳକ ଓ ବୟସ୍କ ମାନଙ୍କର ସ୍ୱାସ୍ଥ୍ୟ ଉନ୍ନତ ଓ ଫୁସଫୁସର ବୃଦ୍ଧି ହୁଏ । ବର୍ତ୍ତମାନ ଇଉରୋପର ଛାତ୍ରମାନଙ୍କ ଖେଳିବା ସମୟରେ ସଙ୍ଗୀତ କରିବା ନିୟମ ହୋଇଅଛି । ସେଥିରେ ସେମାନଙ୍କର ଉପକାର ଅଛି ।

ଜର୍ମ୍ମାନି ଅଷ୍ଟ୍ରିଆର ବର୍ଲିନ ନଗରରେ ପର୍ତ୍ତୁଗାଲର ଗୋଟିଏ ଉପନିବେଶ ଅଛି । ସେଠାରେ ବଡ଼ ବିଦ୍ରୋହ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । ବିଦ୍ରୋହୀମାନେ ପଦାତିକମାନଙ୍କୁ ତଡ଼ାଇଥିବାର କଥିତ ହୁଏ । ସେମାନଙ୍କ ଦମନ କରିବା ନିମିତ୍ତ ପର୍ତ୍ତୁଗାଲ ପକ୍ଷରୁ ସେଣ୍ଟ ସେନା ଯାଇଥିଲେ ସେମାନେ ପରାସ୍ତ ହୋଇଅଛନ୍ତି । ପର୍ତ୍ତୁଗାଲ ପକ୍ଷରୁ ୨ ଗୋଟି ତୋପ ଓ ୬୧ ଜଣ ସୈନ୍ୟ ନଷ୍ଟ ହୋଇଅଛନ୍ତି । ଲିସବନଠାରୁ ଅଧିକା ସେନା ବିଦ୍ରୋହୀମାନଙ୍କୁ ପ୍ରେରିତ ହୋଇଅଛନ୍ତି ।

ଲଣ୍ଡନରେ ଇଂରାଜ ଓ ପୋର୍ତ୍ତୁଗାଲଙ୍କ ମଧ୍ୟରେ ଗୋଳମାଲ ଶାନ୍ତ ହୋଇଥିବାର ପାଠକମାନଙ୍କୁ ଜଣାଅଛି । ଇଂରାଜଙ୍କ ପକ୍ଷରୁ ଯେ କେପିଟ୍ୟୁନ୍ ଚାଲିବ ହୋଇଥିଲା ସେଥିର ଉତ୍ତରରେ ପର୍ତ୍ତୁଗାଲ ଏବଂ ଜଣାରେ ଇଂରାଜମାନେ ସ୍ୱତନ୍ତ୍ରରେ ଚଳାଇ ବନ୍ଦୋବସ୍ତକାର ଇଚ୍ଛା ଦେଇଅଛନ୍ତି । ମାତ୍ର ଗତ କେତେକ ବର୍ଷରୁ ପର୍ତ୍ତୁଗାଲଙ୍କର ଗବର୍ଣ୍ଣର ପେଣ୍ଟି ଇଂରାଜମନ୍ତ୍ରୀ ଇନ୍ଦ୍ର ଜଣାରେ ଅବସ୍ଥାନ କରିବା କାରଣ ଲଣ୍ଡନଗୋଟି ଯୁଦ୍ଧଜାହାଜ ପ୍ରେରଣ କରଅଛନ୍ତି । କଉଠାରେ ଯେ ଅତ୍ୟାଚାର ହୋଇଅଛି ସେଥିର ପ୍ରତିକାର ଅଦ୍ୟ ହୋଇ ନାହିଁ ।

ଷ୍ଟେସନଠାରୁ ଦୁଇମାଇଲ ଦୂରବର୍ତ୍ତୀ ଗୋଟିଏ ଗାଁଉପରେ ଗତ ଅପ୍ରେଲମାସ ତା ୨୩ ଦିନରେ ଜଳ ଯାଇଥିବାର ସମ୍ବାଦ ମିଳଇ । ଏଥିର ଜଳ ଏତେ ଜଳ ହୋଇଥିଲା ଯେ ଦୂରବର୍ତ୍ତୀ ଗଛର ଝରକାମାନ ଭାଙ୍ଗି ପଡ଼ିଥିଲା । ୭ ୪ ଜଣ ଲୋକ ଏକାବେଳକେ ଏଥିରେ ନଷ୍ଟ ହୋଇଅଛନ୍ତି ଏବଂ ୭ ୨୦୦ ଏ ଲୋକ କ୍ଷତ ବିକ୍ଷତ ହୋଇ ଯାଇଅଛନ୍ତି ।

ଢାକାହଞ୍ଚି ବେହାରଙ୍କ ଗ୍ରାମନିବାସୀ ପଣ୍ଡିତ ଚନ୍ଦ୍ରମୋହନ ଚକ୍ରବର୍ତ୍ତୀ ଗଙ୍ଗାଧରଙ୍କ ପୁତ୍ର ବାବୁ ରମଣୀମୋହନ ଚକ୍ରବର୍ତ୍ତୀ ଗତ ଫେବ୍ରୁଆରି ତା ୩ ଦିନରେ ଆପଣାର ପିତା, ମାତା, ଭଗିନୀ ଓ ଭଗିନୀମାନଙ୍କ ସହ ବଲମନ୍ତସିଂହ ଅଧିବାସୀ ଦେବାନଙ୍କ ଗ୍ରାମର ମହାସ୍ଥଳ ମହାସହରର ଗଣରୁ ଯାଇ ମହମ୍ମଦୀୟଧର୍ମ ଗ୍ରହଣ କରିଅଛନ୍ତି । ଏ ଧର୍ମ ଅଥବା ପ୍ରେମବଶ ଏଥିର କାରଣ କହି ଜଣା ଯାଇ ନାହିଁ ।

ବସ୍ତ୍ରାଦି ବର୍ଷି ଧରି ପଢ଼ିବାକୁ ତାଙ୍କ ନାମରେ ମାମଲା ଚଳୁଅଛି । ତାଙ୍କ ବିରୁଦ୍ଧରେ କେତେକଜଣ ସାକ୍ଷୀଙ୍କର ଜୋବାନବନ୍ଦି ହୋଇ ସାରିଅଛି । ଏଥିରୁ ପ୍ରକାଶ ପାଏ ଯେ ଉଇଲସନ ନାମକ ଜଣେ ଲୋକ ବାଗବେଟ ନାମକ ଗୋଟିଏ ବାଳକାକୁ ପାଦଦଂଠାରୁ ନେଇ ଯିବା କାରଣ ପ୍ରବର୍ତ୍ତାଇଥିଲେ ଏ ମହାଶୟ ସେହି ଉଇଲସନ ନାମଧାରଣପୂର୍ବକ ବାଳକା ଶଶିଙ୍କୁ ଯାଇ ତାକୁ ନାନାପ୍ରକାରେ ପ୍ରସନ୍ନ ଥିଲେ । ଯୋଗକରଣୀ ଇତ୍ୟାଦି ପାଇ ନାହିଁ । ଅଧୀନ ମିନିଟରେ ମଙ୍ଗ ଅଛନ୍ତି ।

ସମ୍ବାଦପତ୍ରରେ ପ୍ରକାଶ ଯେ ହାଇଦରାବାଦଠାରେ ଜଣେ ବ୍ରାହ୍ମଣ ମାଷ୍ଟରଙ୍କଠାରେ ମୁସଲମାନଧର୍ମ୍ମ ଗ୍ରହଣ କରିଥିଲେ । ବର୍ତ୍ତମାନ ଜଣେ ଇଙ୍ଗ୍ଲିଶ ଡାକ୍ତର ତାଙ୍କ ସହୋଦରଙ୍କ ସହ ସେଠାରେ ଅନେକଜଣ ହେବା କାର୍ଯ୍ୟ କରୁଅଛନ୍ତି ମୁସଲମାନଧର୍ମ୍ମ ଗ୍ରହଣ କରିବେ ।

ଗତ ଅପ୍ରେଲ ମାସ ତା ୨୪ ରାତ୍ରିରେ ବୋମ୍ବାଇ ବଣ୍ଡ୍ ରେଲୱେସ୍ ଉଚ୍ଚଶିଖର ଉପରେ ଗ୍ରାମବାସୀମାନଙ୍କ ପାଇଥିବା ସମୟରେ ଦୁଇ ଜଣ ପାଇଁ ରମଣୀ ଗାଡ଼ିରେ ପଡ଼ି ଯାଉଅଛନ୍ତି । ଗୋଟିଏ ରମଣୀର ମୃତ୍ୟୁ ହେଲା ଏବଂ ସେ ଅପର ରମଣୀ ଉପରେ ଅର୍ଦ୍ଧପଥରେ ପଡ଼ିଥିବାରୁ ଭଲରେ ପାଦରୁ ତଳେ ଅସି ପଡ଼ିଲେ । ରେଲୱେ ଷ୍ଟେସନ୍ ତହିଁରେ ଉପସ୍ଥିତ ହେଲା । ଅନ୍ୟତିଲ ଦ୍ୱାରପାଳଙ୍କ ସାହିଁ ବାହରେ ମାଲବାସିଲା ପେଷ ହେଲା । ଏମାନଙ୍କର ପ୍ରଥମେ କେହି ଅତ୍ୟାଚାର କରିଥିବା ହେତୁ ଏସବୁ ଘଟନା ଘଟିଥିବାର ସନ୍ଦେହ ହୋଇଥିଲା ଓ ୭ ୨ ଏ ଲୋକ ଧରା ଯାଇଥିଲେ ମାତ୍ର ତାହା ସବୁ ଅମୂଳକ ବୋଲି ସାବ୍ୟସ୍ତ ହୋଇଅଛି ।

## ସୁଖ-ସମ୍ବାଦ ।

ଉତ୍କଳଦୀପିକା, ବନ୍ଦୁ ବନ୍ଦେ ମେଘ ଦେଇଛନ୍ତି ।

ପୁରୀହାଇସ୍କୁଲର ବାର୍ଷିକ ପାରିତୋଷିକ ଆଗାମୀ ଗୁରୁବାର ଦିନ ବଙ୍ଗର ହେଡ଼ମାଷ୍ଟରଙ୍କ ସାହେବ ଶୁଭାଗମନ କରିବେ ସେହିଦିନଠାରୁ ସ୍କୁଲ ଗ୍ରୀଷ୍ମାବକାଶ ସକାଶ ବନ୍ଦ ହେବ ।

ଭଗବାନଙ୍କ କୃପାରେ ପୁରୀ କଥା ହୋଇ ଗଲଣି ମଙ୍ଗଳ ମଙ୍ଗଳ ହେଉଅଛି, । କାର୍ଯ୍ୟର ଦ୍ରବ୍ୟ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ ।

ଆଜିକାଲି ଅର୍ଥ ସଙ୍ଗେ କେତେକଜଣ ଲୋକମାନଙ୍କୁ ଏବର୍ଷ ସାହାଯ୍ୟ ବନ୍ଦ ହୋଇଅଛି ।

ପାଠକମାନଙ୍କର ପୁସ୍ତକାଗାର (Book-room) ନେଇ ଏଠାରେ ବଡ଼ ଆନନ୍ଦ ହେଉଅଛନ୍ତି ।

ଅଲେଖ ସାହେବଙ୍କ ଅମଳରେ କଟକ ଓ ହେଡ଼ ବଜାରମାନେ ଜଗମାନ ଦେଉଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ବାକ୍ୟକୁ ଆପଣଙ୍କ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବେ ।

୨୭।୪।୯୧ ସାଲଠାରୁ ଗୁରୁବାରଠାରେ

ଗୋଟିଏ ଉନ୍ନତିବିଧାୟିନୀ ସଭା ( Improving club ) ସ୍ଥାପିତ ହୋଇଅଛି । ବର୍ତ୍ତମାନ ଉକ୍ତ ସଭାରେ ୮ ଜଣ ସଭ୍ୟ ନିଯୁକ୍ତ ହୋଇଅଛନ୍ତି । ପ୍ରତି ରବିବାର ସ ୭½ ଘଣ୍ଟା ସମୟରେ ସଭ୍ୟମାନେ ଉପସ୍ଥିତ ହୋଇ ଯେଉଁ ବ୍ୟକ୍ତି ଯେଉଁ ବିଷୟ ରଚନା ପାଠର ଭାର ଦିଆଯାଇଥିବ ସେହି ବ୍ୟକ୍ତି ଉକ୍ତ ରଚନା ପାଠ କରିବେ, ତଦନନ୍ତର ଅନ୍ୟାନ୍ୟ ସଭ୍ୟମାନେ ନିଜ ନିଜ ମତ ପ୍ରକାଶ କରି ସଭା ଭଙ୍ଗ କରିବେ ।

ପ୍ରକାଶଥାଉ ଯେ ଉକ୍ତ ସଭ୍ୟମାନେ ନିମ୍ନଲିଖିତ ନିୟମାବଳୀର ବଶବର୍ତ୍ତୀ ନ ହୋଇ କାର୍ଯ୍ୟ କଲେ ସଭାରୁ ବହିଷ୍କୃତ ହେବେ, ଏବଂ ତାହାଙ୍କର ନାମ ସମ୍ବାଦପତ୍ରରେ ପ୍ରକାଶ କରାଯିବ । ଇତି ।

ନିୟମାବଳୀ ଯଥା ।—

୧ ମାଦକଦ୍ରବ୍ୟ ସେବନ ନିଷେଧ ।

୨ ଦୀପାବଳୀ ଅମାବାସ୍ୟାରେ ଓ କୁମାରପୂର୍ଣ୍ଣିମାରେ ପଶା ଦ୍ୟୁତକ୍ରୀଡ଼ା ନିଷେଧ ।

୩ କାହାରି ସହିତ କୁଭାଷା କଥୋପକଥନ ନିଷେଧ ।

୪ ପର ସ୍ତ୍ରୀ କିମ୍ବା ବେଶ୍ୟା ସଂସର୍ଗ ନିଷେଧ ।

୫ ହିଂସ୍ରକରୁ ବ୍ୟତୀତ ଅନ୍ୟଜନ୍ତୁ ବଧ ନିଷେଧ ।

୬ ଅପହରଣ କିମ୍ବା ପ୍ରତାରଣା କରିବା ନିଷେଧ ।

୭ ମିଥ୍ୟାବାଦନ କରିବା ନିଷେଧ ।

ବିଶେଷ ଦ୍ରଷ୍ଟବ୍ୟ । ଯଦି କୌଣସି ବ୍ୟକ୍ତି ଏ ସଭାରୁ ନାନାଦି ସମ୍ବାଦପତ୍ର ପାଠ କରିବା ନିମିତ୍ତ ଇଚ୍ଛା କରନ୍ତି ସେମାନେ ସମ୍ପାଦକଙ୍କୁ ଜଣାଇଲେ ମନୋବାଞ୍ଛା ପୂରଣ କରିବେ ।

ଉନ୍ନତିବିଧାୟିନୀର ସମ୍ପାଦକ

ଶ୍ରୀ ରଘୁନାଥପ୍ରସାଦ ପଣ୍ଡିତ

ଗୁରୁବାରପୁର, କଟକ ।

---

ମହାଶୟ !

ଆପଣଙ୍କ ଉତ୍କଳ ଦୀପିକା ପତ୍ରିକାରେ ନିମ୍ନଲିଖିତ ମାଙ୍ଗଳିକ ପ୍ରବନ୍ଧ ଅନୁଗ୍ରହପୂର୍ବକ ପ୍ରକାଶ କରି ବାଧିତ କରିବେ ।

ଗତ ଅପ୍ରେଲମାସ ତା ୨୯ ରିଖ ବୁଧବାର ଅପରାହ୍ନ ସମୟରେ ଖୋର୍ଦ୍ଧା ମାଇନର ସ୍କୁଲ

Digitized by srujanika@gmail.com

ଛାତ୍ରମାନଙ୍କର ସାମ୍ୱତ୍ସରିକ ପୁରସ୍କାର ବିତରଣ ହୋଇଥିଲା, ସ୍କୁଲଗୃହଟି ସୁସଜ୍ଜିତ ହେଲା ପର ସେକ୍ରେଟେରୀ ମହୋଦୟ ସଭା ମଧ୍ୟସ୍ଥ ଉଚ୍ଚାସନ ଗ୍ରହଣ କରନ୍ତେ ନିମନ୍ତ୍ରିତ ଇଉରୋପୀୟାନ୍ ଓ ମେମ୍ବରଗଣ କ୍ରମେ୨ ସ୍ୱ ସ୍ୱ ଆସନରେ ଆସୀନ ହେଲେ, ତତ୍କ୍ଷଣେ ଉଭୟରୁ ପ୍ରାୟ ଦୁଇଶତ ଦର୍ଶକ; ମୁକ୍ତାର ଅମଲା ଏବଂ ସେକ୍ରେଟେରୀଙ୍କ ସହିତରେ ଏକତାନ ମନରେ ନିମ୍ନୋକ୍ତ କବିତା ଶ୍ରବଣ କଲେ, ଯଥା ।—

"ଆନନ୍ଦରେ ପୂର୍ଣ୍ଣ ଆଜ ନଗର ବିଦ୍ୟାମନ୍ଦିର ।
ଆନନ୍ଦ କୋଲାହଳ ଉଠୁଛିରେ ବାରମ୍ବାର ।
କି ସୁବୋଧ କି ନିର୍ବୋଧ ପାସୋର ବିଷୟବାଦ
ମାତିଛନ୍ତି ସୁ ଶିକ୍ଷାରେ ଶୁଣଣ ସ୍ୱଗାହଙ୍କାର ॥
ସୁବେଶେ ବାଳକଗଣ ହୋଇଣ ସାନନ୍ଦମନ
ପ୍ରାଇଜ୍ ପାଇବା ଆଶାରେ ଚଞ୍ଚଳମତି ଅସ୍ଥିର ॥
ଆଜ ଆମ୍ଭ ସେକ୍ରେଟେରୀ ସଭାସନେ ବିଜେ କରି
ଦେଉଛନ୍ତି ଉତ୍ସାହଲୁ ବେଷ୍ଟିତ ସଙ୍ଗ ମେମ୍ବର ॥
ବାଳ ବୃଦ୍ଧ ଯୁବା ମିଳି ସର୍ବେ ଦେଇ କରତାଳ
ଆନନ୍ଦ ରସକୁ ତାଳ କରୀଅ ତୃପ୍ତି ଅନ୍ତର ॥"

ଏ ଉତ୍ତାରୁ ଆଡାଣ୍ଟଶୁକ୍ଲ, ଝୁମ୍ପ କାମୋଦୀ, ଶୁଙ୍କର ଓ ବସନ୍ତ ରାଗରେ ଆହୁରି ଛଅଟି ଗାନ ହେଲା ପର ଇଂରାଜୀକବିତା ଦୁଇଗୋଟି ପାଠ ହୋଇଥି. ତଦନ୍ତେ ଆନନ୍ଦସୂଚକ କରତାଳି ଧ୍ୱନି ହେଲା, ସେକ୍ରେଟେରୀ ମହୋଦୟ ସ୍ୱ ହସ୍ତରେ ଉପଯୁକ୍ତ ପ୍ରାଇଜ୍ମାନ ବିତରଣ କଲେ, ସୁମଧୁର କଣ୍ଠରେ ଗାନ କରିଥିବା ବାଳକମାନଙ୍କୁ ଉତ୍ସାହସୂଚକ ଅତିରିକ୍ତ ପୁରସ୍କାର ବିତରିତ ମଧ ହେଲା ପର ଆମ୍ଭମାନଙ୍କର ସେକ୍ରେଟେରୀ ସବ୍-ଡିଭିଜନ ଅଫିସର ସାହେବ ମହୋଦୟ ଉତ୍କଳ-ଭାଷାରେ ଉଚ୍ଚୈଃସ୍ୱରେ ପ୍ରୀତିପୂର୍ଣ୍ଣ ଉତ୍ସାହଗର୍ଭିକ ବିଦ୍ୟାଳୟର ପୂର୍ବାପର ଅବସ୍ଥା କଥନାନ୍ତର ଭବିଷ୍ୟତ ଉନ୍ନତି ସମ୍ବନ୍ଧେ କେତେକ ବକ୍ତୃତା ଦେଇଥିଲେ କ୍ଷଣିକପର ଆନନ୍ଦସୂଚକ କରତାଳଧ୍ୱନିରେ ବିଦ୍ୟାମନ୍ଦିର ପୂର୍ଣ୍ଣ ହେଲା, କଥ୍ୟତ୍କ୍ଷଣ ପରେ ସଭା ଭଙ୍ଗ ହୋଇ ସ୍କୁଲଟି ନୀରବଭାବ ଅବଲମ୍ବନ କଲା ।

ବିଶେଷତଃ ଗାନର ପୂର୍ବ ସମୟରେ ସ୍କୁଲ-ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟ ସଭା ସମକ୍ଷରେ ହେଡ୍ମାଷ୍ଟରଙ୍କଦ୍ୱାରା ପଠିତ ହୋଇଥିଲା । ଅଲମତି ବିସ୍ତରେଣ ।

୧ । ୫ । ୯୧ } ବଶମ୍ବଦ
ଖୋର୍ଦ୍ଧା ସ୍କୁଲ } ଶ୍ରୀ ଜଗବନ୍ଧୁ ଶର୍ମା ।

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ବଳରାମ ସାହୁ ନଡ଼ିଆଳ | ଟ ୩୧ |
| " ରତ୍ନମଣି ମହାନ୍ତି କପ୍ଲେଇ | ଟ ୩୧ |
| " ଦ୍ୱାରିକାନାଥ ଚକ୍ରବର୍ତ୍ତୀ କଟକ | ଟ ୧୧ |
| " ହରସାହୁ କଳସିକାର " | ଟ ୩୧ |
| " ଓଡ଼ିଶା ବିଭାଗର କମିଶନର " | ଟ ୩୧ |
| " କଟକର କଲେକ୍ଟର | ଟ ୩୧ |
| " ଯାଜପୁରର ସବ୍ଡିଭିଜନାଲ ଅଫିସର | ଟ ୩୧ |
| " କେନ୍ଦ୍ରାପଡ଼ାର " | ଟ ୩୧ |
| " ରମାରତନ ମିତ୍ର କଟକ | ଟ ୧୧ |
| " ଦାମୋଦର ସିହ୍ନପଥ " | ଟ ୧୧ |
| " ମଦନମୋହନ ସିଂହ ଛତ୍ରପୁର | ଟ ୩୯ |

# ବିଜ୍ଞାପନ ।

## NOTICE.

Wanted an Accountant and Clerk on a salary of Rs 25 per month for the office of the Manager of Pal-Lahara. None need apply who is not an under graduate of the Calcutta University and has no official experience in keeping accounts and correspondence.

Applications with testimonials will be received by the undersigned up to the end of the Current Month.

Pal-Lahara } Gour Chandra Sen
3-5-91 } Offg. Manager.

## NOTICE.

Wanted a Graduate Head Master for the Jajpur Entrance School on Rs. 55 a month. Apply to the undersigned on or before the 15th of May next.

JAJPUR } RAJANI NATH GHOSE
15—4—91 } Munsif of Jajpur and Vice-President of the School, the District of Cuttack.

ଅତି ସୁଲଭ ମୂଲ୍ୟ ।

# ଥିଏଟରସଂଗୀତ
# ବା
# ନାଟକଗୀତ ।

ଏହି ପୁସ୍ତିକାରେ ସୁଲଳିତ ଉତ୍କଳସ୍ୱରର ଓ ଅଧିକାଂଶ ବଙ୍ଗଳା ଓ ହିନ୍ଦୁସ୍ଥାନୀସ୍ୱରର ଅନୁକରଣରେ ରଚିତ ନୂତନ ପ୍ରକାର ସଙ୍ଗୀତମାନ ସନ୍ନିବିଷ୍ଟ ହୋଇଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ମୂଲ୍ୟ ଟ ୦ ୵ ଦୁଇଅଣା ମାତ୍ର ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୨୮।୧।୯୧ } ସମ୍ପାଦକ ।

# ନୂତନ ପୁସ୍ତକ ।

## ବନବାଲା ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଟ ୦ ୲ ବାରଅଣା ମାତ୍ର । ମୋଫସଲ ସଜାଗେ ଡାକମାସୁଲ ଟ ୦୧ ୬ ଲାଗିବ ।

# ମେହରୋଗ ।

ପ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧର ବିଜ୍ଞାପନରେ ପତିଣତ ନ ହେଲେ ଆମ୍ଭେ ଦିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପେରଷ୍ଟୋର ନମ୍ବର ଦୋକାନରେ ସି, କେ, ରାଜ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ୨୫ ଟା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ

Watches! Clocks! Time pieces!
Repaired by an efficient workman the premises of the Cuttack Printing Company. Charge moderate.

# ଘଡିମରମତି ।

ନାନାପ୍ରକାର ଛୋଟ ବଡ଼ ମୂଲ୍ୟଘଡ଼ି ଉତ୍ତମରୂପେ ମରମତ ହେବା ଓ ଯଥା ସମୟରେ ପାଇଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡି ମରମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର

Split by PDF Splitter
Digitized by srujanika@gmail.com

ଦେବ ଶ୍ରପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦଆଯିବ ଅର୍ଥାତ୍ ମରାମତି ଦୋଷରୁ ନିୟମିତ ସମୟ ମଧ୍ୟରେ ଘଡି ନ ଚଳିଲେ ପୁନର୍ବାର ଦୁରସ୍ତ କରଦଆଯିବ ।

## ଗିଲ୍‌ଟି

ଘଡିର ଚେଇନ କେଶ, ମୁଦ, ସ୍ପୁନ୍‌ସ, ସବ୍‌ଇନ୍‌ସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର କମର୍‌ବେଲ୍ଟ ଓଗେର ସାଜ, (ଟମ୍ପାର ଓ ପିତ୍ତଳର ନାନାବିଧ ଅଲଙ୍କାରରେ ରୂପା ଅବା ସୁନାରେ; ରୂପାର ମୁଦ ଓଗେର ଅଲଙ୍କାର ସୁନାରେ ) ଗିଲ୍‌ଟି କର ଦଆଯିବ ।

କଟକ
୧୫।୧୨।୮୯ } ଶ୍ରୀ ଗୌରୀଶଙ୍କର ରାୟ

---

ଆୟୁର୍ବେଦୋକ୍ତ
ନୂତନ

## ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛୁ ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ ଦଆ ଯାଉଅଛୁ । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ସହି ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଅମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ

---

## ବାଲିକାଗଜ ।

ଉକ୍ତଲିଖିତ ରାସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଷ୍ଟାମ୍ପ ଭେଣ୍ଡର ବାବୁ ଅର୍ଜୁନ କର ଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୨ | ଇଞ୍ଚ | ଚାରି | ୨ ୧୪ ଟ ୧ ୪ | ୨ ୧୮ ଟ ୦ ୪ |
| ୧୪ | ଇଞ୍ଚ | ,, | ,, ଟ ୨ | ,, ଟ ୦ ୪ |
| ୧୬ | ଇଞ୍ଚ | ,, | ,, ଟ ୨ | ,, ଟ ୦ |
| ୨୨ | ଇଞ୍ଚ ଉତ୍କଳପତ୍ରିକାଷ୍ଟେପ୍,, | | ଟ ୩ | ,, ଟ ୦ ୬ ୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତକିରକୋଣା ଓ କଲମ ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ କନ୍‌କଟା ଇମାରତ ସରଞ୍ଜାମ ବିକ୍ରୟ ହେଉ ଅଛୁ ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛୁ । ତଦ୍‌ଭିନ୍ନ ଅଭି କେତେକ ଫେସନ୍ ଜିନିସାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛୁ ତାହା ନମ୍ବ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଥିବ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାଇବେ । ଏହତ୍ତା ଅମ୍ଭେମାନେ କଲେଜର ଛାତ୍ର ନିକଟସ୍ଥ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ସବ ଭିନ୍ନ ଆଡ଼ିମାନ ବିକ୍ରୟ ହେବା ହିଁ ଅପଣା ମଫସଲ ସକାଶେ ଦରଖାସ୍ତ ଦେବେ ଏବ ପ୍ରଥମ ଟି ବଡ ଟ ୦ ୬ ୨ ହିସାବରେ ଦେଲେ ପାଇ ପାରିବେ । ମାତ୍ର ତାହାର ଉପର ଷ୍ଟାମ୍ପ ଚାର୍ଜ ଉପରେ ଥିବ । ସଙ୍ଗ ଦେଲେ ଷ୍ଟାମ୍ପ ସୁଧ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଇଶ୍ତାହାର ।

| | |
|---|---|
| ଜଲର ସେଣ୍ଟଶା ଚା ଉତ୍ତମ ସୁଗନ୍ଧ ତେଲେ ଏଥି । | କର୍ପୂର ଅର୍କ । |
| କଲେରାଷ୍ଟୋକ | ଜୋରେଲଭାଇଜ । |
| ବଟେଲିନ୍ ତେଲ କରିବା ପାଇଁ ସାବୁ ଓ ଟୋକ୍ରି ସକଲ । | କାଚ ଗିଲାସ ଓ ଶୀତ ଇଡିଆ ଓ ଗ୍ଲାସ ସଶ୍ରୀ |
| ଦୁଧ ଅର୍ଥାତ କମ୍ବଳ ବଢିଆ କାଗଜ ପେନ୍‌ସିଲ ଓ କଲମ । | ଉତ୍କର୍ଷ ଚୂଲଶଲ୍ୟ ଏକପାଖ ଭୂଷ |
| ସେଲ୍ଫରିଲ କାଚ ଆଦି ( ନାନା ପ୍ରକାରର ଚିଠି କାଗଜ ଓ ଲଫାଫା ସେଇ ଷ | ଟେଲିସ ଚପୋଲ ସୁଷ କେଉଁଠି ଅଛି ଏ, ଯୋଗର ; ଅଧସେର ଭାମୀଡ ଓ ବଟୁଆ |
| ବିଭଗ ହତ । | ଉପର ଅବଦୋଚ ସହିତ ବାରସ । |
| ଉଙ୍କସ ଖାତ୍‌ଚା । | ଅନ୍ୟମେଳ ଫେନ୍‌ସିଲ |
| ନାନାପ ଖାତା ସହିଁରେ ଲୁଗା ସଫାକାର ହୁଏ । | ଥାଉ ଏ ସେନ୍‌ସିଲ୍‌କେ ଲେଖି ବପଙ୍କ ସେପ |
| ଅଟୋମ ରେଲ—ଅର୍ଥାତ୍ ସୁବର୍ଣ୍ଣ ଭୂଷଣ । | ଭର ବହାର ସେକ ସେଟ୍‌ସିଲ୍, ଲେଖା ହ |
| କବେଲ ଚୁର । | ଘରେ ତେଲ ଗପାର ଟେବୋଳିଥ୍ ଚା ରହ |
| ଓଷ୍ଟେଡ଼ ସୁଷ ଚଗା ଓ | ନ ରହେ । |

| | |
|---|---|
| ଅଧିକୃତଚ ଓ ଚିତ୍ରବି କେଶବ୍ୟି ମେନ ଓ ଧଉତ କରିବା ପାଇଁ ଉଚିତ ଯୋଗଲେ ଫେରି | କଇ ଓ ଘାଟପଲିକେଶ ରିତା । |
| [illegible] | ବୈଶିଷ୍ଟ ଚେବଲ ଓ କାଠିଆର ଥାଇ ସକଳମା |
| ଅଧିକା ତଷା ୧୨ × ୧୦ ଛାଇ ୧୪ × ୧୨ ଛାଇ ୧୬ × ୧୪ ,, | ରୋଲ ସ୍ ଫେବ୍ରେଲ କଳ ଦୋଳା ଆଡି ଓ କାଠ ୨ ଛଡ |
| ମୋଜା ଓ ମୋଜାଟିଉ | ଝରଣାବାଗର ୨ ଥିବ ଘାର ବାଟରେ ୨ ୨ ଥାଳି । |
| ଭିତର ୨ଥ ଲକ୍ଷଣର ଜପେ ଗାଣ୍ଡି ଜଳ ଓ ସୁଗଣା | ଟ୍ରିଙ୍କ ଛାଚ |
| ଚେଲେଖୁସେଲ । | ଏକ୍ସୋମ ଅପାର ଭଣ୍ଡାର ଗୁଚ୍ଛ ଝମାର ପିଟର ଇଉଷାକର ହୁଏ । |

## ପିଚଟାର ।

ଏ ତାଲିକା କେହିଙ୍କ ଧାଡରେ ଛିଣ୍ଡି ଗଲେ ଉକ୍ତଲାଇ ଜୋତାଘରର ପାଖରେ ଦେଲେ ପାଣିଚଳା ଇଦ କେବ ଦରର ମଟେଇ ଅଲେ ଲେପିଚିତଲେ ମଳବାଇ ହେବ ଓ ଭିଭ ଯିବ ନାହିଁ ।

ତଦ୍ଭିନ୍ନ ଚନ୍ଦ୍ରା ଓ ଦାଜରେ ଲଗାଇବାର ଚାଲ ମଧ୍ୟ ଅଛି ।

ଅଲ୍ଲାଭଲ୍ଲାଇ ଉଦ୍ଦି କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛାପାଇବାର ଖର୍ଚ୍ଚ ଦଳନିର୍ଦ୍ଦିଷ୍ଟ ରୂପରେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ
ଧାଡିପ୍ରତି ଟ ୦୬
ଅର୍ଦ୍ଧମୂଲ୍ୟ ଟ ୦୩
ଦୃଷ୍ଟି ଏକ ପ୍ରମାଣ ଟ ୦୨

ମାତ୍ର ଦୋହରିଁ ବିଜ୍ଞାପନ ଦେଲେ ସବୁ ଦେଲେ ଉଦ୍ଧୃତ ଖର୍ଚ୍ଚ ଟ ୦୧ ରୁ କମ ହେବ ନାହିଁ ।

ଦୁଇଥର ଓ ତିନିଥର ପ୍ରକାଶ ଖର୍ଚ୍ଚ ପ୍ରଥମ ଅପେକ୍ଷା ଦେଢ଼ା ଓ ଦ୍ୱିଗୁଣ ପରିମାଣ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଥାଉ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳସାହାର ପ୍ରେସ ଶ୍ରୀକୃଷ୍ଣଙ୍କ ଗୋବର୍ଦ୍ଧନରୁ ଶ୍ରୀ ଚିତ୍ର- ହେଲ

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୭ ଶ
ସଂ ୨୦ ସଂଖ୍ୟା

ତା ୧୭ ରଖ ମାହେ ମଇ ସନ ୧୮୯୧ ଇଂରାଜୀ । ମୁ। ଜ୍ୟେଷ୍ଠ ୫ ୪ ୨ ସନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୭

ଉତ୍ତରାଧିକାରତ୍ୱସୂତ୍ରେ ନୟାଗଡ଼ ଦାବୀ କରି ଖଣ୍ଡପଡ଼ାର ରାଜା ଓଡ଼ିଶାର ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଯେଉଁ ଅରଜୀ ଦାଖଲ କରିଥିଲେ ତାହା ସମ୍ପ୍ରତି ନାମଞ୍ଜୁର ହୋଇଅଛି । ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ଲେଖିଅଛନ୍ତି କି ଲିଗେସି ଭାରତୀୟ ସେକ୍ରେଟରୀଙ୍କ ନିଷ୍ପତ୍ତିମତେ ଓଡ଼ିଶା ଗଡ଼ଜାତମାନ ବ୍ରିଟିସ ଇଣ୍ଡିଆ-ଅନ୍ତର୍ଗତ ନ ହେବାରୁ ଆଇନମତେ ଉକ୍ତ ମୋକଦ୍ଦମାର ବିଚାର ହୋଇ ନ ପାରେ । ସମ୍ଭବତଃ ଏଥିର ଅପିଲ ହେବ ।

———

ଗତମାସ ତା ୨ ରଖରେ ପୁରୀର ଜଗନ୍ନାଥ ମନ୍ଦିରସଂସ୍କାରଣୀ ସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁର ବିବରଣ ପାଠ କରି ଦେଖିଲୁଁ ଯେ ଉକ୍ତସଭା ଏହି କଟକ ନଗରରେ ସ୍ଥାପିତ ହୋଇଥିବା ସଭାର ଶାଖାସଭା ସ୍ୱରୂପ ଐକ୍ୟରେ କାର୍ଯ୍ୟ କରିବାକୁ ସମ୍ମତ ହୋଇଅଛନ୍ତି । କେବଳ ସଭ୍ୟଶ୍ରେଣୀରେ ସ୍ଥାନବାସୀ କେତେକ ଜଣ ଅଧିକା ଲୋକଙ୍କ ନାମ ଯୋଗ କରିବାକୁ ଅନୁରୋଧ କରିଅଛନ୍ତି । ଯଥା, ବାବୁ ନିତ୍ୟାନନ୍ଦ ଦାସ, ଶିବଚରଣ ମହାନ୍ତି, ଶ୍ରୀ ହରିହର ପଣ୍ଡା, ଶ୍ରୀ ନାରାୟଣ ଖୁଣ୍ଟିଆ ଇତ୍ୟାଦି ।

———

ଗତ ମାର୍ଚ୍ଚମାସରେ ଯେଉଁ ଡେପୁଟୀଗିରୀ ପରୀକ୍ଷା ହୋଇଥିଲା ତହିଁର ଫଳ ବାହାରିଅଛି । ପ୍ରାୟ ଜ ୭୦ ଣ ପରୀକ୍ଷା ଦେଇଥିଲେ । ତହିଁମଧ୍ୟରେ ବାବୁ ରଜନୀପ୍ରସାଦ ନିୟୋଗୀ ଏମ୍, ଏ ବାବୁ ଜ୍ଞାନେନ୍ଦ୍ରଲାଲ ଚୌଧୁରୀ ଏମ୍, ଏ, ବି ଏଲ୍, ବାବୁ ରାଖାଲମୋହନବନ୍ଦ୍ୟୋପାଧ୍ୟାୟ ଏମ୍, ଏ, ଓ ବାବୁ ଯୋଗେନ୍ଦ୍ରକୁମାର ସିଂହ ଏମ୍, ଏ, ଯଥାକ୍ରମେ ପ୍ରଥମ ଚାରିସ୍ଥାନ ଅଧିକାର କରିବାରୁ ଶିକ୍ଷାନବିସ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି । ଏପରି ମୌଲବୀ ମହମ୍ମଦ ସାମସୁଦ୍ଦୋହା ବି, ଏ, ଏବଂ ବାବୁ ନୟନାଞ୍ଜନ ଭଟ୍ଟାଚାର୍ଯ୍ୟ ଏମ୍ ଏ, ପରୀକ୍ଷାରେ ଉଚ୍ଚସ୍ଥାନ ଅଧିକାର କରି ନ ପାରିଲେ ସୁଦ୍ଧା ଉତ୍ତୀର୍ଣ୍ଣ ହୋଇଥିବାରୁ ଗେଜେଟଙ୍କର ବିଶେଷ ନିର୍ବାଚନ ଅନୁସାରେ ପାଟନା ଓ ବର୍ଦ୍ଧମାନରେ ଶିକ୍ଷାନବିସସ୍ୱରୂପ ନିଯୁକ୍ତ ହୋଇଅଛନ୍ତି । ଶିକ୍ଷାନବିସ ସମୟରେ ଏମାନେ ମାସକୁ ଟ ୫୦୲ ଲେଖାଏଁ ବେତନ ପାଇବେ ।

———

ଗତମାସ ତା ୨୦ ରଖ ଅପରାହ୍ନ କାଳରେ ଭଦ୍ରଖ ଶ୍ରୀ ମଦନମୋହନ ଜିଉଙ୍କ ମନ୍ଦିରରେ ଶ୍ରୀ ଜଗନ୍ନାଥମନ୍ଦିରର ଜୀର୍ଣ୍ଣସଂସ୍କାର ଉଦ୍ଦେଶ୍ୟରେ ଗୋଟିଏ ବୃହତ୍‌ସଭା ହୋଇଥିଲା । ଏ ସଭାର ଉଦ୍ୟମକାରୀ ଶ୍ରୀ ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚଉଧୁରୀଙ୍କ ପ୍ରସ୍ତାବ ମତେ ଶ୍ରୀ ମହନ୍ତ ମଥୁରମୋହନ ଗୋସ୍ୱାମୀ ସଭାପତିତ୍ୱରେ ବରଣ ହୋଇ ସଭାର କାର୍ଯ୍ୟାରମ୍ଭ କଲେ । ଭଦ୍ରଖରେ ଗୋଟିଏ ଶାଖାସଭା ହେବା କଟକସ୍ଥ ସଭା ତହିଁ ସଙ୍ଗେ ଚିଠିପତ୍ର ଲେଖିବା, ଦେବା କାରଣ ଜମିଦାର ପ୍ରଭୃତି ଭଦ୍ରଲୋକଙ୍କୁ ପତ୍ର ଲେଖିବା ଏବଂ ସବଡିଭିଜନ ଅଫିସରେ ଗୋଟିଏ ବାକସ ରଖିବା କାରଣ ହାକିମଙ୍କ ଅନୁମତି ପ୍ରାର୍ଥନା କରିବା ଇତ୍ୟାଦି ବିଷୟମାନ ସଭାରେ ଧାର୍ଯ୍ୟ ହେଲା ଏବଂ ସେହି ସବୁ ସଂଗ୍ରହାର୍ଥେ ଗୋଟିଏ କମିଟୀ ଗଠିତ ହେଲା । ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟ ଏହି ସଭାର ସମ୍ପାଦକ ମନୋନୀତ ହେଲେ ।

———

ଗତ ସଂସ୍କୃତ ପରୀକ୍ଷାରେ ପୁରୀ ସ୍କୁଲର ଜ ୩ ଣ ଛାତ୍ର ପାଶ କରିଥିବାର ଭ୍ରମରେ ଲେଖିଥିଲୁଁ । ପ୍ରକୃତରେ ସେମାନଙ୍କ ଛଡ଼ା ଶ୍ରୀ ରାମହରି ପ୍ରହରାଜ ଶର୍ମା କାବ୍ୟରେ ଉତ୍ତୀର୍ଣ୍ଣ ହୋଇ ଦ୍ୱିତୀୟ ଶ୍ରେଣୀର ଚତୁର୍ଥସ୍ଥାନ ଅଧିକାର କରି ଅଛନ୍ତି ଏବଂ ଗୌରୀଶଙ୍କର ବୃତ୍ତି ଟ୫୦୲ଙ୍କା ପାଇ ଅଛନ୍ତି । ଅନ୍ୟ ତିନିଜଣଙ୍କ ମଧ୍ୟରେ ଲୋକନାଥ ମହାପାତ୍ର ଉକ୍ତ ଶ୍ରେଣୀର ପଞ୍ଚବିଂଶତି ସ୍ଥାନରେ ରହି ରାଜା ଶ୍ୟାମାନନ୍ଦଦେଙ୍କ ବୃତ୍ତି ଟ ୩୦ ୲ଙ୍କା ପାଇ ଅଛନ୍ତି ଏବଂ ଏମାନଙ୍କର ଶିକ୍ଷକ ପଣ୍ଡିତ ଗୋପୀନାଥ ମିଶ୍ର ସରକାରୀ ବୃତ୍ତି ଟ ୨୦୦ ୲ଙ୍କା ପାଇ ଅଛନ୍ତି । ଏଥର ପରୀକ୍ଷାରେ କେବଳ କାବ୍ୟରେ ଜ ୪୮ ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ବ୍ୟାକରଣ, ପୁରାଣ, ସ୍ମୃତିରେ ଜଣେ ଲେଖାଏଁ ଏବଂ ଦର୍ଶନ ବେଦାନ୍ତ ଇତ୍ୟାଦିରେ ଜ୯୯ଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

Digitized by srujanika@gmail.com

Split by PDF Splitter



ଏଥିରୁ ବୋଧ ହୁଏଇ ଯେ କାବ୍ୟାପେକ୍ଷା ବଙ୍କି-ନର ଚର୍ଚ୍ଚା ବହୁତ ଊଣା ହୋଇଅଛି ।

—※—

ଗତ ପଣାସଂକ୍ରାନ୍ତି ଦିନ ଭାଡ଼ଙ୍କେଶ୍ୱରର ସନ୍ନ୍ୟାସିମାନଙ୍କ ସହିତ ଖ୍ରୀଷ୍ଟିୟାନ ପାଦ୍ରି ଏବଂ ପୁଲିସର ବିବାଦ ହୋଇଥିଲା । ସନ୍ନ୍ୟାସିମାନେ ପାଟୁଆ ସାଜ ବାହାରିବା କାଳରେ ଯାହା-ମଧ୍ୟରେ ପାଦ୍ରିମାନେ ଖ୍ରୀଷ୍ଟଧର୍ମର ଉପଦେଶ ଦେଉଥିବାରୁ ହିନ୍ଦୁମାନେ ବିରକ୍ତ ହୋଇ ଗୋଳମାଳ କଲେ ଏବଂ ତହିଁରୁ ଦଙ୍ଗା ହେଙ୍ଗାମା ଜାତ ହେବାରୁ ପୁଲିସ ଅନେକ ସନ୍ନ୍ୟାସିଙ୍କି ଧରି ଗ୍ରେପ୍ତାର କରିଥିଲେ । ଏ-ଥିରେ ଦୁଇନମ୍ବର ମୋକଦ୍ଦମା ଦାଏର ହେଲା । ଡେପୁଟୀ ମାଜିଷ୍ଟ୍ରେଟଙ୍କ ବିଚାରରେ ସମସ୍ତ ଆସାମୀ ବେକସୁର ଖଲାସ ପାଇଅଛନ୍ତି । ହଣ୍ଟରରେ ପ୍ରକାଶ ପାଇଅଛି ଯେ ଖ୍ରୀଷ୍ଟିୟାନ ପ୍ରଚାରକମାନେ ହିନ୍ଦୁଙ୍କ ଯାତ୍ରାରେ ହିନ୍ଦୁ ଦେବ-ଦେବୀଙ୍କର ନିନ୍ଦା କରନ୍ତି ବୋଲି ଏପ୍ରକାର ଦୁର୍ଘଟଣା ହୁଏଇ । ବାସ୍ତବରେ ଯେତେବେଳେ ଲୋକେ ଯାତ୍ରା ପର୍ବରେ ଆପଣା ଧର୍ମବିଶ୍ୱାସରେ ଉତ୍ତେଜିତ ହୋଇଥାନ୍ତି ସେତେବେଳେ ତାହାଙ୍କୁ ଧର୍ମ ବିରୁଦ୍ଧରେ କିଛି କହିବା ତାହାଙ୍କ କ୍ରୋଧ ବଢ଼ାଇବା ଭିନ୍ନ ଆଉ କିଛି ନୁହଇ । ଧର୍ମପ୍ରଚାରକ-ମାନଙ୍କର ଏକଥା ଧୀରଭାବରେ ବିଚାର କରିବା ଉଚିତ ।

———

ମଣିପୁର ।

ମଣିପୁର ରାଜ୍ୟ ଅଧିକାର କରି ଇଂରାଜ-ଗଭର୍ଣ୍ଣମେଣ୍ଟ ସେଠାରେ ଦୁଇସହସ୍ର ସୈନ୍ୟ ଏବଂ ଗୋ ୬ ଟା ତୋପ ରଖି ଅବଶିଷ୍ଟ ସେନା ଫେରି ଆସିବାର ଆଦେଶ ଦେଇଅଛନ୍ତି ଏବଂ ତଦନୁସାରେ କେତେକ ସୈନ୍ୟ ଫେରି ଆସିବାର ଆରମ୍ଭ ହୋଇଅଛି । ଜେନରଲ କୋଲେଟ ଏଠାର ପ୍ରଧାନ କର୍ତ୍ତା ଏବଂ ମେଜର ମାକ୍ସୱେଲ ପୋଲିଟିକଲ ଅଫିସର ହୋଇଅଛନ୍ତି । ଦୋଷି-ଲୋକଙ୍କୁ ଦଣ୍ଡ ଦେବାକାରଣ ଗୋଟିଏ ଅନୁ-ସନ୍ଧାନସମିତି ନିଯୁକ୍ତ ହୋଇଅଛି ମାତ୍ର ଟୋଙ୍ଗାଲ ଜେନରଲ ଛଡ଼ା ଆଉ କେହି ଧରା ପଡ଼ି ନାହି । ଏ ବ୍ୟକ୍ତି ନିତାନ୍ତ ବୃଦ୍ଧ ଓ ଅକ୍ଷମ ଥିବାରୁ ଏହାଙ୍କଦ୍ୱାରା କିଛି ଅନିଷ୍ଟ ହୋଇଥିବାର ଜଣାଯାଉ ନାହି ଗତ ମାସ ତା ୩୦ ଇଖରେ ଜେନରଲ କୋଲେଟ ଘୋଷଣା ଦେଇଅଛନ୍ତି ଓ ହଗଛ ସହାର ଯେ କୌଣସି ପ୍ରଜାଠାରୁ ଘୋଷଣା ପ୍ରଚାରିତ ହେବାର ଦ ୭ ଦିନ ଉତ୍ତାରୁ କୌଣସିଅସ୍ତ୍ରଯାହାଥିବ ସେ ବଧ ଅବା ଦ୍ୱୀପାନ୍ତରିତ ଦଣ୍ଡ ପାଇବ । ଝଙ୍କଣାଖାନାରୁ ନୋଟ, ନଗଦ ଟଙ୍କା ଓ ସ୍ୱର୍ଣ୍ଣଇତ୍ୟାଦି ଦ୍ରବ୍ୟମାନ ଯାହା ଲୁଟ ହୋଇଅଛି ତାହାସବୁ ଶୀଘ୍ର ଫେରି ଦେବାର ଆଦେଶ ହୋଇଅଛି । ଏଥିମଧ୍ୟରୁ ଯାହା ପୁନଃ ପ୍ରାପ୍ତ ନ ହେବ ତାହା ଗ୍ରାମବାସିଙ୍କଠାରୁ ଅଦାୟ ହେବ । ପଳାତକ ମହାରାଜା ଏବଂ ଯୁବରାଜ ଅଥବା ସେନାପତିଙ୍କି ଧରିବାକାରଣ ସୈନ୍ୟ ପ୍ରେରିତ ହୋଇଅଛନ୍ତି ମାତ୍ର ଏପର୍ଯ୍ୟନ୍ତ ସେମା-ନଙ୍କର ସନ୍ଧାନ ମିଳି ନାହି । କଥିତ ହୁଏଇ ଯେ ଏମାନେ ପ୍ରଥମେ ସମସ୍ତେ ଏକତ୍ରେ ଥିଲେ କିନ୍ତୁ ପଛକୁ ଭିନ୍ନ୨ ହୋଇଥିବାର ସମ୍ବାଦ ମିଳି-ଅଛି । ଅନୁମାନ ହୁଏଇ ମହାରାଜା ଶୀଘ୍ର ଧରା-ପଡ଼ିବେ ନଚେତ୍ ଆତ୍ମସମର୍ପଣ କରିବେ କାରଣ ସେ ଲୁଚି ରହିବାର କଷ୍ଟ ବହୁତଦିନ ଭୋଗ-କରିବାକୁ ଇଚ୍ଛା ନ କରି ବରଂ ବନ୍ଦୀଭୂତ ହେବାକୁ ଭଲ ମନେ କରିବେ । କିନ୍ତୁ ସେନା-ପତିର ସନ୍ଧାନ ପାଇବା ବଡ଼ ସହଜ ନୁହଇ । କଥିତ ହୁଏଇ ସେ ଜଣେ ତେଜସ୍ୱୀ ଏବଂ କୌଶଳୀ ଲୋକ ଅଟନ୍ତି ଏବଂ ଘୋଡ଼ାଚଢ଼ିବା-ରେ ଭାରି ପଟୁ । ଏମାନଙ୍କ ସଙ୍ଗେ ଆଉ ଦୁଇ ଭାଇ ଅଛନ୍ତି ।

———

କେଉଁଝରର ଗୋଳମାଳ ।

କେଉଁଝରର ଅଧମ ଜଙ୍ଗଲି ପ୍ରଜାମାନେ ବିଗିଡ଼ି ଲୁଟପାଟ କରିଥିବାର ସମ୍ବାଦ ଏ ନଗ-ରରେ ଗତ ସପ୍ତାହରେ ଶୁଣାଶୁଣି ହୋଇଥିଲା କିନ୍ତୁ କୌଣସି ଠିକ ସମ୍ବାଦ ଜଣା ନ ଥିବାରୁ ଆମ୍ଭେମାନେ ଉପେକ୍ଷା କରିଥିଲୁଁ । ଏ ସପ୍ତା-ହରେ କେଉଁଝରରୁ ମାନେଜର ବାବୁ ଫକୀର-ମୋହନ ସେନାପତି ଏବଂ ତହିଁ ପଛେ ସ୍ୱୟଂ ମହାରାଜା ଏ ନଗରକୁ ଆସି ଗଡ଼ଜାତ ସୁପ୍ରି-ଣ୍ଟ୍ ସାହେବଙ୍କ ସଙ୍ଗେ ସାକ୍ଷାତ କରି ଦୁଇ-ଦିନରେ ବାହାରି ଯିବାରୁ ଜଣାଗଲା ଯେ ପ୍ରକୃତରେ ଗୋଳମାଳ ହୋଇଅଛି ଏବଂ ମହାରାଜା ଲୁଗାପଟା ଓ ଖର୍ଚ୍ଚ ଇତ୍ୟାଦି ଛାଡ଼ି କେବଳ ଦେହ ଘେନି ପଳାଇ ଆସିବା ଭାବରେ ଏଠାକୁ ଆସିଥିବାରୁ କାଣ୍ଡଟା ଏଣ୍ଟ ଗୁରୁତର ବୋଲି ଜଣାଯାଉଅଛି । ଏହି ଗୋଳମାଳର ପ୍ରକୃତ ବିବରଣ ଆମ୍ଭେମାନେ ଅଦ୍ୟାପି ଜାଣି-ବାକୁ ସକ୍ଷମ ହୋଇ ନାହୁଁ କାରଣ ତାହା କେହି ସ୍ପଷ୍ଟରୂପେ ପ୍ରକାଶ କରିବାକୁ ଅବଶ୍ୟ ପ୍ରସ୍ତୁତ ନାହାନ୍ତି । ଯେତେଦୂର ଶୁଣାଯାଉଅଛି ତହିଁର ମର୍ମ ଏହିକି କେଉଁଝରର ଉତ୍ତରସୀ-ମାରୁ ଭୂୟାଁ ପ୍ରଜାମାନେ ସିଂହଭୂମ ଇଲାକାର ଆପଣାଜାତୀୟ ପ୍ରଜାଙ୍କ ସହିତ ମିଶି ମେଳ କରି କେଉଁଝର ଏଲାକାରେ ଲୁଟପାଟ ଆରମ୍ଭ କରୁଅଛନ୍ତି ଏବଂ ରାଜାଙ୍କର ଧାନଅମାରମାନ ଲୁଟି ନେଇ କ୍ରମେ ଗଡ଼ଦଗକୁ ଅଗ୍ରସର ହେଉଅଛନ୍ତି । ଏଥିପାଇଁ ରାଜା ପ୍ରାଣଭୟରେ ସରକାରଙ୍କ ସାହାଯ୍ୟ ପାଇବା ଆଶାରେ ଏଠା-କୁ ଆସିଥିଲେ । କ ସବାଶେ ପ୍ରଜାମାନେ ବିଗିଡ଼ିଅଛନ୍ତି ତାହା ଆମ୍ଭେମାନେ ଏପର୍ଯ୍ୟନ୍ତ ଜାଣି ପାରୁ ନାହୁଁ । କେହି୨ କହୁଅଛନ୍ତିକି ସିଂହଭୂମ ସଙ୍ଗେ ସରହଦ ସୀମାନାର ବିବାଦ ଥିବାରୁ ସିଂହଭୂମର ପ୍ରଜାମାନେ କେଉଁଝରସ୍ଥ ଆପଣା ଜାତଭାଇଙ୍କ ସଙ୍ଗେ ଯୋଗ କରି ଏପ୍ର-କାର କାଣ୍ଡ ଉଠାଇ ଅଛନ୍ତି ଏବଂ ଆଉ କେହି୨ କହନ୍ତିକି କେଉଁଝରସ୍ଥ ଭୂୟାଁଙ୍କ ଉପରେ ମହା-ରାଜା ବେଠି ଇତ୍ୟାଦିର ଜୁଲମ କରିବାରୁ ସେମାନେ ସିଂହଭୂମସ୍ଥ ଆପଣା ଜାତଭାଇଙ୍କ ସାହାଯ୍ୟ ଲୋଡ଼ି ବିଦ୍ରୋହୀ ହୋଇଅଛନ୍ତି । ଏଂ-ହାଙ୍କର କାରଣ ଯାହା ହେଉ ଅଧୁନାତଃ ମହାରାଜା ଶରଣାପନ୍ନ ହୋଇ ସାହାଯ୍ୟ ଲୋଡ଼-ବାରୁ ତାହାଙ୍କୁ ସାହାଯ୍ୟ ଦେବା [illegible] ବିବେଚନା କରି ଅମ୍ଭ [illegible] ନୂତନ ଗଡ଼ଜାତ-ସୁପ୍ରିଣ୍ଟେ ଶ୍ରୀଯୁକ୍ତ ଟ୍ୱେନାମ ସାହେବ ମୟୂରଭଞ୍ଜର ମାନେଜର ଶ୍ରୀଯୁକ୍ତ ଓ୍ୱାଇଲି ସାହେବଙ୍କୁ ଏ-ବିଦ୍ରୋହ ନିବାରଣ ନିମିତ୍ତ ପଠାଇଅଛନ୍ତି ଏବଂ ତାହାଙ୍କ ଅଧୀନରେ କାର୍ଯ୍ୟ କରିବା କାରଣ ଉପଯୁକ୍ତ ସଂଖ୍ୟକ ପୁଲିସଦଳ ପଠାଇବାର ବନ୍ଦୋବସ୍ତ କରି ଦେଇଅଛନ୍ତି । ସିଂହଭୂମର ଡେପୁଟୀ କମିଶ୍ନରଙ୍କ ପାଖକୁ ମଧ୍ୟ ଏ ଗଣ୍ଡଗୋଳ ନିବାରଣପ୍ରତି ସାହାଯ୍ୟ କରିବା କାରଣ ପତ୍ରଯାଇ ଅଛି । ଏଥିରେ ସମ୍ପୂର୍ଣ୍ଣ ଭରସା ହୁଏଇ ଯେ ଅଳ୍ପଦିନ ମଧ୍ୟରେ ସେଠାରେ ଶାନ୍ତି ସ୍ଥାପନ ହେବ ଏବଂ ସାହେବମାନଙ୍କ ଅନୁସନ୍ଧାନରେ ଏହି ମେଳର ପ୍ରକୃତ କାରଣ ଜଣା ପଡ଼ିବ ।

କେଉଁଝର ସାମାନ୍ୟ ରାଜ୍ୟ ନୁହଇ । ଏଥିର ଆୟତନ ପ୍ରାୟ ୩ ହଜାର ବର୍ଗମାଇଲ, ଲୋକ-ସଂଖ୍ୟା ପ୍ରାୟ ଦୁଇଲକ୍ଷ ଏବଂ ବାର୍ଷିକ ଆୟ ପ୍ରାୟ ଏକଲକ୍ଷ ହେବ । ଏଠାର ଅଧମ ପ୍ରଜା-ମାନେ ଏଥିପୂର୍ବେ କେତେଥର ମାତିଥିବାର ପ୍ରକାଶ ପାଉଅଛି । ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ଏପରି ଅବସ୍ଥାରେ ଏମାନଙ୍କ ଆୟତ୍ତରେ ରକ୍ଷି

Digitized by srujanika@gmail.com

Split by PDF Splitter



ଶାନ୍ତିରକ୍ଷା ନିମିତ୍ତ ମହାରାଜ ଉପଯୁକ୍ତ ପୁଲିସଦଳ ନିଯୁକ୍ତ କର ନାହାନ୍ତି । ଶୁଣିବାରେ ଏ ନଗରର ପୁଲିସସଂଖ୍ୟା ଏକଶତ ଜଣରୁ ଊଣା । ଶାନ୍ତିରକ୍ଷାର ଉପଯୁକ୍ତ ବନ୍ଦୋବସ୍ତ ଥିଲେ ଏପରି ଘଟି ନ ଥାନ୍ତା କିମ୍ବା ଘଟିବା ମାତ୍ରକେ ମହାରାଜା ଏମନ୍ତ ଉପଯୁକ୍ତ ଭାବରେ ଏ ନଗରକୁ ଚଳି ଆସି ନ ଥାନ୍ତେ । ଏଥିରେ ମହାରାଜାଙ୍କ ଶାସନର ବିଶେଷ ଦୁର୍ବଳତା ପ୍ରକାଶ ପାଉଅଛି । ଭରସା କରୁଅଛୁ ଉପସ୍ଥିତ ଘଟଣାରୁ ଉଚିତ ଶିକ୍ଷା ଲାଭ କରି ମହାରାଜା ଆପଣା ଶାସନପ୍ରଣାଳୀ ଦୃଢ଼ କରିବାକୁ ଯତ୍ନବାନ୍ ହେବେ

---

## ଟ୍ରେନିଂସ୍କୁଲ ।

ଏଠା ଟ୍ରେନିଂସ୍କୁଲର ବାର୍ଷିକ ପାରିତୋଷିକ ବିତରଣକାର୍ଯ୍ୟ ଗତମାସ ତା ୧୧ ରଖ ଅପରାହ୍ଣ କାଳରେ ଉକ୍ତ ସ୍କୁଲଗୃହରେ ବଡ଼ା ସମାରୋହରେ ସମ୍ପନ୍ନ ହୋଇଯାଇଅଛି । ପାଦ୍ରୀ ପାଇକ୍ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ପାଦ୍ରୀ ବେଲସାହେବ ଓ ଦେଶୀୟ ଭଦ୍ରବ୍ୟକ୍ତି ପ୍ରାୟ ୫୦ ଜଣ ସ୍କୁଲଗୃହରେ ଉପସ୍ଥିତ ଥିଲେ । ସାଢ଼େ ୫ ଘଣ୍ଟା ସମୟରେ ପୁରସ୍କାର ବିତରଣକାର୍ଯ୍ୟ ସମ୍ପନ୍ନ ହେବାର ବନ୍ଦୋବସ୍ତ କରାଯାଇଥିଲେ ପ୍ରାୟ ସାଢ଼େ ୫ ଘଣ୍ଟା ସମୟରେ ସେଟଲମେଣ୍ଟ ଅଫିସର ମହାଶୟ ଉପସ୍ଥିତ ହୋଇଥିଲେ । ସୁତରାଂ କେତେକ ଭଦ୍ରବ୍ୟକ୍ତିଙ୍କୁ ପ୍ରାୟ ଅର୍ଦ୍ଧଘଣ୍ଟା କାଳ ଅପେକ୍ଷା କରି ରହିବାକୁ ହୋଇଥିଲା । ପ୍ରଥମରେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ବାବୁ ବିଶ୍ୱନାଥ କର ବାର୍ଷିକ ବିବରଣୀ ପାଠ କଲେ । ତହିଁରୁ ଦେଖାଗଲା ଯେ ସ୍କୁଲଟି ସ୍ଥାପନ ହେବା ସମୟରୁ ଏପର୍ଯ୍ୟନ୍ତ ବରାବର ଉତ୍ତମ ଫଳ ଦେଖାଇ ଆସୁଅଛି । ପୂର୍ବେ ସରକାରୀ ସାହାଯ୍ୟର ପରିମାଣ ଟ ୫୦୯ ଙ୍କା ଥିଲା । ମଧ୍ୟରେ ସ୍କୁଲଟିରେ ମାଇନରଠାରୁ ପ୍ରବେଶିକା ପର୍ଯ୍ୟନ୍ତ ଶିକ୍ଷା ଦେବାର ବନ୍ଦୋବସ୍ତ ହୋଇଥିବାରୁ ସ୍କୁଲର ଆୟ ବୃଦ୍ଧିରୁ ସରକାରୀ ସାହାଯ୍ୟର ପରିମାଣ ଟ ୫୦୯ ଙ୍କା ପର୍ଯ୍ୟନ୍ତ କମିଥିଲା । ସାଧାରଣ ଶିକ୍ଷାର ଅନୁରୋଧ ଏବଂ ସ୍କୁଲମାନଙ୍କର ଅବସ୍ଥା ବିବେଚନା କରି ଗତକ ବର୍ଷରୁ ଉପର ଶ୍ରେଣୀମାନ ଏଠା ପ୍ୟାରୀମୋହନ ଏକାଡେମି ସହିତ ଏକତ୍ର କରିଦେଇ ସ୍କୁଲଟିକୁ ପୂର୍ବବତ୍ ମାଇନର ଶ୍ରେଣୀପର୍ଯ୍ୟନ୍ତ ରଖାଗଲା । ସୁତରାଂ ଗବର୍ଣ୍ଣମେଣ୍ଟ ଟ ୫୦୯ ଙ୍କା ପରିବର୍ତ୍ତେ ଟ ୩୦୯ ଙ୍କା ସାହାଯ୍ୟ ଦାନ ପ୍ରାପ୍ତ ହେବା କାରଣ ଅଳ୍ପ ଖର୍ଚ୍ଚ ହେଉଅଛି । ସ୍କୁଲଟିର ମାସିକ ଖର୍ଚ୍ଚ ପ୍ରାୟ ଟ ୮୭୯ ଙ୍କା । ଏଥିମଧ୍ୟରେ ସରକାରୀ ସାହାଯ୍ୟ ଟ ୩୦୯ ଙ୍କା, ସ୍କୁଲର ବେତନାଦି ଆୟ ଟ ୪୦୯ ଙ୍କା, ସାଧାରଣ ଚନ୍ଦା ଟ ୭୯ ଙ୍କା ଯାଇ ବାକୀ ଯାହା ନିଅଣ୍ଟ ହେବ ତାହା ସ୍କୁଲର ନୂତନ ସେକ୍ରେଟେରୀ ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ ବାବୁ ଜଗନ୍ମୋହନ ରାୟ ଦେବା କାରଣ ପ୍ରତିଶ୍ରୁତ ହୋଇଅଛନ୍ତି । ଗତ ପ୍ରଥମ ବର୍ଷ ଅର୍ଥାତ୍ ସନ ୧୯୦୫ ମସିହାରେ ଏହି ସ୍କୁଲରୁ ୫ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଥିଲେ ମାତ୍ର ଗତ ବର୍ଷରେ ୧୮ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏମାନଙ୍କ ମଧ୍ୟରୁ ୫ ଜଣ ପ୍ରବେଶିକା ଓ ୩ ଜଣ ଛାତ୍ରବୃତ୍ତି ଏବଂ ୧୦ ଜଣ ମାଇନର ପରୀକ୍ଷାରେ ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି । ଏହିରୂପେ ବାର୍ଷିକ ବିବରଣୀ ପାଠ ହେଲା ଉତ୍ତାରୁ ସଭାପତି ସ୍ୱହସ୍ତେ ପାରିତୋଷିକ ବଣ୍ଟନ କଲେ । ତହୁଁତ୍ତାରେ ପାଠ ବୋଲିବା ନିମିତ୍ତ ପିଲାଏ ପ୍ରସ୍ତୁତ ନ ଥିବା ବିଷୟ ପ୍ରଧାନଶିକ୍ଷକ ଜଣାଇଦେବାରୁ ସଭାପତି ମହାଶୟ ପିଲାଙ୍କୁ ସଦୁପଦେଶ ଦେବାକୁ ହଠାତ୍ ଇଂରାଜୀରେ କହିଲେ ଯେ ଏକ ସମୟରେ କେତେକ ଲୋକ ପଞ୍ଚଭରେ ମନୁଷ୍ୟ ପ୍ରସ୍ତୁତ କରିବା କାରଣ ଉଦ୍ୟୋଗ କରୁଥିଲେ । ଅନେକ ଲୋକେ ଏ ନୂତନ କାଣ୍ଡ ଦେଖିବାକୁ ଉପସ୍ଥିତ ହେଲେ । ଅନେକ କ୍ଷଣ ପରିଶ୍ରମ କରି କିଛି ଫଳ ନ ହେବାରୁ କେହି ମରିଚ, କେହି ଲୁଣ, କେହି ମସଲା, କେହି ଅବା ଅମୃତଭଣ୍ଡା ଓ ପରମାନ୍ନ ପକାଇବାର ପ୍ରସ୍ତାବ କଲେ ତାହା ସବୁ ଆଣି ପାତ୍ରରେ ନିକ୍ଷେପ କରିବାରୁ ଅବଶେଷରେ ଏକ ମନୁଷ୍ୟ ପ୍ରସ୍ତୁତ ହେଲା । ମାତ୍ର ଏଠାରେ ପାଠ ବୋଲା ଇତ୍ୟାଦି ଅନ୍ୟ କିଛି ନ ହେବାରୁ ସାହେବଙ୍କ ବକ୍ତୃତାରେ କି କହିବେ ଟିକିଏ ଅଡୁଆ ବୋଧ ହେଲା । ଯଥା ହେଉ ରୋଗୀ ଯେମନ୍ତ ଔଷଧ ଖାଉଥିବା ସମୟରେ ବେଳେ ବେଳେ ମଧୁ ଅଥବା ମୋଦକ ଦିଆଯାଏ ପାରିତୋଷିକଟା ସେହିପରି ମଧୁ କିମ୍ବା ମୋଦକ ମାତ୍ର । ଶିକ୍ଷା ହିଁ ପ୍ରଧାନ ଔଷଧ । ସୁତରାଂ ଯେଉଁମାନେ ପାରିତୋଷିକ ପାଇଲେ ନାହିଁ ତାଙ୍କର ଔଷଧ ଖାଇଥିବା କାଳରେ ହତାଶ ହେବା ଉଚିତ ନୁହେ । ତେବେ ସେମାନେ ଅଧିକ ଯତ୍ନ କଲେ ମଧୁ ବା ମୋଦକ ପାଇ ପାରିବେ । ଏହିରୂପେ ଦୁଇ ଚାରିକଥା କହି ପିଲାମାନଙ୍କ ସଦାଚରଣ ରକ୍ଷା କରିବା ଉପଦେଶ ଦେଇ ସଭାପତି ଆସନ ଗ୍ରହଣ କଲେ । ସଭାପତି ଉଠୁଥାନ୍ତେ ଯେଉଁ ମନ୍ତ୍ର ବାହାର କଲେ ଅମ୍ଭମାନଙ୍କୁ ପ୍ରକୃତରେ ତାହା ବଡ଼ ସ୍ୱାଦୁ ଲାଗିଲା ଏବଂ ଉପସ୍ଥିତ ଭଦ୍ରବ୍ୟକ୍ତିଗଣ ପୁନଃ ପୁନଃ କରତାଳିଦ୍ୱାରା ଆପଣାର ସନ୍ତୋଷ ଜ୍ଞାପନ କରିଥିଲେ । ତହୁଁ ଦୁଇଗୋଟି ପିଲା ଗୋଟିଏ ଓଡ଼ିଆ କବିତା ବୋଲିବାରୁ ସେମାନଙ୍କୁ ୧ ଏକ ପୁସ୍ତକ ପାରିତୋଷିକ ସ୍ୱରୂପ ଦିଆଗଲା । ପରେ ପାଦ୍ରୀ ବେଲସାହେବ ଓଡ଼ିଆରେ ପିଲାମାନଙ୍କ ସଦାଚରଣରେ ନିରତ ହେବା ପାଇଁ ଦୁଇ ଚାରି ସାରକଥା କହିଲେ । ଅତଃପର ସଭାପତିଙ୍କି ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।

ପୁରସ୍କାର ବିତରଣ ଉପଲକ୍ଷରେ ସାଧାରଣତଃ ଯେଉଁ ଆଡ଼ମ୍ବର ଦେଖାଯାଏ ତାହା ନିତାନ୍ତ ନିଷ୍ପ୍ରୟୋଜନୀୟ ନୁହେଁ ବାଳକମାନଙ୍କୁ ଅଧିକତର ଉତ୍ସାହାନ୍ୱିତ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଟ୍ରେନିଂସ୍କୁଲରେ ଆଡ଼ମ୍ବରର ସମ୍ପୂର୍ଣ୍ଣ ଅଭାବ ସ୍କୁଲର ପୃଷ୍ଠପୋଷକମାନଙ୍କର ସରଳ ହୃଦୟତାର ପରିଚାୟକ ହେଲେହେଁ ତାହା ଅନୁମୋଦନ କରିବା ଯୋଗ୍ୟ ହେଲା ନାହିଁ ।

---

## ଉତ୍କଳପ୍ରଭା ।

ମୟୂରଭଞ୍ଜର ନୂତନମହାରାଜାଙ୍କର ସଙ୍କଳିତ ଉତ୍କଳପ୍ରଭା ଯହିଁ ନିମିତ୍ତ ସେ ତିନିମାସପୂର୍ବେ ବିଜ୍ଞାପନ ଦେଇଥିଲେ ତହିଁର ପ୍ରଥମ ସଂଖ୍ୟା ଗତ ବୈଶାଖମାସରେ ବାହାରିଅଛି ଏବଂ ଆମ୍ଭେମାନେ ତାହା ଅନ୍ୟୂନ ତିନିସପ୍ତାହପୂର୍ବରୁ ପାଇଥିଲେହେଁ ଅବକାଶ ଅଭାବରୁ ତହିଁ ପାଇଁ କୃତଜ୍ଞତା ସ୍ୱୀକାର ଏବଂ ପାଠକମାନଙ୍କୁ ତହିଁର ସମ୍ବାଦ ଦେବାରେ ବିଳମ୍ବ ହେବାରୁ ଦୁଃଖିତ ଅଛୁଁ ଓ ତହିଁପାଇଁ କ୍ଷମାପ୍ରାର୍ଥନା କରୁଅଛୁଁ । ଏଥିର ବିଜ୍ଞାପନରେ ମହାରାଜା ଲେଖି ଅଛନ୍ତି କି କେତେକ ସମ୍ବାଦପତ୍ରପାଠକଙ୍କର ଯୁକ୍ତିସଙ୍ଗତ ଆପତ୍ତି ଅନୁସାରେ ଉତ୍କଳପ୍ରଭାର କଳେବର ବୃଦ୍ଧି କରିଅଛନ୍ତି ଏବଂ ସମ୍ବାଦପତ୍ରର ସମ୍ପାଦକଙ୍କୁ ପ୍ରବନ୍ଧପରୀକ୍ଷାର ଭାର ଦେଇ ଅଛନ୍ତି । ନବୀନ ମହାରାଜାଙ୍କର ସାଧାରଣ ହିତପ୍ରଦ ଏପ୍ରକାର ଅନୁଷ୍ଠାନ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ବାସ୍ତବରେ ଏହା ବଡ଼ ଶୁଭଲକ୍ଷଣ ଅଟଇ । ତେବେ ସମ୍ପାଦକମାନଙ୍କୁ ପରସ୍କାର

Digitized by srujanika@gmail.com

ହିତ ହେବା ହଉନ୍ତି ଅଛଇ ଜାଣେ ସମ-
ାଲୋଚନା କରିବା ସେମାନଙ୍କର କର୍ତ୍ତବ୍ୟ କାର୍ଯ୍ୟ
ଥିଲା । ଏହି ପାଇଁ ବିଶେଷ ଅଳ୍ପ ସମୟରେ ଆବ-
ଶ୍ୟକତା ନ ଥିଲା ।

ଏହି ଅନୁଷ୍ଠାନର ଆକାର ଓ ମୂଲ୍ୟ ପୋଲ-
ଡିରେ ପୃଷ୍ଠା ସଂଖ୍ୟା ଏଥିରେ ସମ୍ପାଦକଙ୍କର
ସୂଚନା ଛଡ଼ା ଗୋଟିଏ ପଦ୍ୟ ଏବଂ ଗୋଟିଏ
ଗଦ୍ୟ ରଚନା ପ୍ରକାଶିତ ହୋଇଅଛି ଏବଂ
ଅଧିକାଂଶ ଲେଖକଙ୍କର ନାମ ପ୍ରକାଶିତ ହୋଇ
ଅଛି । ଏହି ସାତୋଟି ରଚନାମଧ୍ୟରୁ ଗୋଟିଏ
ସମ୍ପାଦକଙ୍କର ଏବଂ ଅବଶିଷ୍ଟ ଅନ୍ୟ ଲୋକଙ୍କର
ଥିବାର ଜଣାଯାଏ । ପ୍ରଥମ ଉଦ୍ୟମରେ ଏତେ-
ଗୁଡ଼ିଏ ଲେଖକଙ୍କ ସହାନୁଭୂତି ଓ ସହଯୋଗ
ଆକର୍ଷଣ କରିବା ଅତିଶୟ ଆଶାପ୍ରଦ ଅଟଇ
ଏବଂ ଏଥିରୁ ବୋଧ ହେଉଅଛି କି ଏଦେଶୀୟ
ଲେଖକଙ୍କ ଉତ୍ସାହ ଦେବା ଏବଂ ସେମାନଙ୍କର
ଲେଖା ପ୍ରକାଶ କରିବା ବିଷୟରେ ପତ୍ରିକା
ଯେଉଁ ଉପାୟ କରିଅଛନ୍ତି ତାହା ଅପ୍ରଶଂସନୀ-
ୟ ବା ଅସାମର୍ଥ୍ୟ ନୁହଇ ଏବଂ ଲେଖକମା-
ନଙ୍କର ଉତ୍ସାହ ଏହିପରି ରହିଲେ ଏପତ୍ରିକା
ବହୁକାଳସ୍ଥାୟୀ ହୋଇ ସମ୍ପୂର୍ଣ୍ଣ ପଥ ଉଦ୍ଦେଶ୍ୟ
ହେବ ନାହିଁ ।

ପ୍ରବନ୍ଧମାନଙ୍କ ସମ୍ବନ୍ଧରେ ବର୍ତ୍ତମାନ ଅସ୍ମେ-
ମାନେ କିଛି କହିବାକୁ ପ୍ରସ୍ତୁତ ନାହୁଁ । ସ୍ଥାନା-
ନ୍ତରେ ଏସମ୍ବନ୍ଧରେ ଖଣ୍ଡିଏ ପ୍ରେରିତପତ୍ର
ପ୍ରକାଶିତ ହେଲା । ପତ୍ରପ୍ରେରକ ଯାହା ଲେଖି-
ଅଛନ୍ତି କି କୌଣସି ପ୍ରବନ୍ଧ ଅନ୍ୟ ପୁସ୍ତକ ବା
ଭାଷାର ଅନୁବାଦ ବା ରୂପାନ୍ତର ବୋଲି ପ୍ରକା-
ଶର ଅଯୋଗ୍ୟ ଅସ୍ମେମାନେ ତାହିଁରେ ଐକ୍ୟ
ନୋହୁଁ । କାରଣ ଅସ୍ମମାନଙ୍କ ବିବେଚନାରେ
ଭଲ ପ୍ରସଙ୍ଗ ଲୋକଙ୍କୁ ଜଣାଇବାରେ ଦୋଷ
ନାହିଁ । କିନ୍ତୁ ଉପଯୁକ୍ତ ଅଛି ଅନ୍ତତଃ ଏହି ଉ-
ତ୍ସାହ ଯେଉଁ ପାଠକମାନେ ଅନ୍ୟଥାରେ ତାହା
ପଢ଼ି ନ ଥିବେ (ଏବଂ ସେପରି ପାଠକଙ୍କ ସଂଖ୍ୟା
ଅଧିକ ହେବା ସମ୍ଭବ ) ସେମାନଙ୍କର ଉପକାର
ହେବ ।

ସୂଚନାରେ ଲେଖାଅଛି କି " ଉତ୍କଳସାହି-
ତ୍ୟମଧ୍ୟରେ କେବଳ ଉପେନ୍ଦ୍ରଭଞ୍ଜ, ଧନକୃଷ୍ଣ-
ଭଟ୍ଟଙ୍କ ରଚିତ ଖଣ୍ଡ ଦଶ କାବ୍ୟ ଜଗନ୍ନାଥ-
ଦାସଙ୍କ ଭାଗବତ ଏବଂ ସାରଳାଦାସଙ୍କ ମହାଭାରତ
( ସାରଳାଦାସେ ସମ୍ପୂର୍ଣ୍ଣ କେବେ କରିଥିଲେ
ଓ ତାହା କେଉଁଠି ଏବେ ମଧ୍ୟ ଶୁଣାଯାଏ । )
ଓ ମହାଭାରତ ଅଛି । ଏହା ଗୋଟିଏ ଜାତିର
ସାହିତ୍ୟରୁ ଲକ୍ଷ କି ? ପୁଣି ଉକ୍ତ ଗ୍ରନ୍ଥ ଶତ ଅଙ୍କ
ସମ୍ବନ୍ଧୀୟ ଏମାନଙ୍କର ଉନ୍ନତି ହେବା ଦୂରରେ ଥାଉ
ବରଂ ଅଧୋଗତି ହେଉଅଛି । " ଏଥିର ଏହି
କାରଣ ଲେଖକ ଦର୍ଶାଇ ଅଛନ୍ତି କି ଇଂରାଜୀଶିକ୍ଷିତ
ଲୋକଙ୍କର ଚାପ ଥିଲେ ହେଁ ଅନ୍ୟ ସମ୍ପ୍ରଦାୟ
ଦଳ ଦଳହୋଇ ସେମାନଙ୍କ ଗ୍ରନ୍ଥମାନ ଏହି
ଦୂଷିତ ହୋଇଅଛି ଓ ତାହା ସବୁ ସମାଜର
ବୈଗୁଣ୍ୟ ଜନ୍ମାଇବାକୁ ଏକା ସକ୍ଷମ । ସେ
କହି ଅଛନ୍ତି କି " ଯେଉଁ ଗ୍ରନ୍ଥ ପାଠ କଲେ
ଧର୍ମଜ୍ଞାନ ସ୍ୱଧାରଣ ଲୋକର ହୃଦୟ ଉର୍ଦ୍ଧ୍ୱ ବୋଧ
ହେବ ଏବଂ ଯାହା ସମସ୍ତଙ୍କ ଆକର୍ଷିତ କରିବ-
ଗଠନ ଓ ଯାହାଙ୍କଠାରୁ ଶିକ୍ଷା ନେଇ ସହଯୋଗ
କରି ପାରେ ତାହା ଉକ୍ତ ସାହିତ୍ୟ ଅଛି
ଏକଲ ସାହିତ୍ୟ ଓଡ଼ିଆରେ ନାହିଁ । " ଏଥି
ରେ ଯେଉଁ ସମ୍ପ୍ରଦାୟ ଅନାଦର ଏବଂ ଅଜ୍ଞତା
ଓ ଉଗ୍ରପଣ ପରିଚୟ ଦେଖାଯାଉଅଛି
ତାହା କହାନ୍ତି ଶୋଚନୀୟ ଅଟଇ । କଏ କହି-
ଲେ ଯେ ରାମାୟଣ ମହାଭାରତ ଆଦି ଉଚ୍ଚ
ଗ୍ରନ୍ଥ ହୋଇଦେଇ ଏବଂ ଏହି ଶ୍ରେଣୀର ଗ୍ରନ୍ଥ ସଭ୍ୟ
ପୁସ୍ତକ ଯାହା ଓଡ଼ିଆ ଭାଷାରେ ପ୍ରଚଳିତ ଅଛି
ତାହାର ଆଲୋଚନା, ଶିକ୍ଷା ଗଠନ, ଉନ୍ନତି,
ଜ୍ଞାନ ଦେବାବିଷୟରେ ଉପଯୋଗୀ ନୁହଇ ?
ଉପେନ୍ଦ୍ରଭଞ୍ଜ ଧନକୃଷ୍ଣଭଟ୍ଟଙ୍କର ' ଖଣ୍ଡଦଶ '
କାବ୍ୟ ତାହାଙ୍କର ଦର୍ଶନୀୟ ସାହିତ୍ୟପ୍ରସୂନ ଓଡ଼ି-
ଆରେ ରହିଅଛି ଓ ତାହାଙ୍କୁ ଅନେକ ପୁସ୍ତକ
ଏଥିମଧ୍ୟରେ ମୁଦ୍ରିତ ହୋଇ ସର୍ବସାଧାରଣଙ୍କର
ଭାବପ୍ରକାଶ ଓ ମନୋରଞ୍ଜନର ହେତୁ ହୋଇ
ଅଛି । ଅଧରସ ପ୍ରଥମ ବୋଲି ଲେଖକ
ସେହି ସବୁର ନିନ୍ଦା କରିଅଛନ୍ତି ମାତ୍ର ଅଧରସ-
ମାନଙ୍କେ କି ନିନ୍ଦାରହସ୍ୟ ଏବଂ କେଉଁଜାତିର
ସାହିତ୍ୟରେ ଅଧରସ ନାହିଁ ? ବିଶେଷତଃ
ଉପେନ୍ଦ୍ରଭଞ୍ଜଙ୍କ ପୁସ୍ତକମାନ କଳଙ୍କ
ଶିକ୍ଷାନିମିତ୍ତ ହୋଇ ନାହିଁ ଭାବ୍ୟ ଲୋକଙ୍କ ଚିତ୍ତ-
ବିନୋଦ ନିମିତ୍ତ ହୋଇଅଛି ଏବଂ କାଳେ ମୂର୍ଖ-
ଲୋକ ତାହାର ରସାସ୍ୱାଦନ କରିବାକୁ ଅକ୍ଷମ
ହୋଇ ବିପରୀତ ଫଳଲାଭ କରନ୍ତି ଏଥିପାଇଁ
ସେ କାର ଲୋକଙ୍କୁ ଉକ୍ତ ଗ୍ରନ୍ଥମାନ ପଢ଼ିବା-
ସକାଶେ ଉତ୍ସାହ ପୁନଃ ପୁନଃ ନିଷେଧ କର-
ଅଛନ୍ତି । ଫଳତଃ ଭକ୍ତି ଓ ଆଦିରସ ସହିତ
ପ୍ରୀତି ଛଡ଼ା ଅନ୍ୟ, କୌଣସି ରସ ସୃଷ୍ଟି କରିବା
ଇତ୍ୟାଦି ବିଷୟରେ ମଧ୍ୟ ଓଡ଼ିଆରେ ପୁସ୍ତକ-
ମାନ ରହିଅଛି । ଦୁଃଖର ବିଷୟ ଯେ ଆଧୁନିକ
ଇଂରାଜୀଶିକ୍ଷିତ ଲୋକମାନେ ତାହା ସବୁ ନ ଦେଖି
ନ ଶୁଣି ଲୁଣ୍ଠନାରମ୍ଭଃ କେବଳ କଥା କହି-
ବାରେ ପଟୁ, ସାର ଗ୍ରହଣ କରିବାର ଶକ୍ତି
ଏମାନଙ୍କଠାରେ ବହୁତ ଅଳ୍ପ । ଏହିପରି ଏକ-
ଦୃଷ୍ଟ ଲୋକଙ୍କଦ୍ୱାରା କୌଣସି ଉପକାର ହେବା-
ର ଆଶା ଦେଖାଯାଏ ନାହିଁ । ଅବଶ୍ୟ ଉନ୍ନତି ସମସ୍ତଙ୍କର
ବାଞ୍ଛନୀୟ ଏବଂ ତହିଁର ଚେଷ୍ଟା କରିବା କର୍ତ୍ତବ୍ୟ
ଏବଂ ବଡ଼ ସୁଖର କଥା । କିନ୍ତୁ ଯାହା ଅଛି
ତାହା ନ ଜାଣି କେବଳ ଘୃଣିତ କେବଳ ଉପ-
ହାସ କରିବା ଜନକର ସଦୃଶୀୟ ନୁହଇ ।
ଦଳିଜନ୍ତୁ ଭାବ ଯେ ଦ । ଯେତେବେଳେ ହେଉନା
କି ସାହିତ୍ୟର ଚେଷ୍ଟା ଛଡ଼ି ପ୍ରଚଳିତ ସାହି-
ତ୍ୟ ଦୋଷ ଗୁଣ ସମାଲୋଚନା ପୂର୍ବକ ସର୍ବ-
ସାଧାରଣଙ୍କର ଜ୍ଞାନ ଓ ରୁଚି ବୃଦ୍ଧିର ଯତ୍ନ କର-
ିବେ ତେବେ ସେ ଉତ୍କଳ ସାହିତ୍ୟର ଅନେକ
ଉନ୍ନତି କରିବାକୁ ସମର୍ଥ ହେବେ ।

---

## ସାପ୍ତାହିକ ସମ୍ବାଦ ।

ଗତ ବୁଧବାର ସକାଳ ଥିଲା । ସେଦିନ ଅଳ୍ପ ବାରିଷା
ହୋଇଥିବା ବଜାଅଛି ବୃଷ୍ଟି ହୋଇଥିଲା । ଅତ୍ର
ଭଗ୍ନ ଗଡ ଦୃଷ୍ଟିର ମେ ଉତ୍ତାପ ଅଳ୍ପ ପ୍ରବଳ
ହୋଇ ହେଉଅଛି ।

### କଲିକତା-ଗେଜେଟ ।

ବାବୁ ଜଗନ୍ନାଥଙ୍କ ଓ ଲେଃ କରେଲ ଜ
ଅଫିସରରେ ଥିଲେ ଓ କଟକରେ ଟେଲିଗ୍ରାଫ ଲି
କେନ୍ଦ୍ର ନୂଆ ବଙ୍ଗଳା ଗଭର୍ଣ୍ଣମେଣ୍ଟର ଭଲଛିଂଆରୀ
କାର୍ଯ୍ୟବିଭାଗର ଅଧୀନରେ ଅବସ୍ଥାପିତ ହେଲେ ।

ପୁଣି ବିଶିଷ୍ଟ ବାବୁ ଗୋବିନ୍ଦ ପ୍ରସାଦ କମିଶନ ନଗର
ଓ ମାନ୍ଦ୍ରାଜ ମେଡିକା ଓବରଙ୍କ ସୀମା ଜର୍ଜ ହେବାର
ଆଦେଶ ହୋଇଅଛି ।

ବାବୁ ରାମଚନ୍ଦ୍ର ମିଃ ଜେ ଆର୍ କେଲି ହର୍ଣ୍ଣିଆଙ୍କ-
କାର ପୂର୍ବ ମୋକାମରେ ନିଯୁକ୍ତ ହେଲେ ।

ବୋମ୍ବେ ଜିମୁତ ଗୃହୀତ ରାତିରେ ଦେଶୀୟ ସହ
ବଳ ଅବଧି ସମ୍ଭାବ୍ୟ ଜନ୍ମ ନିର୍ଦ୍ଧିଷ୍ଟ ମିଳିତ ପ୍ରତି
ଦିନ ହେଉ । ଯଥା କଟକ, ମେଦିନୀପୁର, ସାଲେପୁର,
ପୁରୀ ଓ ବାଲେଶ୍ୱର ।

ଓଡ଼ିଆ ଲଣ୍ଡନ ମିଶନ ଚୋଟି ସ୍ଥାପନାର ଅଧିକାରୀମାନେ
ଇଂରାଜୀ ସାମାଜିକମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | | | |
|---|---|---|---|
| କୁମାରେଶ | କଟକ | ବୃତ୍ତି | ମିତ୍ରେଶ୍ୱର |
| ଧୋବଲ୍ଲନ୍ଦସ | ପୁରୀ | କେଲ ଓ ସୋରସ ହସ୍ପିଟାଲ | |

ଦେଇ ରେଲୁ ସ୍ଥାନ ବାଲେଶ୍ୱର
କଟକରୁ କେଲ ପ୍ରତି ଝଳପଡ଼ା ଇଲ

ପ୍ରାକ୍ଷୁଣ୍ଣ ଉପ ଗୁଣ ହେଉଥିଲେ ଭାଲୁଙ୍କ ହୋଇ ଦେଶୀୟ ନଗରରେ ଅନେକ ଲୋକ ଅନ୍ନାଭାବରେ ଉଦ୍ଦୀତା ଲାଭ କରୁଅଛନ୍ତି ।

ଶାଳ ଜଳାକର ବାସ ଦଲ ମିଉନିସିପାଲିଟୀର ଚେଷ୍ଟା ଦ୍ୱାରା ପରେଲ ନିର୍ମାଣ ହୋଇଅଛନ୍ତି ।

---

କଟକଠାରେ ଅବସ୍ଥିତ ଠାରେ ହୋଟେଲ ... [illegible]

[illegible]

ଏହି ଯେଉଁମାନେ ... ଦୁର୍ଭିକ୍ଷ ... ହେଉଛି ।

[illegible]

କଟକ ହୋଟେଲ ... [illegible]

[illegible]

ସ୍ଥାନୀ-ସମ୍ବାଦ ।

[illegible]

---

Digitized by srujanika@gmail.com

## ଯାଜପୁର-ସମ୍ବାଦ ।

ଗତମାସ ସେ ବାବୁ ଗୋପିନାଥ ଘୋଷ ଏଠାକୁ ସବ୍ ଇନସ୍ପେକ୍ଟର ହୋଇ ଆସିଥିଲେ । ଏ ମହାଶୟ ଅଳ୍ପ ଦିନ ମଧ୍ୟରେ ଲୋକମାନଙ୍କ ପ୍ରୀତିଭାଜନ ହୋଇଅଛନ୍ତି ।

ଶ୍ରୀସ୍ତଂଭାଗ ସକାଶେ ସ୍ଥାନୀୟ ଲୋକମାନେ ଶଙ୍କିତ ହୋଇଅଛନ୍ତି । ସ୍ଥାନୀୟ ଲୋକମାନଙ୍କ ପକ୍ଷ ଶଙ୍କା ଅଛି । ଏହାଦ୍ୱାରେ ଏବେମାତ୍ର ଏକ ପକ୍ଷରେ କାର୍ଯ୍ୟ ହୋଇଥିଲା । ଆଜ୍ଞା ଓ ପାଳନାର ପ୍ରଥମ ବର୍ଷ ବାବୁ ମାଜିଷ୍ଟ୍ରେଟ ଏଠାରେ ଆସିବେ ବୋଲି ଶୁଣାଯାଉଅଛି ।

ବର୍ତ୍ତମାନ ଉମେଦାରମାନଙ୍କ ଦେଖା ଦେଇ ପାରୁନଥିବା ଓ ଅଧୀନ କର୍ମଚାରୀ ନିର୍ବାଚିତ ଲୋକମାନଙ୍କର ଏ ବିଷୟରେ ମତ ଜଣାଇବା ଉଚିତ ସମ୍ବାଦ ଆସିଅଛି ।

ଅସ୍ମାମାନଙ୍କ ବହୁଦିନ ସାଧାରଣ ଚାନ୍ଦା ଏହି ପ୍ରତିଷ୍ଠାନ ଏହିପରି ଉପରେ ସେବକ କାର୍ଯ୍ୟରେ ନିଯୁକ୍ତ ହେଲେ କଥା ମିଳିଲା ନାହିଁ । ମାତ୍ର ସାମ୍ପ୍ରତ ମଞ୍ଜୁର ହୋଇ ନିଷ୍ପତ୍ତି ପର ନ୍ୟାୟ ପରୀକ୍ଷାରେ ହୋଇଲେ ଅସମ୍ଭବ ଏ ବିଷୟରେ ସହାୟ ନିଶ୍ଚୟ ରଖିବା ହେବ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେ-ମାନେ ଦାୟୀ ନାହୁଁ ।

---

ମାନନୀୟ ଶୀଳ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟେଷୁ ।

ମହାଶୟ !

ଅମ୍ଭର ଅଧଃପ୍ରକାଶିତ କେତେକ ପଂକ୍ତିକୁ ସଂଶୋଧନ ପୂର୍ବକ ଆପଣଙ୍କ ଲଗଦ୍ଧ ପତ୍ରିକାରେ କୌଣସି ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଅମ୍ଭର ଜନ୍ମ ସ୍ଥଳରେ ଅନେକ ପ୍ରାୟ ସପ୍ତମ ବର୍ଷ ହେବ ଗୋଟିଏ ଅର୍ବୁଦ ରୋଗର ଚିହ୍ନ ତାହା କ୍ରମଶଃ ବୃଦ୍ଧି ହୋଇ ଗୋଟିଏ ବୃହତ୍ ଗୁଣ୍ଡାକର ଆକାର ଧାରଣ ପୂର୍ବକ ବହୁଳ କଷ୍ଟ ପ୍ରଦାନ କରୁଥିବାରୁ ତହିଁର ଚିକିତ୍ସା ନିମନ୍ତେ ଚିକିତ୍ସକଙ୍କ ଦ୍ୱାରା ଦେଖାଇବା ପାଇଁ ଅମ୍ଭେ ଅନବରତ ଚିନ୍ତିତ ଥିଲୁଁ । କିନ୍ତୁ ଇତି-ପୂର୍ବେ ପ୍ରାୟ ଛଅମାସ ହେବ ଅନୁଗୋଳ ଦୁର୍ଗକୁ ଶ୍ରୀଯୁକ୍ତ ବାବୁ ଉପେନ୍ଦ୍ରନାଥ ସୂର ଆସିଷ୍ଟାଣ୍ଟ ସର୍ଜନ ମହୋଦୟ ଆଗମନ କରିଥିବାର ଶୁଣି ହୋଇ ଅମ୍ଭର ଜନ୍ମସ୍ଥିତ ବ୍ୟାଧିଟିକୁ ତାହାଙ୍କଠାରେ ଚିକିତ୍ସା କରାଇବା ସକାଶ ବିଶେଷ ଅନୁନୟ ସହିତ ଅନୁଗୋଳ ଦୁର୍ଗକୁ ଯାଇ ବାବୁ ମହୋ-ଦୟଙ୍କଠାରେ ସାକ୍ଷାତ କରିବାରେ ସେ ମହାତ୍ମା ଅମ୍ଭର ରୋଗଟିକୁ ଉତ୍ତମରୂପ ପରିଦର୍ଶନ କରି ଗତ ମାର୍ଗଶୀର ତା ୨୯ ରିଖ ଦିନ ପ୍ରାତଃ ସମୟରେ ଅସ୍ତ୍ରଦ୍ୱାରା ରୋଗର ଉପରେ ଥିବା ଚର୍ମାବରଣକୁ କର୍ତ୍ତନ କରି ଅଭ୍ୟନ୍ତରସ୍ଥିତ ଅର୍ବୁଦଟିକୁ ବାହାର କରିଦେଇ ଅଣାଯାଇ ସ୍ଥଳର ଚର୍ମକୁ ସେଲାଇ ଦ୍ୱାରା ସିଲାଇ କରିଦେଲେ, ଏବଂ ତଦୁପରି ଅବ୍ୟର୍ଥ ମହୌଷଧ ଓ ଚିକିତ୍ସା ପ୍ରଣାଳୀ ପ୍ରଦାନ କରି ପଟି ବନ୍ଧନ କରିଦେଲେ । ପ୍ରୋକ୍ତ ସମୟରେ ଅମ୍ଭେ ଅଚେତ ଥାଇ ଉପରଲିଖିତ ପ୍ରକ୍ରିୟା-ଗୁଡ଼ିକ ସ୍ୱୟଂ ଜାଣିନାହୁଁ । ତହିଁର ଅଷ୍ଟମ ଦିବସର ପ୍ରତ୍ୟୁଷ କାଳରେ ପୂର୍ବୋଲ୍ଲିଖିତ ଦିଆ-ଯାଇଥିବା ବାନ୍ଧଣକୁ ମହାତ୍ମା ଡାକ୍ତର ବାବୁ କର୍ତ୍ତନ କରି ବାହାର କରିଦେବାରୁ ଅମ୍ଭେ ତାହା ନେତ୍ରଯୁଗରେ ଜାଣିଲୁଁ ଯେ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରିଅଛୁଁ । ଏଣୁ ଉକ୍ତ ମହା-ତ୍ମାଙ୍କ ମଙ୍ଗଳ କାମନା କରି ବିଦାୟ ହୋଇ ଆସିଲୁଁ । ସମ୍ପ୍ରତି ରୋଗମୁକ୍ତ ହୋଇଥିବା ସ୍ଥଳ ଅମ୍ଭର ଆତ୍ମୀୟ ବନ୍ଧୁବର୍ଗମାନେ ଦେଖି ଓ ଅମ୍ଭଠାରୁ ଡାକ୍ତର ବାବୁଙ୍କର ଏବମ୍ଭୂତ କାର୍ଯ୍ୟା-ବଳୀ ଶ୍ରବଣ କରି ଆମ୍ଭ ସହ ମୁକ୍ତକଣ୍ଠରେ ସାଧୁବାଦ କରୁଅଛନ୍ତି । ଅମ୍ଭେ ମଧ୍ୟ ଈଶ୍ୱରଙ୍କ ସ୍ଥାନରେ ଏହି କାମନା କରୁଅଛୁଁ କି ସେଇକୁ ସେଇ ମହାତ୍ମାଙ୍କର ପଦ, ମର୍ଯ୍ୟାଦା, ଗୌରବ ଓ ପରୋପକାର ଗୁଣ ବୃଦ୍ଧିକୁ ଲଭୁଥାନ୍ତୁ । ମଧ୍ୟ ବାବୁ ମହୋଦୟ କ ଧନୀ, କ ଦରିଦ୍ର, କ ଇତର କ ଭଦ୍ର ସମସ୍ତ ପ୍ରକାର ରୋଗୀକୁ ସମାଦର ସହିତ ଚିକିତ୍ସା କରନ୍ତି ।

୨୭।୬।୯୧ } ଶ୍ରୀଗୋପୀନାଥ ମିଶ୍ର ମୋହରର
ଅନୁଗୋଳଦୁର୍ଗ } ମଃ ଦେଓସ୍ଥାନ କାଃ ଅନୁଗୋଳ

---

ମହାଶୟ !

ଇତିପୂର୍ବେ ଉତ୍କଳ-ପ୍ରଭାର ବିଜ୍ଞାପନ ପାଠ କରି ଅସ୍ମାମାନଙ୍କର ହୃଦୟରେ ଯେଉଁ ସନ୍ଦେହ ଉପସ୍ଥିତ ହୋଇଥିଲା, ଉତ୍କଳ-ପ୍ରଭାର ପ୍ରଥମ-ସଂଖ୍ୟା ପାଠ କରି ତାହା ଦୂରୀଭୂତ ହେଲା । ଅବଶ୍ୟ "ଝାଡ଼ଖଣ୍ଡ ବାଦଶା ନବୁଡ଼କଞ୍ଜିଆପତ ଯେତେବେଳେ ଉତ୍କଳ-ପ୍ରଭାର ପୋଷଣକର୍ତ୍ତା, ସେତେବେଳେ ତାହାର ଅର୍ଥାଭାବ ହେବାର ସମ୍ଭାବନା ଅଳ୍ପ" । ତହିଁରେ ଆଉ ସନ୍ଦେହ ନାହିଁ । କିନ୍ତୁ ଅର୍ଥ ଭାବ ମୋଚନ ହେଲେ ଯେ, ମାସିକ ପତ୍ରିକାର ସମସ୍ତ ଅଭାବ ପୂର୍ଣ୍ଣ ହେଲା, ଏହା କଦାପି ବୋଲିଯାଇ ନ ପାରେ । ଅର୍ଥା-ଭାବ ପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ମାସିକ ପତ୍ରିକାଗୁଡ଼ିକ ସାରବାନ୍ ପ୍ରବନ୍ଧମାନଙ୍କରେ ପୂର୍ଣ୍ଣ ହେବା କର୍ତ୍ତବ୍ୟ । ନୋହିଲେ ମଧ୍ୟ ଲାଭାଧିପତ ଅଭାବରେ ସାଧୁ ଉଦ୍ଦେଶ୍ୟରେ ଯେଉଁ ଅର୍ଥ ବ୍ୟୟ କରି-ବାକୁ ଅଗ୍ରସର ହେଉଅଛନ୍ତି, ତାହା ଅପବ୍ୟୟ ହେବାର ସମ୍ଭାବନା । ଉତ୍କଳ-ପ୍ରଭା ପ୍ରଥମ ସଂଖ୍ୟା ତାହାର ନିଦର୍ଶନ ଅଟେ । ତହିଁରେ "ସାମାଜିକ ନିର୍ଯ୍ୟାତନ" ନାମକ ଯେଉଁ ପ୍ରବନ୍ଧ ପ୍ରକାଶିତ ହେଉଅଛି ତାହା ସୁପ୍ରସିଦ୍ଧ ବଙ୍ଗଦେଶୀୟ ରଚ ଲେଖକ ବାବୁ ଯୋଗେନ୍ଦ୍ରନାଥ ଅ-ବଦାନଭୂଷଣ, ଏମ, ଏଙ୍କର ପ୍ରଣୀତ ଏବଂ ଆର୍ଯ୍ୟଦର୍ଶନରେ ପ୍ରକାଶିତ "ବୈଦଶିକ ସମ୍ମି-ଶ୍ରଣ ଓ ତାହାର ଉପକାରିତା" ଏବଂ "ସାମା-ଜିକ ନିର୍ଯ୍ୟାତନ" ନାମକ ବଙ୍ଗଳା ପ୍ରବନ୍ଧଦ୍ୱ-ୟର ଅନୁବାଦ ମାତ୍ର ହେଲେ ସୁଦ୍ଧା ସ୍ୱୀକୃତି ହେବ ନାହିଁ । ବର୍ତ୍ତମାନ ଉକ୍ତ ପ୍ରବନ୍ଧଦ୍ୱୟ ଅନ୍ୟାନ୍ୟ କେତେକ ପ୍ରବନ୍ଧ ସହିତ "ହୃଦୟୋଚ୍ଛ୍ୱାସ" ନାମକ ପୁସ୍ତକାକାରରେ ବଙ୍ଗଭାଷାରେ ପ୍ରକାଶିତ ହୋଇଅଛି । ଉକ୍ତ ପୁସ୍ତକର ୮୪ ପୃଷ୍ଠାଠାରୁ ୧୦୮ ପୃଷ୍ଠାପର୍ଯ୍ୟନ୍ତ ପାଠ କରି ଉତ୍କଳ-ପ୍ରଭା-ରେ ପ୍ରକାଶିତ "ସାମାଜିକ ନିର୍ଯ୍ୟାତନ" ପ୍ରବନ୍ଧକୁ ମିଳାଇ ଦେଖିଲେ, ପାଠକମାନେ ଉତ୍ତମରୂପେ ବୁଝିପାରିବେ ଯେ, ଏହା ବଙ୍ଗଳା ପ୍ରବନ୍ଧଦ୍ୱୟର ଭାଷାନ୍ତର ଓ ରୂପାନ୍ତର ମାତ୍ର ହେବେ ନୌକା ନେକର ଶବ୍ଦ-ଶବ୍ଦ ଏପରି ମାତ୍ର ପାଣ୍ଡିତ୍ୟ ପ୍ରକାଶ କରାଯାଇଅଛି ଯେ, ସେ-ମଧ୍ୟେ ଦୁଇଗୋଟି ଶବ୍ଦ ଛାଡ଼ିଦେଇ, ଅଠେଇଶ ସାହାଯ୍ୟରେ ଗୋଟିଏ ଗୋଟିଏ ପ୍ରତିଶବ୍ଦ ଯୋଗାଇ ଉକ୍ତ ପ୍ରବନ୍ଧକୁ ସ୍ୱକପୋଳକଳ୍ପିତ-ରୂପ ଦେଖାଇବା ନିମନ୍ତେ ଯଥେଷ୍ଟ ପରି-ଶ୍ରମ ଓ ଯତ୍ନ କରିଅଛନ୍ତି । ଇତିମଧ୍ୟେ ସମ୍ପାଦକ କର୍ତ୍ତା ବିଶେଷ ଧନ୍ୟବାଦର ପାତ୍ର, ଏବଂ ଅସ୍ମେ-ମାନେ ଆଶା କରୁଁ ଯେ, ପ୍ରସ୍ତାବକ ପୁରସ୍କାରମ-ଧରୁ ସେ ଗୋଟିଏ ପାଇବାର ଉପଯୁକ୍ତ ।

"ହିନ୍ଦୁ ଆର୍ଯ୍ୟମାନଙ୍କର ପ୍ରାଚୀନ ସଭ୍ୟତାର ଇତିହାସ" ନାମକ ପ୍ରବନ୍ଧ ଯେତେବେଳେ ଗ୍ରନ୍ଥାକାରରେ ଇଂରାଜୀ ଭାଷାରେ ପ୍ରକାଶିତ ଓ "ନବ୍ୟ ଭାରତରେ" ବଙ୍ଗଭାଷାରେ ତାହାର ଅନୁବାଦ ପ୍ରକାଶିତ ହେଉଅଛି, ସେତେବେ-ଳେ ତାହା ଉତ୍କଳଭାଷାରେ ପ୍ରକାଶିତ କରି ଏହାର କ୍ଷୁଦ୍ର କଳେବରର କେତେକ ପୃଷ୍ଠା ଅକାରଣରେ ପୂର୍ଣ୍ଣ କରିବା ଅପେକ୍ଷା ଅନ୍ୟାନ୍ୟ ନୂତନ ପ୍ରବନ୍ଧମାନ ସନ୍ନିବେଶିତ କଲେ ଅସ୍ମାମାନଙ୍କର ବିବେଚନାରେ ଭଲ ହେବ ।

Split by PDF Splitter
Digitized by srujanika@gmail.com

ନବ "ଶୋଚିଏ [କବିତା"ରେ ମାଇକେଲ ଛନ୍ଦରେ ସରସ୍ୱତୀ ଦେବୀଙ୍କି ଯେଉଁ ଆବାହନ କରିଅଛନ୍ତି, ତାହା ଆମ୍ଭମାନଙ୍କୁ ନିତାନ୍ତ ନୀରସ ବୋଧ ହେଲା । ଏପରି କବିତାଦ୍ୱାରା ପତ୍ରିକାର କଲେବର ପୂର୍ଣ୍ଣ ହେଲେ "ଉତ୍କଳପ୍ରଭାର" ପ୍ରଭା ଦିନକୁଦିନ ନିଷ୍ପ୍ରଭ ହୋଇଯିବ ।

ସମ୍ପାଦକଙ୍କର ବାବୁ ଉତ୍କଳଦେଶର ଜଣେ ଲବ୍ଧପ୍ରତିଷ୍ଠ ଲେଖକ । ଅମ୍ଭେମାନେ ତାହାଙ୍କର "ବିବାସିନୀ" ଉପନ୍ୟାସର ଦୁଇ ଅଧ୍ୟାୟ ପାଠକରି ପରମ ପରିତୃପ୍ତ ହେଲୁଁ । ତାହାଙ୍କ ପରି ଲେଖକଙ୍କର ପ୍ରବନ୍ଧଦ୍ୱାରା ପତ୍ରିକାର କଲେବର ଯେତେ ପୂର୍ଣ୍ଣ ହେବ, "ଉତ୍କଳ-ପ୍ରଭାର" ଜ୍ୟୋତି ଦିନକୁଦିନ ସେତେ ପ୍ରଖର ହେବ ।

ଅତଏବ ଆମ୍ଭମାନଙ୍କର ବିବେଚନାରେ ଅପକୃଷ୍ଟ ପ୍ରବନ୍ଧାଦିଦ୍ୱାରା କଲେବର ପୂର୍ଣ୍ଣ କରି ଏବଂ ତଦ୍ରୂପ ଲେଖକଙ୍କୁ ପୁରସ୍କାର ବିତରଣଦ୍ୱାରା ଉତ୍କଳ ସାହିତ୍ୟର ସମ୍ବନ୍ଧରେ ଉତ୍ସାହ ଦେବା ଠିକ ନୁହେଁ, ବରଂ ତଦ୍ୱାରା ଉତ୍କଳ ସାହିତ୍ୟର ଅବନତି ଏବଂ ସ୍ୱକୀୟ ମସ୍ତିଷ୍କପ୍ରସୂତ ପ୍ରବନ୍ଧମାନ ବିରଳ ହୋଇ ଉଠିବ । ଯେଉଁମାନେ ଇତିପୂର୍ବେ ପୁସ୍ତକ ରଚନା ସମ୍ବାଦପତ୍ରାଦି ସମ୍ପାଦନଦ୍ୱାରା ଉତ୍କଳସାହିତ୍ୟ ସଂସାରରେ ଲବ୍ଧପ୍ରତିଷ୍ଠ ହୋଇଅଛନ୍ତି, ସେମାନଙ୍କମଧ୍ୟରୁ କେତେ ଜଣଙ୍କୁ ନିର୍ଦ୍ଦିଷ୍ଟ ଲେଖକବୋଲି ମନୋନୀତ କରି, ସେମାନଙ୍କସହିତ ପ୍ରତ୍ୟେକ ପ୍ରବନ୍ଧମତେ ନିର୍ଦ୍ଦିଷ୍ଟ ପାରଶ୍ରମିକ ନିର୍ଦ୍ଧାରିତ କରି, ଉକ୍ତ ଲେଖକମାନଙ୍କର ପ୍ରବନ୍ଧମାନ "ଉତ୍କଳପ୍ରଭାରେ" ପ୍ରକାଶିତ କଲେ, ଏହା ଜନସମାଜରେ ଆଦୃତ ଓ ଅର୍ଥବ୍ୟୟର ସାର୍ଥକତା ସମ୍ପନ୍ନ ହେବ ।

ନିବେଦକ

ଶ୍ରୀ ଅନଙ୍ଗମୋହନ ଚକ୍ରବର୍ତ୍ତୀ ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଯୋଗିକେଶ୍ୱର | କଟକପୁର | ଟ ୩ ୯ |
| „ ବୃନ୍ଦାବନଚନ୍ଦ୍ର ଦୁଇଷ୍ଠ | ଗଡହିସ | ଟ ୩ ୯ |
| ଦାନୀ ବଳେ | କସାବନ୍ତ | ଟ ୩ ୯ |
| ବାବୁ ହରେକୃଷ୍ଣ ତ୍ରିପାଠୀ | ଗୁଣ୍ଡୁପୁର | ଟ ୩ ୯ |
| „ ଜ୍ଞାନରଞ୍ଜନ ଦାସ | ବାଲିହୁଡା | ଟ ୬ ୯ |
| „ ଚତୁରାଶି ପୁଜାରୀକ | ଅନୁଗୁଳ | ଟ ୯ |

# ବିଜ୍ଞାପନ ।

ଓଡିଶା ମେଡିକାଲ ସ୍କୁଲର ପଞ୍ଚବର୍ଷୀୟ କ୍ଲାସ ପାଇଁ ୧୬ ଗୋଟି ବୃତ୍ତି ଖାଲି ଅଛି ଅଧ୍ୟୟନେଚ୍ଛୁ ବାଳକମାନେ ଆପଣା୨ ପ୍ରଶଂସାପତ୍ର ସହିତ ଆସନ୍ତା ଜୁନମାସ ତା ୧ ରଖରେ କଟକ ଜେନେରଲ ହସ୍ପିଟଲରେ ଉପସ୍ଥିତ ହେବେ, ପ୍ରକାଶ ଥାଉ କି ଯେଉଁମାନେ ମାଇନର ଓ ଏଣ୍ଟ୍ରେନ୍ସ ପାଶ କରିଥିବେ ସେହିମାନେ କେବଳ ଏହି ବୃତ୍ତି ପାଇବେ ।

ଲେଡି ଡଫରିନଫଣ୍ଡରୁ ଗୋ ୩ ଟି ବୃତ୍ତି ଖାଲି ଅଛି କୌଣସି ହିନ୍ଦୁ ବା ମୁସଲମାନ ବାଳିକା ଅଧ୍ୟୟନ ପାଇଁ ଇଚ୍ଛା କଲେ ଉକ୍ତ ବୃତ୍ତି ପାଇ ପାରିବେ ପ୍ରକାଶ ଥାଉ କି ଏହା ମାସିକ ୬ ୮ ଙ୍କାଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ଅଟେ ।

Cuttack 14-5-91 } J. M. JORAB, M. B. Superintendent Medical School.

Wanted a Head Clerk for the Court of Small Causes, Cuttack, on a salary of Rupees 100 per mensem.

Applications with testimonials will be received by the undersigned up to the 30th. current.

Cuttack Judge's Court, 15—5—91. } B. L. GUPTA District Judge.

NOTICE.

Wanted an Accountant and Clerk on a salary of Rs 25 per month for the office of the Manager of Pal-Lahara. None need apply who is not an under graduate of the Calcutta University and has no official experience in keeping accounts and correspondence.

Applications with testimonials will be received by the undersigned up to the end of the Current Month.

Pal-Lahara 3-5-91 } Gour Chandra Sen Offg. Manager.

ଅତି ସୁଲଭ ମୂଲ୍ୟ ।

# ଥିଏଟରସଂଗୀତ
# ବା
# ନାଟକଗୀତ ।

ଏହି ପୁସ୍ତିକାରେ ସୁଲଲିତ ଉତ୍କଳସ୍ୱରର ଓ ଅଧିକାଂଶ ବଙ୍ଗଳା ଓ ହିନ୍ଦୁସ୍ଥାନୀସ୍ୱରର ଅନୁକରଣରେ ଉତ୍ତମ ନୂତନ ପ୍ରକାର ଗୀତମାନ ସନ୍ନିବେଶ ହୋଇଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ମୂଲ୍ୟ ଟ ° ୵ ଦୁଇଅଣା ମାତ୍ର ।

କଟକ ୨୮।୧।୯୧ } ଶ୍ରୀ ଗୌରୀଶଙ୍କର ସ୍ୱପ୍ନ ସମ୍ପାଦକ ।

# ନୂତନ ପୁସ୍ତକ ।

ବଂ ନ ବା ଲା ନା ଟ କ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପ୍ରତିଖଣ୍ଡକୁ ଟ ° ୷ ବାରଅଣା ମାତ୍ର । ମୋଫସଲ ସକାଶେ ଡାକମାସୁଲ ଟ ୦୧ ୬ ଲାଗିବ ।

# ମେହରୋଗ ।

ତ୍ରିଂଶ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ଚିକିତ୍ସା କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରିବା ନୁହେ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବନ କଲେ ନୂତନ ରୋଗ ଏବଂ ତିନ ସପ୍ତାହ ସେବନ କଲେ ପୁରାତନରୋଗର ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଅଧିକ ... ଚିକିତ୍ସା ଏ ରୋଗ ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧ ବ୍ୟବହାରରେ ଫଳଲାଭ ନ ହେଲେ ମୂଲ୍ୟ ଫେରି ଦିଆଯିବ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶ ହେବ କଲିକତା ଅହେରିଟୋଲା ନଂମ୍ବର ଭବନରେ ଏ, କେ, ସେନ ଙ୍କଠାରେ ଏବଂ କଟକ ତରଗାଟକାରୀ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସପ୍ତାହ ଟ ୨ ଙ୍କା । ପ୍ୟାକିଂ ଓ ଡାକମାସୁଲ ପୃଥକ

Watches! Clocks! Time pieces! Repaired by an efficient workman the premises of the Cuttack Printing Company. Charge moderate.

# ଘଡିମରାମତି ।

ନାନାପ୍ରକାର ଛୋଟ ବଡ଼ ଶୂନ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇଯିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର

Split by PDF Splitter
Digitized by srujanika@gmail.com

ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୧ଲ-ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ ଲକେଟ, ମୁଦି, ପୁଲିସ ସବ୍‌ଇନସପେକ୍ଟର ଓ ଇନସପେକ୍ଟରଙ୍କର କମର-ବେଲ୍ଟ ଓ ଗେର ସାଜ, (ଛମ୍ପାର ଓ ପିତ୍ତଳର ନାନାବିଧ ଅଳଙ୍କାରକୁ ରୂପା ଅବା ସୁନାରେ; ରୂପାର ମୁଦି ଓ ଗେର ଅଳଙ୍କାର ସୁନାରେ) ଗିଲ୍‌ଟି କରି ଦିଆଯିବ ।

କଟକ } ଶ୍ରୀ ଗୌରୀଶଙ୍କର ସାହୁ
୧୬।୪।୧୮୯୧ }

---


ଆୟୁର୍ବେଦୋକ୍ତ

ନୂତନ

## ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବସ୍ଥାର ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ


---


## ବାଲିକାଗଜ ।

ଉତ୍କଳଦୀପିକା ସସ୍ତା ଦରରେ ସଦର କଟକ ଔଷଧ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ତଥା ନଈକଟେ ବାବୁ ଅର୍ଦ୍ଧେନ୍ଦୁ ଦାସ ଲକ୍ଷ୍ମୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—



୧୨ ଖଣ୍ଡ ... ୧୬ ୫ ୯୬ ... ୫ ୧୬ ୫ ୦୪
୧୨ ଖଣ୍ଡ ... ୫ ୨୩ ... ୫ ୦ ୪୦
୨ ଖଣ୍ଡ ... ୫ ୩ ... ୫ ୦ ୪
୨୨ ଖଣ୍ଡ ଡବଲଫୁଲସ୍କେପ୍ ... ୫ ୩ ... ୫ ୦ ୬୭

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ପତ୍ର ଓ ନିବେଦନ ଅନୁସାରେ ଆମ୍ଭମାନଙ୍କ ଦୋକାନରେ ଡବଲ କୋଷା ଓ କଲମ ଓ ରେଶମ ଓ ଗେର ଲୁଗା ଓ ଷ୍ଟେସନରି ଓ କଲମ ଦାନ ଇତ୍ୟାଦି ସବୁ ପ୍ରକାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ୟାନ ଅନ୍ୟ କେତେକ ଦ୍ରବ୍ୟର ଛଡ଼ାମାତ୍ର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲେଜର ଖାତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାତାମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଦରକାର କେବେ ଏକ ସହରକୁ ପ୍ରତି ଦସ୍ତା ୫୦।୫୬ ହିସାବରେ ଦରକାର ଥିଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଖଣ୍ଡ ଖାତାର ଖାତା ଉପରେ ଥିବ । ଖଣ୍ଡ ହେଲେ ଖାତାର ପୁରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତଫସିଲ ।

କଲର ଖେଳଣା ତୀ
ବାକ୍ସରେ ସ୍ୱତ ବେଲେ ଘଣ୍ଟା ।
କଲେଜଖାତ
କଲେଜୀଚ୍ ଚେଇ ଖଚରା
ଖେଳ ସାଦା ଓ ଝୋଲ ସହିତ ।
ରୁଇଂ ଅର୍ଥାତ୍ ନକସା
କରିବା କାଗଜ ପେନ୍‌ସିଲ ଓ କଲମ ।
ପେନସିଲ ଲାଇବା ଏକ ।
ନାନା ପ୍ରକାରର ରଙ୍ଗ କାଗଜ ଓ କମ୍ପାସ
ଚେଷ୍ଟ ବକ୍ସ
ଟେବଲ ଛୁରି ।
ଚଉଦା ଚାକୁ ।
ତାଲାର ସ୍ପ୍ରିଙ୍ଗ ଗୁଡ଼ିକ ରୂପା ସହିତ ହୁଏ ।
ଅଟୋଗ୍ରାଫ ଷ୍ଟେଜ—ଅର୍ଥାତ୍ ସୁନ୍ଦରୀ ଚିତ୍ର ।
ଖେଳ ଦ୍ରବ୍ୟ ।
ଓଷଧର ପୁସ୍ତକ ଉଠା ।
କର୍ପୁର ଅର୍କ ।
କୋଲୋଡାଇନ ।
କାଚ ଗିଲାସ ଓ ଚାଇନା ଓ ଷ୍ଟୀଲ
ସଲ୍ଫି
ଇଙ୍ଗ୍ଲିସ ବୁରୁସ ଓ ଦାନ୍ତ କଳା ବୁରୁସ
ଡେଲବନ ଉପୋଡ ସମ କେସର ଅଭର
ବ, ଘୋଷଙ୍କ ଖେଳନା
ଜାମ୍ନିକ ଓ ବଡ଼ୁକୀ
ଦିଆସିଲି ବାକ୍ସ ଏବଂ ଡାକଘର ।
ଅଟୋମେଟିକ ପେନ୍‌ସିଲ୍ ଅର୍ଥାତ୍ ଏ ପେନସିଲରେ ଲେଡ଼ ଦରକାର ହେଲେ ଦରକାର ପଡ଼ିବା ପେନସିଲ, ଲେଖା ସବୁ ହେବ ବହାନ ଚେରୋଟ ହୁଏ ।
ଗୋମଇବର ଓ ତିବର
ଜେଟ୍‌ଟେର ମେଞ୍ଚ ଓ ତଳ
ସଲେଟ ।
ଡ୍ରାଇଂ ବୋର୍ଡ ଅର୍ଥାତ୍ ସେଥିରେ ଘର ଓ ଚିତ୍ରରେ କରାଯାଏ ।
ଲେଖା ପଟା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ ”
ମୋଜା ଓ ମୋଜାବନ୍ଦ
ଉତ୍ତମ ଏସ ଇନ୍‌ଷ୍ଟ୍ରକ୍ଟ ଯନ୍ତ୍ର ଦ୍ୱାରା
ଖେଳିବା
ଡେସମେଣ୍ଟବୋର୍ଡ ଓ
ତାଙ୍କ ପାଇଁ ଡେଲିଆ ।
ତାସ, ପାଶା ଓ ଖେଳ
ଫୁଟବଲ
ଏଣ୍ଡ୍ରୋମୋନ ଅର୍ଥାତ୍ ଭାଷା ଶିକ୍ଷା ଉପରେ ଅକ୍ଷର ଧରିବା ପାଇଁ ।


## ବିଜ୍ଞାପନ ।

ଏହି ବାଲୁକୁ କୌଣସି ଘାଟରେ ଉକ୍ତ ବାଲୁରେ ଭଲ ଓ ନୂଆ ବାଲୁ ମିଶାଇ ଦେଲେ ଦେଲେ ଯାଣିଗଲା କଟ ହେବ ଗଲାର ମଝିରେ ଲେଣ୍ଡଦେବେ, ମଞ୍ଚରିଲେ ହେବ ଓ ଭିନ ଧରିବ ନାହିଁ ।

କଟକର ଚମଡ଼ା ଓ ସାଜସର ବିକ୍ରି ହେଉ ଅଛି ।

ଅନ୍ନପୂର୍ଣ୍ଣା ଦତ୍ତ କମ୍ପାନୀ

---


ଉତ୍କଳଦୀପିକାରେ ବିଜ୍ଞାପନ ଛାପିବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ସ୍ଥିର ହୋଇଅଛି ଯଥା :—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ୫ ୦୬
ଅକ୍ଷରମାନ ୫ ୨
ପୂର୍ଣ୍ଣ ଏକ ସ୍ତମ୍ଭକୁ ୫ ୪

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ମଧ୍ୟ ତହିଁର ଖର୍ଚ୍ଚ ୫ ୦୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

---

ଏହି ଉତ୍କଳଦୀପିକା ସଦର କଟକ ଉତ୍କଳଯନ୍ତ୍ରରେ ଶ୍ରୀବୃନ୍ଦାବନ ଚନ୍ଦ୍ର ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ଓ ୧୭୬୦ ଟେ


Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୭ ଭା
ସ ୨୧ ସଂଖ୍ୟା

ତା ୨୩ ମଇ ମାଷେ ମଠ ସନ ୧୮୯୧ ଶନିବାର । ମୂ ଜ୍ୟେଷ୍ଠ ୧୧ ଜ ସନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୪

ଅଦ୍ୟ ସ୍ଥଳରେ ସର୍ବଗ୍ରାସୀ ଚନ୍ଦ୍ରଗ୍ରହଣ ହେବ । ଏ ଗ୍ରହଣ ରାତ୍ର ସାଢ଼େ ଦଶଘଣ୍ଟା ସମୟରେ ଆରମ୍ଭ ଏବଂ ଦୁଇପ୍ରହର ଦୁଇଘଣ୍ଟା ସମୟରେ ମୋକ୍ଷ ହେବ । ଏଦିନ ଦିବା ଦ ୧୮।୩୭ ଅର୍ଥାତ୍ ପ୍ରାୟ ଦୁଇପ୍ରହର ଏକଘଣ୍ଟା ଉତ୍ତାରୁ ଅନ୍ନଭୋଜନ ନିଷେଧ ।

---

ଭୁରସ୍କ ଗବର୍ଣ୍ଣମେଣ୍ଟ ସଂକଳ୍ପ କରିଅଛନ୍ତି କି ବସଫରସ ପ୍ରଣାଳୀଉପରେ ଗୋଟିଏ ସେତୁ ନିର୍ମାଣ କରି ଇଉରୋପୀୟତୁରସ୍କ ଓ ଆସିଆ ତୁରସ୍କ ମଧ୍ୟରେ ସ୍ଥଳପଥ ଫିଟାଇଦେବେ ଏ ବାଟ ଫିଟିଲେ ଇଉରୋପ ଓ ଆସିଆମଧ୍ୟରେ ସ୍ଥଳପଥ ହୋଇଯିବ ଓ ତହିଁରେ ରେଲ ବସିଲେ ଗମନାଗମନର ଅଧିକ ସୁବିଧା ହେବ । ସେତୁ ହେଲେ ରେଲବାଟର ଅଧିକ ବିଲମ୍ବ ହେବ ନାହିଁ ।

---

କଟକ ପ୍ରିଣ୍ଟିଂକମ୍ପାନୀର ଅଂଶୀମାନେ ସନ ୧୮୮୯।୯୦ ସାଲ ନିମିତ୍ତ ବାର୍ଷିକ ଶତକଡ଼ା ଟ ୧୨ଙ୍କା ଲେଖାଏଁ ଡିଭିଡେଣ୍ଡ ପାଇବାର ସ୍ଥିର ହୋଇ ଅଛି । ଏ କମ୍ପାନୀ ଆଜକୁ ବ ୨୫ ବର୍ଷ ହେଲା ଟ ୭୨୦୦୧ ଙ୍କା ମୂଳଧନରେ ସ୍ଥାପିତ ହୋଇ ଗତବର୍ଷ ପର୍ଯ୍ୟନ୍ତ ପ୍ରାୟ ୩୭ ହଜାର ଟଙ୍କା ଲାଭ କରି ଅଛି ଏବଂ ତହିଁ ମଧ୍ୟରୁ ୧୯ ହଜାର ଟଙ୍କାରୁ କିଛି ଅଧିକ ଅଂଶିମାନଙ୍କୁ ଲାଭ ଦିଆଯାଇ ଅବଶିଷ୍ଟ ମୂଳଧନସଙ୍ଗରେ ମିଶିଯାଇ ଅଛି ।

—୦୦※୦୦—

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ସମ୍ବାଦ ଦାତାଙ୍କଦ୍ୱାରା ପାଠକଙ୍କୁ ଜଣାଉଅଛୁ ଯେ ବାଲେଶ୍ୱର ବଉଁସଖାଲର ଜମିଦାର ବାବୁ କୈଳାଶଚନ୍ଦ୍ର ମହାଶୟ ଆପଣା ମାତାଙ୍କର ଆଦ୍ୟଶ୍ରାଦ୍ଧ ଉପଲକ୍ଷରେ କୌଣସି ସ୍ଥାୟୀ କୀର୍ତ୍ତି ନିମିତ୍ତ ଏକହଜାରଟଙ୍କା ମାଜିଷ୍ଟ୍ରେଟ ସାହେବଙ୍କଠାରେ ଗଚ୍ଛିତ କରିଅଛନ୍ତି । ଏହି ଟଙ୍କାର ସୁଧରୁ ମାସିକ ଟ ୩ ଙ୍କା ମୂଲ୍ୟର ଗୋଟିଏ ମାଇନର ବା ଭର୍ଣ୍ଣାକୁଲର ଛାତ୍ରବୃତ୍ତି ସ୍ଥାପନ ନିମିତ୍ତ ସହଯୋଗୀ ପରାମର୍ଶ ଦେଇଅଛନ୍ତି । ଏ ପ୍ରସ୍ତାବ ମନ୍ଦ ନୁହଇ ।

---

ଏଠା ଜଜ ଅଦାଲତ ଏବଂ ତହିଁର ଅଧୀନ ମହକୁମାମାନଙ୍କରେ କେତେଜଣ ଅମଲା ଏବଂ ପିୟାଦା ନିଯୁକ୍ତ ହେବାର ଯେଉଁ ବିଜ୍ଞାପନ ଦିଆ ଯାଇଥିଲା ତଦନୁସାରେ ଜ ୭୦ ଜଣରୁ ଅଧିକ ଅମଲାକାର୍ଯ୍ୟ ନିମିତ୍ତ ଏବଂ ପ୍ରାୟ ଜ ୧୬୦ଜଣ ପିୟାଦା ନିମିତ୍ତ ପ୍ରାର୍ଥୀ ହୋଇଥିଲେ । ଗତ ଶନିବାର ଅମଲାପ୍ରାର୍ଥୀଙ୍କ ପରୀକ୍ଷା ଶେଷ ହେଲା ଫଳ ବାହାରି ନାହିଁ । ପିୟାଦାପ୍ରାର୍ଥୀଙ୍କ ମଧ୍ୟରୁ ପ୍ରାୟ ଜ ୭୦ଜଣ ବଛା ହୋଇ ଅଛନ୍ତି । ଅମଲାପ୍ରାର୍ଥୀଙ୍କ ପରୀକ୍ଷା ଇଂରାଜୀଭାଷାରେ ଶ୍ରୁତଲିଖନ, ଅନୁବାଦ, ଅଙ୍କ ଏବଂ ରଚନାରେ ହୋଇ ଥିଲା ।

---

ପୁରୀ ଜଗନ୍ନାଥମନ୍ଦିରର ଜୀର୍ଣ୍ଣସଂସ୍କାରକାରଣ ଚାନ୍ଦା ସଂଗ୍ରହ କରଣାର୍ଥେ ଚଳିତମାସ ତା ୧୬ ରିଖରେ ହାଏଦ୍ରାବାଦଠାରେ ରାଜା ମିରଲମାନସୋର ବାହାଦୂରଙ୍କ ମାଲବାଲା ପ୍ରାସାଦରେ ଗୋଟିଏ ସଭା ହୋଇ ଥିଲା । ରାଜା ବାହାଦୂର ସଭାପତି ସ୍ୱରୂପ ସଭାର ଉଦ୍ଦେଶ୍ୟ ଗୋଟିଏ ସୁନ୍ଦର ବକ୍ତୃତାରେ ପ୍ରକାଶ କରିବାରୁ ଚାନ୍ଦା ସଂଗ୍ରହ ନିମିତ୍ତ ଗୋଟିଏ କମିଟୀ ଗଠିତ ହେଲା ଏବଂ ରାଜା ଶିବରାଜ ଧର୍ମନାଥ ବାହାଦୂର ଏହି କମିଟୀର ସଭାପତି ଏବଂ ଶିବଲାଲ ମୋତିଲାଲ କୋଷାଧ୍ୟକ୍ଷ ମନୋନୀତ ହେଲେ ।

---

ଆମ୍ଭମାନଙ୍କର ଲେଫଟେଣ୍ଟ ଗବର୍ଣ୍ଣରଙ୍କ ଯାତ୍ରା କରି ସେଠାରେ କିଛିଦିନ ବସି ନାହାନ୍ତି । ଏଥିମଧ୍ୟରେ ସେ ସିକିମପ୍ରଦେଶ ଭ୍ରମଣକରିବା କାରଣ ଚଳିତମାସ ତା ୧୨ ରିଖରେ ଯାତ୍ରା କରିଥିଲେ ଏବଂ ଗତ ବୁଧବାର ତା ୨୦ ରିଖରେ ଦାରଜିଲିଂକୁ ଲେଉଟି ଆସିବାର ସ୍ଥିର ହୋଇଥିଲା । ଯେପ୍ରକାର କ୍ରମରେ ସେ ଭ୍ରମଣ କରୁଅଛନ୍ତି ତହିଁରୁ ନିଶ୍ଚୟ ଜଣାଯାଏ ଯେ ଏହିବର୍ଷ ଶେଷପର୍ଯ୍ୟନ୍ତ ସେ ଆପଣା ଅଧୀନସ୍ଥ ସମସ୍ତ ରାଜ୍ୟଖଣ୍ଡ ଭ୍ରମଣ ଶେଷକରିବେ । ଦେଶର ଅବସ୍ଥା ସ୍ୱଚକ୍ଷୁରେ ଦେଖି ଶାସନକାର୍ଯ୍ୟ ନିର୍ବାହ କରିବା ବଡ଼ ପ୍ରଶଂସନୀୟ ଅଟଇ । ଏଥିରେ ବର୍ତ୍ତମାନ ଲେଫ୍ଟେଣ୍ଟଙ୍କର ବଡ଼ ବାହାଦୁରୀ ଅଛି ।

---

Digitized by srujanika@gmail.com

ମିରଞ୍ଜାଇ ଯୁଦ୍ଧ ଶେଷ ହୋଇଅଛି ବଢ଼ ଆନନ୍ଦର ବିଷୟ ଅଟଇ । ସମସ୍ତ ଗୋଲମାଲ ସ୍ଥଗିତ ହେବାରୁ ଇଂରାଜସେନା ବାହୁଡ଼ି ଆସିବାର ଆରମ୍ଭ ହୋଇ ଅଛି । ଶତ୍ରୁମାନେ ଇଂରାଜଙ୍କର ଯେ ସମସ୍ତ ଦ୍ରବ୍ୟ ଅପହରଣ କରିଥିଲେ ଲେଉଟାଇ ଦେଇ ଅଛନ୍ତି ଏବଂ ବନାଅପତ୍ତିରେ ଏକହଜାରଟଙ୍କା ଅର୍ଥଦଣ୍ଡ ଦେଇ ଅଛନ୍ତି । ଗ୍ରାମବାସିମାନେ ଆପଣା୨ ଘରକୁ ଫେର ଆସିବାର ଅନୁମତି ପାଇବାରୁ ଶାନ୍ତଭାବରେ ସାମାନା ପର୍ବତଶ୍ରେଣୀର ଉତ୍ତର ଦକ୍ଷିଣସ୍ଥ ଗ୍ରାମମାନଙ୍କରେ ବସତି କରୁ ଅଛନ୍ତି । ଇଂରାଜଙ୍କ ଥାନାମାନ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଦୁଇ ତିନ ପଲଟନ ଦେଶୀୟ ପଦାତିକ ଏବଂ ଏକଦଳ ଦେଶୀୟ ଗୋଲନ୍ଦାଜ ସେଠାରେ ରହିବାର ସ୍ଥିର ହୋଇ ଅଛି ।

---

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ବଙ୍ଗନାଗପୁରଦେଶୀୟ ରେଲବଖାନାଙ୍କ ପ୍ରସ୍ତାବ ଗବର୍ଣ୍ଣମେଣ୍ଟ ମଞ୍ଜୁର କରଅଛନ୍ତି । କେବଳ ସର୍କାରଙ୍କ ଧାର୍ଯ୍ୟ ଅନୁସାରେ ଆଦେଶ ବାହାରିବାର ସାମାନ୍ୟ ବିଳମ୍ବ ଥିବାରୁ ରେଜଲ୍ୟୁସନ ପ୍ରସ୍ତୁତ କରିବାର ସେପ୍ଟେମ୍ବର ଗେଜେଟରେ ପ୍ରକାଶ ହୋଇ ନାହିଁ । ଏଣେ କମ୍ପାନୀ କାର୍ଯ୍ୟାରମ୍ଭର ସମସ୍ତ ଆୟୋଜନ କରୁ ଅଛନ୍ତି ଗେଜେଟରେ ପ୍ରକାଶ ହେବାମାତ୍ରକେ କାର୍ଯ୍ୟରେ ପ୍ରବୃତ୍ତ ହେବେ । ଉକ୍ତ ଷ୍ଟେସନଗଙ୍ଗ ରେଲବାଟ ନିର୍ମାଣ ହୋଇ ଲାଭଜନକ ହେଲେ ବଙ୍ଗଷୁଦେଶୀୟ ରେଲବଖାନାର ଅର୍ଥ ଓ ଯଶ ଏବଂ ବାଲେଶ୍ୱର ଜିଲ୍ଲାର ନିତ୍ୟକେ ଏବଂ ଏହି ଫଳ ଦେଖି ଏ ଦେଶୀୟ ଲୋକମାନେ ଏପ୍ରକାର ଅନ୍ୟ କେତେକ କମ୍ପାନୀ ସୃଷ୍ଟି କରିବାକୁ ସହବାନ ହେବେ ।

---

ରୁଷସ୍ତବରାଜ ପୃଥିବୀ ଭ୍ରମଣ କରିବା ଉଦ୍ଦେଶରେ ଯାତ୍ରା କରି ଭାରତବର୍ଷ ଲଙ୍କା ପ୍ରଭୃତ ଅନେକ ଦେଶ ଦର୍ଶନ କରି ଅବଶେଷ ଜାପାନରାଜ୍ୟରେ ପ୍ରବେଶ ହୋଇଥିଲେ । ଉକ୍ତ ରାଜ୍ୟର କାଇଓଷ୍ଟୋ ନଗରରେ ଗୋଟିଏ ସୁନ୍ଦର ହ୍ରଦ ଅଛି । ସେହି ହ୍ରଦ ଦେଖୁବା ସମୟରେ ଜଣେ ପୁଲିସ କର୍ମଚାରୀ ହଠାତ୍ ତରବାରି ଦ୍ୱାରା ତାହାଙ୍କ ମୁଣ୍ଡରେ ଆଘାତ କଲା । ଅନ୍ୟଥର ଆଘାତ କରିବା ସମୟରେ ରୁଷସ୍ତବରାଜଙ୍କ ସଙ୍ଗେ ଥିବା ଗ୍ରିସ ଯୁବରାଜ ତାହାର ହାତ ଧର ପକାଇବାରୁ ସେ ଆଘାତ ପଡ଼ି ପାରଲା ନାହିଁ । ପ୍ରଥମ ଆଘାତ ଗୁରୁତର ନୁହଇ ଏବଂ ତଦ୍ଦ୍ୱାରା ଯୁବରାଜଙ୍କର ଭ୍ରମଣର ବାଧା ହେବ ନାହିଁ । ଆଘାତକାରୀ ପାଗଲ ବୋଲି କଥିତ ହୁଅଇ । ଭାରତବର୍ଷରେ ଏପରି ଦୁର୍ଘଟନା ଘଟିଥିଲେ କେତେ ସନ୍ଦେହର କଥା ଉଠିଥାନ୍ତା ।

—※—

ହାଇଦରାବାଦର ମିର ମୁନସୀ ପଣ୍ଡିତ ସିରୁ କଲକତାନଗରକୁ ଆଗମନ କରିବାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି । କୁଷ୍ଠରୋଗ ଆରୋଗ୍ୟ କରିବାର ପ୍ରକୃତ ଔଷଧ ଏହାଙ୍କଠାରେ ଅଛି ଏବଂ ଯେ ସମସ୍ତ ରୋଗ ଅସାଧ୍ୟ ବୋଲି ଡାକ୍ତରମାନେ ଛାଡ଼ି ଦେଇଅଛନ୍ତି ତାହା ସବୁ ଆରୋଗ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି । କଲିକତା ବଡ଼ବଜାର ବଡ଼ତଲଷ୍ଟ୍ରିଟ ନ ୭୯ ମ୍ବର ଭବନରେ ପଣ୍ଡିତ ମହାଶୟ ବସା କରି ଆପଣାର ଚିକିତ୍ସାର ଗୁଣ ଦେଖାଇବାକୁ ଲେଗୁଅଛନ୍ତି । ହାଇଦରାବାଦରେ ସେ କେତେକ ରୋଗିଙ୍କି ଭଲ କରି ଅଛନ୍ତି ମାତ୍ର ଡାକ୍ତର ଲାଉରଙ୍କ ସହିତ ମତ ନ ମିଳିବାରୁ ସେଠାରୁ କଲିକତାକୁ ବାହାର ଆସି ଅଛନ୍ତି । ଯାହା ହେଉ ତାହାଙ୍କର ପୁଣ ଚିକିତ୍ସାରେ କେତେଜଣ ରୋଗିଙ୍କି ତାହାଙ୍କ ତତ୍ତ୍ୱାବଧାନରେ ରଖା ଯାଇ ଅଛି ଏବଂ ଏହା ସଫଳ ହେଲେ ତାହାଙ୍କର ସମ୍ମାନର ସୀମା ରହିବ ନାହିଁ ।

---

ଏଠା କଲେକ୍ଟର ସାହେବଙ୍କ ମହଲୁମାର କଳେକ୍ଟରି ସିରସ୍ତାରେ ପୁରୁଣା କୋର୍ଟଫିସ ବ୍ୟବହାର କରିବାହାର ସରକାରୀ ପାଉଣା ଅସୁସାରୁ କରିଥିବା ଇତ୍ୟାଦ କାଣ୍ଡର ଅନୁସନ୍ଧାନ ସିରସ୍ତାଦାର ବାବୁ ଜଗତବନ୍ଧୁ ଘୋଷ କରୁଥିଲେ । ତହିଁରେ ପ୍ରକାଶ ପାଇଲା ଯେ ମହାଫିଜଖାନାର ପୁରୁଣା ନଥିର ହେନ ହୋଇଥିବା କୋର୍ଟଫିସ ଷ୍ଟିକଟ ମାନ ବାହାର ହୋଇ ନକଲ ଦରଖାସ୍ତର ନୂତନ ଆରଜିରେ କୋର୍ଟଫିସମାନ ଛୁଟିଯାଇ ତହିଁ ବଦଳରେ ବସିଅଛି । ଏଥି ପାଇଁ ଉକ୍ତ ସିରସ୍ତାରେ କାର୍ଯ୍ୟ କରୁଥିବା ନିତ୍ୟାନନ୍ଦଦାସ ଏବଂ ଚିନ୍ତାମଣି ମହାମହାପାତ୍ର ଦୁଇଜଣ ଆମଲା ଓ ଯାହାଙ୍କର ଦସ୍ତଖତ ସେ ସବୁ କୋର୍ଟଫିସରେ ଥିଲା ସେମାନେ ପ୍ରାୟ ଦୁଇମାସ ହେଲା ସସପେଣ୍ଡ ହୋଇଥିଲେ । ଶ୍ରୀଯୁକ୍ତ କଲେକ୍ଟର ସାହେବ ତାହାଙ୍କର ଜବାବ ନେଇ ଫଉଜଦାରୀ ସୁପର୍ଦ କରିବାର ଆଦେଶ ଦେବାରୁ ଗତ ବୁଧବାର ମୋକଦମା ଦାଏର ହୋଇ ଆସାମିମାନଙ୍କ ନାମରେ ୱାରେଣ୍ଟ ହେଲା ଏବଂ ତହିଁଅନ୍ତେ ସେମାନେ ହାଜର ହେବାରୁ ଶ୍ରୀଯୁକ୍ତ ସେଲ ସାହେବ ଡେପୁଟିମାଜିଷ୍ଟ୍ରେଟ ସେମାନଙ୍କୁ ହାଜତରେ ଦେଇ ଆଗାମି ମାସ ତା ୪ ଋଖ ଧାର୍ଯ୍ୟ କରିଅଛନ୍ତି ।

---

ବନାରସରେ ରାମନଗରର ଯେଉଁ ପ୍ରକାର ହଙ୍ଗାମା ହୋଇଥିଲା କଲିକତା ସାମବଜାରରେ ଗତ ଶନିବାର ଏକ ମସଜିଦ ହେତୁ ତଦପେକ୍ଷା ଅତି ଗୁରୁତର ହଙ୍ଗାମା ହୋଇ ଯାଇଅଛି । ବର୍ତ୍ତମାନ ସ୍ଥାନାଭାବରୁ ଏଥିର ସବିଶେଷ ବୃତ୍ତାନ୍ତ ଆଗାମି ସପ୍ତାହପର୍ଯ୍ୟନ୍ତ ରଖିଦେବାକୁ ବାଧ୍ୟ ହେଲୁଁ । ଫଳ କଥା ଏହି କି ଅଦାଲତର ଡିକ୍ରୀକ୍ରମେ ମସଜିଦ ଭଙ୍ଗା ହେବାର ଥିବାରୁ ସେଠା ମଜୁଲଶ ପ୍ରାୟ ଦୁଇ ହଜାର ମୁସଲମାନ ବଦମାସ ସଙ୍ଗ୍ରହ କରି ପୁଲିସକୁ ଲଠି ଓ ଟେଙ୍କାହାଣ ପ୍ରହାର କରନ୍ତେ ସମ୍ବାଦ ପାଇ ପୁଲିସକମିସ୍ନର ଓ ତାହାଙ୍କ ଡେପୁଟୀ ଅନେକ ସଂଖ୍ୟକ ଇଉରୋପୀୟ ଏବଂ ଦେଶୀୟ ପୁଲିସ ଦଳ ସହିତ ଅତ୍ୟନ୍ତ ବିଚକ୍ଷଣତାସହିତ ବଦମାସମାନଙ୍କ ଆକ୍ରମଣ ଉପରେ ପ୍ରାୟ ଦୁଇ ଘଣ୍ଟା ଯୁଦ୍ଧ କରିବାରୁ ସେମାନଙ୍କୁ ହଟାଇ ଦେଲେ ଏବଂ ଏଥିମଧ୍ୟରେ ବନ୍ଧୁକ ଗୁଳି ବନ୍ଧୁକ ଯେଉଁ ଅରେଲିଆନ ସିପାହି ଅସିଥିଲେ ମାତ୍ର ହଙ୍ଗାମା ଶେଷ ହେବାରୁ ବାହୁଡ଼ି ଲେଉଟି ଗଲେ । ହଙ୍ଗାମାକାରୀଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ ପୁଲିସଦ୍ୱାରା ଗିରଫ୍ତାର ହୋଇଅଛନ୍ତି ତହିଁମଧ୍ୟରୁ ୪୦ ଜଣ ଆହତ ହୋଇଥିବାରୁ ହାସପାତାଲରେ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅନ୍ତତଃ ୩୦ ଜଣଙ୍କର ବଞ୍ଚିବାର ଆଶା ନାହିଁ । ଏଣେ ପୁଲିସଦଳମଧ୍ୟରୁ ଅନେକ ଇନସ୍ପେକ୍ଟର ଏବଂ ଇଉରୋପୀୟ ଓ ଦେଶୀୟ କନଷ୍ଟେବଲ ଆଘାତ ପାଇଅଛନ୍ତି ତହିଁମଧ୍ୟରୁ କେତେଜଣଙ୍କର ବଞ୍ଚିବାର ଆଶା ନାହିଁ । ସ୍ୱୟଂ ପୁଲିସକମିସ୍ନର ମଧ୍ୟ ଭାରି ଆଘାତ ପାଇଅଛନ୍ତି ।

---

ଏଥିପୂର୍ବେ ବମ୍ବେଇରେ ଜଣେ ଦରିଦ୍ର ସ୍ତ୍ରୀ ଲୁଣହାଣ୍ଡିରେ ତାହାର ପିଲା ପାଣି ପକାଇଦେବାରୁ ସେ ହାଣ୍ଡି ଚଉଁରେ ବସାଇ ଲୁଣ ସୁଖାଇ ଥିଲା ବୋଲି ଲୁଣ ମାଡକା ଅପରାଧରେ ଦଣ୍ଡନୀୟ ହୋଇଥିବା କଥା ପାଠକମାନଙ୍କୁ ଜଣାଇ

Split by PDF Splitter
Digitized by srujanika@gmail.com